


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 • ISSUE-326 • BHUBANESWAR • SUNDAY • 25 MAY 2025 • PAGE-12 • ₹ 6.00 | PANIKOILI | • ବର୍ଷ-୪୨ • ସଂଖ୍ୟା-୩୨୬ • ଭୁବନେଶ୍ୱର • ରବିବାର • ୨୫ ମେ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦ (ସିନ୍ଦୂରା ସହ)



SARASWATI GROUP OF INSTITUTIONS CUTTACK ESTD.-2012

# SARASWATI
## GROUP OF INSTITUTIONS

## STATE SCIENCE TOPPER CHSE - 2025



97.67% BINIT MOHANTY Mark-586

95.50% RITESH KU. MALLA Mark-573

94.50% SUNITA SAHOO Mark-567



DR. DEBADATTA SWAIN CHAIRMAN



DR. BISWAJIT TRIPATHY PRINCIPAL

94.33% TANDRA M. MOHANTY Mark-566

94.33% MITALI BEHERA Mark-566

93.83% BHAGYASHREE BEHERA Mark-563

93.67% NAFISHA PARWEEN Mark-562

93.17% LIPSA ROUT Mark-559

93.00% GOPINATH SAR Mark-558

92.50% RUTURANI ROUT Mark-555

92.33% DEEPYASHREE MOHAPATRA Mark-554

92.00% GAYATRI MISHRA Mark-552

91.50% ARPITA SAHOO Mark-549

91.50% OM PRAKASH KAR Mark-549

91.50% PRITAM PRIYADARSHY Mark-549

91.33% SMRUTI SA. MOHANTY Mark-548

91.33% SOMYA RN. SAHOO Mark-548

91.33% SOAYAMSHREE SAHOO Mark-548

91.33% TANUSHREE ROUT Mark-548

91.17% TANISKA PANDA Mark-547

91.17% TATHASTU NATH Mark-547

90.83% JASMIN BISWAL Mark-545

90.83% RASHMI RN PATRA Mark-545

90.50% OM PRAKASH BEHERA Mark-543

90.50% SIBANI PRI. DAS Mark-543

90.33% POOJALIN DAS Mark-542

90.33% BHABESH MISHRA Mark-542

90.17% SASANKA SE. SAHOO Mark-541

90.17% ABINASH DAKUA Mark-541

## ADMISSION OPEN 2025-26
## +2 Science
A Day-Cum Residential

## +3 SCIENCE
Under Utkal University

HONOURS SEATS

| | | | |
|---|---|---|---|
| PHYSICS | - 16 | COMP. SCIENCE | - 24 |
| CHEMISTRY | - 24 | BOTANY | - 16 |
| MATHEMATICS | - 08 | ZOOLOGY | - 16 |
| GEOLOGY | - 24 | | |

## BSc. ITM (32 Seats)
Under Utkal University

## CHSE RESULT - 2025 (99.99%)

Integrated Coaching for
**NEET, JEE-MAIN**
by Expert Faculties

ABOVE 90% - 29

ABOVE 80% - 120

1ST DIVISION - 349 / 2ND DIVISION - 50


3RD DIVISION - 03

SGI always improve Marks in +2 Sc.
Compare 10th Mark with +2 Sc. Mark

| CHSE Roll No. | Name of Students | Marks Secured | % of Mark in +2 | % of Mark in 10th |
|---|---|---|---|---|
| 302CZ297 | BINIT MOHANTY | 586 | 97.67 | 92.01 |
| 302CZ279 | RITESH KUMAR MALLA | 573 | 95.50 | 91.83 |
| 302CZ317 | SUNITA SAHU | 567 | 94.50 | 92.17 |
| 302CZ014 | TANDRA MINAKSHI MOHANTY | 566 | 94.33 | 94.17 |
| 302CZ043 | MITALI BEHERA | 566 | 94.33 | 93.83 |
| 302CZ162 | BHAGYASHREE BEHERA | 563 | 93.83 | 92.17 |
| 302CZ370 | NAFISHA PARWEEN | 562 | 93.67 | 86.17 |
| 302CZ005 | LIPSHA ROUT | 559 | 93.17 | 92.17 |
| 302CZ001 | GOPINATH SAR | 558 | 93.00 | 93.05 |
| 302CZ259 | RITURANI ROUT | 555 | 92.50 | 90.01 |
| 302CZ124 | DEEPYASHREE MOHAPATRA | 554 | 92.33 | 91.33 |
| 302CZ307 | GAYATRI MISHRA | 552 | 92.00 | 86.50 |
| 302CZ034 | ARPITA SAHOO | 549 | 91.50 | 85.83 |
| 302CZ221 | OM PRAKASH KAR | 549 | 91.50 | 59.14 |
| 302CZ303 | PRITAM PRIYADARSHY | 549 | 91.50 | 84.33 |
| 302CZ068 | SMRUTI SANGITA MOHANTY | 548 | 91.33 | 91.50 |
| 302CZ330 | SOUMYA RANJAN SAHOO | 548 | 91.33 | 74.00 |
| 302CZ380 | SWAYAMSHREE SAHOO | 548 | 91.33 | 82.83 |
| 302CZ412 | TANUSHREE ROUT | 548 | 91.33 | 88.67 |
| 302CZ213 | TANISKA PANDA | 547 | 91.17 | 85.83 |
| 302CZ375 | TATHASTU NATH | 547 | 91.17 | 90.00 |
| 302CZ028 | JASMIN BISWAL | 545 | 90.83 | 82.00 |
| 302CZ037 | RASHMI RANJAN PATRA | 545 | 90.83 | 93.17 |
| 302CZ109 | OMM PRAKASH BEHERA | 543 | 90.50 | 85.67 |
| 302CZ168 | SHIBANI PRIYADARSHANI DAS | 543 | 90.50 | 86.50 |
| 302CZ010 | PUJALIN DAS | 542 | 90.33 | 86.50 |
| 302CZ222 | BHABESH MISHRA | 542 | 90.33 | 81.07 |
| 302CZ077 | SASANKA SEKHAR SAHOO | 541 | 90.17 | 88.67 |
| 302CZ136 | ABINASH DAKUA | 541 | 90.17 | 85.33 |
| 302CZ026 | ABHINANDAB SAHOO | 538 | 89.60 | 80.00 |
| 302CZ149 | BISWAMITRA DASH | 537 | 89.50 | 85.83 |
| 302CZ315 | SOUMYA RN. DALAI | 539 | 89.83 | 72.50 |









**Admission Contact : 8260700307, 8260583744, 7609091223, 8895429620**

**CAMPUS : TRISULIA, BELAGACHHIA, CUTTACK-45. H.O. : ARUNODOYA MARKET, LINK ROAD, CUTTACK-12**




# ବଲିଉଡ୍ ଅଭିନେତା ମୁକୁଲ ଦେବଙ୍କ ପରଲୋକ

ନୂଆଦିଲ୍ଲୀ,୨୪।୫(ଏଜେନ୍ସି): ବଲିଉଡର ଜଣାଶୁଣା ଅଭିନେତା ମୁକୁଲ ଦେବଙ୍କ ଶନିବାର ସକାଳେ ପରଲୋକ ହୋଇଛି। ଗତ କିଛି ଦିନ ଧରି ସେ ଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲା ବେଳେ ଏଠାରେ ତାଙ୍କର ଦେହାନ୍ତ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୫୪ ବର୍ଷ ହୋଇଥିଲା। ମୁକୁଲ ବହୁ ବର୍ଷ ଧରି ବଲିଉଡ୍ ଜଗତ ସହ କାର୍ଯ୍ୟ କରିଥିଲେ। ତାଙ୍କ ଦ୍ୱାରା ଅଭିନିତ 'ସନ ଅଫ୍ ସର୍ଦ୍ଦାର', ୟମଲା ପଗଲା ଦିୱାନା ଏବଂ ଜୟହୋ ଭଳି କିଛି ଫିଲ୍ମ ଦର୍ଶକ ମହଲରେ ବେଶ ଆଦୃତ ହୋଇଥିଲା। ତାଙ୍କର ମୃତ୍ୟୁ ଖବର ପାଇ ବଲିଉଡ୍ ଜଗତରେ ଶୋକ ଖେଳିଯାଇଛି। ବହୁ ନାମୀଦାମୀ ଅଭିନେତା ସେମାନଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୁକୁଲଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି । ମୁକୁଲ ୧୯ ୯୬ରେ ପ୍ରସାରିତ ଟେଲିଭିଜନ ଧାରାବାହିକ 'ମୁମକିନ୍' ରୁ ନିଜର କ୍ୟାରିୟର ଆରମ୍ଭ କରିବା ସହିତ ସେହିବର୍ଷ ' ଦସ୍ତକ' ଫିଲ୍ମରେ ମଧ୍ୟ ଅଭିନୟ କରିଥିଲେ। ଏହା ପରେ ପରେ ସେ ବଲିଉଡ୍‌ରେ ପ୍ରବେଶ କରିବା ସହିତ ସଲମାନ ଖାନ ଏବଂ ଅଜୟ ଦେବଗନଙ୍କ ସହିତ ବହୁ ଫିଲ୍ମରେ କାର୍ଯ୍ୟ କରିଥିଲେ। ମୁକୁଲ ଦେବଙ୍କ ଜନ୍ମ ଜଲନ୍ଧର ନିକଟସ୍ଥ ଏକ ଗାଁରେ ପଞ୍ଜାବୀ ପରିବାରରେ ହୋଇଥିଲା। ତାଙ୍କ ବାପା ହରିଦେବ ପୁଲିସ ସହାୟକ କମିସନର ଭାବେ କାର୍ଯ୍ୟ କରିଥିଲା ବେଳେ ସେ ମୁକୁଲଙ୍କୁ ଆଫଗାନ ସଂସ୍କୃତି ସହିତ ପରିଚିତ କରାଇଥିଲେ। ହରିଦେବ ପାସ୍ତୋ ଏବଂ ପାର୍ସି ଭାଷା କହିପାରୁଥିଲେ। ମୁକୁଲ ୮ମ ଶ୍ରେଣୀରେ ପଢୁଥିଲା ବେଳେ ମାଇକେଲ୍ ଜ୍ୟାକ୍‌ସନ୍‌ଙ୍କୁ ଅନୁକରଣ କରି ଦୂରଦର୍ଶନର ଏକ ଡ୍ୟାନ୍ସ ଶୋ'ରେ ପ୍ରଦର୍ଶନ କରିଥିଲେ। ଶନିବାର ସନ୍ଧ୍ୟାରେ ନୂଆଦିଲ୍ଲୀର ନିଜାମୁଦ୍ଦିନସ୍ଥିତ ଦୟାନନ୍ଦ ମୁକ୍ତି ଧାମ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ଜାତିସଂଘରେ ପୁଣି ପାକିସ୍ତାନକୁ ଘେରିଲା ଭାରତ

# ପାକିସ୍ତାନକୁ ସିନ୍ଧୁ ଜଳ ବନ୍ଦ କରାଯିବା ଯଥାର୍ଥ

ୱାଶିଂଟନ୍,୨୪।୫(ଏଜେନ୍ସି): ପହଲଗାମ ଘଟଣା ପରେ ଆତଙ୍କବାଦ ବିରୋଧୀ ଲଢେଇକୁ ନେଇ ଭାରତ ପାକିସ୍ତାନକୁ ବିଭିନ୍ନ ମଞ୍ଚରେ ଘେରିଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏବେ ବି ସ୍ଥିତି ସ୍ୱାଭାବିକ ହୋଇ ନଥିବା ବେଳେ ଶନିବାର




**ଆତଙ୍କବାଦୀ ଆକ୍ରମଣରେ ୨୦ହଜାରରୁ ଅଧିକ ଭାରତୀୟଙ୍କ ମୃତ୍ୟୁ ହୋଇଛି**

ଭାରତ ଜାତିସଂଘରେ ପାକିସ୍ତାନର ପ୍ରକୃତ ଚେହେରାକୁ ଦର୍ଶାଇ ବର୍ଷିଛି। ଅପରେସନ ସିନ୍ଦୂର ପରେ ଏବେ ସିନ୍ଧୁ ନଦୀ ଜଳ ବନ୍ଦକୁ ନେଇ ପାକିସ୍ତାନ ବାରମ୍ବାର ଭାରତକୁ ଧମକ ଦେବାରେ ଲାଗିଛି। ଏହାଛଡ଼ା ବିଭିନ୍ନ ମଞ୍ଚରେ ପାକିସ୍ତାନ ସରକାର ଭାରତ ବିରୋଧରେ ମିଥ୍ୟାରୋପ କରି ଫେରାଦ ହୋଇଛନ୍ତି। କିନ୍ତୁ ପାକିସ୍ତାନର ଏହି ଆଭିମୁଖ୍ୟକୁ ଭାରତ ଶନିବାର ଜାତିସଂଘରେ ପାକିସ୍ତାନକୁ ଭର୍ତ୍ସନା କରିବା ସହିତ ସିନ୍ଧୁ ଜଳ ଚୁକ୍ତିନାମା ଉପରେ ରୋକ୍ ଲଗାଇ ପାକିସ୍ତାନକୁ ପାଣି ବନ୍ଦ କରାଯିବା ଯଥାର୍ଥ ବୋଲି କହିଛି। ଭାରତ ଚୁକ୍ତିନାମା ଉଲ୍ଲଂଘନ ପାଇଁ ପାକିସ୍ତାନକୁ ଦାୟୀ କରିଛି । ପାକିସ୍ତାନ ଭାରତ ବିରୋଧରେ ବିଗତ ଦିନରେ ତିନି ତିନୋଟି ଯୁଦ୍ଧ କରିବା ସହିତ ଆତଙ୍କବାଦୀ ଆକ୍ରମଣ କରି ଚୁକ୍ତିନାମାର ଉଲ୍ଲଂଘନ କରିଛି। କିନ୍ତୁ ଅନ୍ୟପଟେ ଭାରତ ବିରୋଧରେ ମିଥ୍ୟାରୋପ କରିଚାଲିଛି। ତେବେ ଭାରତ ପାକିସ୍ତାନର ଏହି ସମସ୍ତ ମିଥ୍ୟା ଆରୋପକୁ ଦୃଢ ଭାବେ ପ୍ରତ୍ୟାଖ୍ୟାନ କରୁଛି ଏବଂ ଭାରତୀୟଙ୍କ ରକ୍ତ ବୁହାଇଥିବା ଶକ୍ତିକୁ ଆମେ ପାଣି ଦେଇପାରିବୁ ନାହିଁ ବୋଲି ଜାତିସଂଘରେ ଅବସ୍ଥାପିତ ଭାରତର ସ୍ଥାୟୀ ପ୍ରତିନିଧି ପି ହରିଶ କହିଛନ୍ତି। ସେ କହିଛନ୍ତି ଯେ ସିନ୍ଧୁ ଜଳ ଚୁକ୍ତିନାମାକୁ ନେଇ ପାକିସ୍ତାନ ବିଭିନ୍ନ ମହଲରେ ଭୁଲ ତଥ୍ୟ ପ୍ରସାର କରୁଛି। ଏଥିପାଇଁ ପାକିସ୍ତାନ ସରକାର ସୁଚିନ୍ତିତ ଅଭିଯାନ ଚଳାଇଛନ୍ତି। କିନ୍ତୁ ଭାରତ ଏହାକୁ ବିରୋଧ କରିବା ସହିତ ଏଥିପ୍ରତି ଜବାବ ଦେବାକୁ ବାଧ ହୋଇଛି। ଭାରତ ଏକ ଦାୟିତ୍ୱପୂର୍ଣ୍ଣ ଦେଶ ଭାବେ ସବୁବେଳେ ଦାୟିତ୍ୱପୂର୍ଣ୍ଣ ଆଚରଣ ନିଭାଇ ଆସିଛି। ହରିଶ କହିଛନ୍ତି ଯେ, ଭାରତ ସଦଭାବନା ଏବଂ ବନ୍ଧୁତା ଆଧାରରେ ସିନ୍ଧୁ ଜଳ ଚୁକ୍ତିନାମାକୁ ଗ୍ରହଣ କରିଥିଲା। କିନ୍ତୁ ବିଗତ ୬୫ ବର୍ଷ ମଧ୍ୟରେ ପାକିସ୍ତାନ କେବେବି ବନ୍ଧୁତାର ଆଚରଣ ଦେଖାଇ ନାହିଁ। ଏହି ଦୀର୍ଘ କାଳ ମଧ୍ୟରେ ପାକିସ୍ତାନ ଭାରତ ଉପରେ ହଜାର ହଜାର ଆତଙ୍କବାଦୀଙ୍କ ଦ୍ୱାରା ଆକ୍ରମଣ କରିଛି। ଗତ ୪୦ ବର୍ଷ ମଧ୍ୟରେ ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣରେ ୨୦ ହଜାରରୁ ଅଧିକ ଭାରତୀୟ ପ୍ରାଣ ହରାଇଛନ୍ତି। ପହଲଗାମ ଏହାର ସଦ୍ୟତମ ପ୍ରମାଣ ବୋଲି ହରିଶ କହିଛନ୍ତି। ଭାରତ ପୂର୍ବରୁ ସବୁବେଳେ ସଂଯମତା ରକ୍ଷା କରିବା ସହିତ ଉଦାରତା ଦେଖାଇ ଆସିଥିଲା। କିନ୍ତୁ ଏବେ ଦେଶ ବଦଳି ଯାଇଛି। ନୂଆ ଭାରତ କୌଣସି ସ୍ତରରେ ଆତଙ୍କବାଦକୁ ବରଦାସ୍ତ କରିବ ନାହିଁ ଏବଂ ଏହାକୁ ପ୍ରୋତ୍ସାହନ ଦେଉଥିବା ଶକ୍ତିକୁ ଉଚିତ ଶିକ୍ଷା ଦେବ ବୋଲି ହରିଶ କହିଛନ୍ତି। ପାକିସ୍ତାନ କେବଳ ସୀମାରେ ଆତଙ୍କବାଦୀ ଆକ୍ରମଣ କରି ନାହିଁ ବରଂ ଭାରତ ଦ୍ୱାରା ଆରମ୍ଭ ହୋଇଥିବା ବିଭିନ୍ନ ପ୍ରକଳ୍ପକୁ ମଧ୍ୟ ଟାର୍ଗେଟ କରିଛି। ଯାହା ଶକ୍ତି ଉତ୍ପାଦନ ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଗମ୍ଭୀର ପ୍ରଭାବ ପକାଇଛି ବୋଲି ସେ କହିଛନ୍ତି।

■ ଜଷ୍ଟିସ୍ ଅଭୟ ଓକାଙ୍କ ଅବସରକାଳୀନ ବାର୍ତ୍ତା

# ସୁପ୍ରିମକୋର୍ଟର ପ୍ରଧାନବିଚାରପତି କୈନ୍ଦ୍ରିକ ଛବି ବଦଳିବା ଦରକାର



ନୂଆଦିଲ୍ଲୀ,୨୪।୫(ଏଜେନ୍ସି): ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଅଭୟ ଓକା ଶୁକ୍ରବାର କାର୍ଯ୍ୟରୁ ଅବସର ନେଇଛନ୍ତି।ବିଦାୟକାଳୀନ ସଭାରେ ଯୋଗ ଦେଇ ଜଷ୍ଟିସ୍ ଓକା ସୁପ୍ରିମକୋର୍ଟର କାର୍ଯ୍ୟ ପରିଚାଳନା ଶୈଳୀ ଏବଂ ପ୍ରଧାନବିଚାରପତି କେନ୍ଦ୍ରିକ ଛବିକୁ ନେଇ ବଡ଼ ବାର୍ତ୍ତା ଦେଇଛନ୍ତି। ଦେଶର ସର୍ବୋଚ୍ଚ ନ୍ୟାୟାଳୟ କେବଳ ପ୍ରଧାନବିଚାରପତି କେନ୍ଦ୍ରିକ ଛବି ସହ କାର୍ଯ୍ୟ କରିବା ଉଚିତ ନୁହେଁ। ବରଂ ସମାବେଶୀ ଏବଂ ଏକ ଗଠନମୂଳକ ଢଙ୍ଗରେ କାର୍ଯ୍ୟ କରିବା ଦରକାର। ହାଇକୋର୍ଟ ବିଭିନ୍ନ କମିଟି ଏବଂ ସ୍ଥାୟୀ ରୋଷ୍ଟର ମାଧ୍ୟମରେ କାର୍ଯ୍ୟ କରିଥିଲା ବେଳେ ସୁପ୍ରିମକୋର୍ଟ କେବଳ ପ୍ରଧାନବିଚାରପତିଙ୍କୁ କେନ୍ଦ୍ର କରି କାର୍ଯ୍ୟ କରୁଛି। ଏଭଳି ଶୈଳୀରେ ପରିବର୍ତ୍ତନ ହେବା ଦରକାର ବୋଲି ଜଷ୍ଟିସ୍ ଓକା କହିଛନ୍ତି। ଦେଶରେ ସର୍ବୋଚ୍ଚ ନ୍ୟାୟାଳୟ ଭାବେ ସୁପ୍ରିମକୋର୍ଟରେ ଦେଶର ବିଭିନ୍ନ ଭାଗରୁ ୩୪ ବିଚାରପତି ନିଯୁକ୍ତି ପାଇ କାର୍ଯ୍ୟ କରୁଛନ୍ତି। ତେଣୁ କେବଳ ପ୍ରଧାନବିଚାରପତିଙ୍କୁ ମୁଖ୍ୟ କରି କାର୍ଯ୍ୟ କରାନଯାଇ ସମାବେଶୀ ତରିକାରେ କାର୍ଯ୍ୟ ହେବା ଦରକାର ବୋଲି ସେ କହିଛନ୍ତି।

### ଆତଙ୍କବାଦକୁ ନିନ୍ଦା; ଫତ୍‌ୱା ଜାରିକଲେ ମୁଖ୍ୟ ଇମାମ

# ମୃତ ଆତଙ୍କବାଦୀଙ୍କୁ ଭାରତ ମାଟିରେ ଦିଆଯିବନି କବର

ନୂଆଦିଲ୍ଲୀ,୨୪।୫(ଏଜେନ୍ସି): ଆତଙ୍କବାଦକୁ ଦୃଢ ନିନ୍ଦା କରିବା ସହିତ ଆତଙ୍କବାଦୀଙ୍କ ପ୍ରତି ଫତୱା ଜାରି କରିଛନ୍ତି ଅଖିଳ ଭାରତ ଇମାମ୍ ସଂଗଠନର ମୁଖ୍ୟ ଇମାମ୍ ଡକ୍ଟର ଉମର ଅହମ୍ମଦ ଇଲିୟାସୀ। ମୃତ ଆତଙ୍କବାଦୀଙ୍କୁ ଭାରତ ମାଟିରେ କବର ଦିଆଯିବ ନାହିଁ ବୋଲି ଇଲିୟାସୀ କହିଛନ୍ତି। ଏହାବ୍ୟତୀତ ଇସଲାମିକ ପରମ୍ପରା ଅନୁସାରେ ଜଣଙ୍କ ଶେଷକୃତ୍ୟ ବେଳେ ନମାଜ ପାଠ କରାଯିବାର ବିଧାନ ରହିଥିଲା ବେଳେ କୌଣସି ଆତଙ୍କବାଦୀଙ୍କ ଶେଷକୃତ୍ୟରେ ଏହା କରାଯିବ ନାହିଁ ବୋଲି ସେ ଫତୱା ଜାରି କରି କହିଛନ୍ତି। ସେହିପରି ବହୁ ଆତଙ୍କବାଦୀ ସଂଗଠନ ସେମାନଙ୍କ ନାମରୁ ଇସଲାମ ଏବଂ ମହମ୍ମଦ ଭଳି ଶବ୍ଦ ହଟାନ୍ତୁ ବୋଲି ସେ କହିଛନ୍ତି।

ମଧ୍ୟପ୍ରଦେଶ ମନ୍ତ୍ରୀ ପ୍ରଧୁମନ ସିଂ ତୋମାରଙ୍କ ଝିଅ ବିବାହ ଉତ୍ସବରେ ଯୋଗ ଦେବା ଲାଗି ଇମାମ ଇଲିୟାସୀ ଶନିବାର ଗ୍ୱାଲିୟର ଯାଇଥିଲା ବେଳେ ସେଠାରେ ତାଙ୍କୁ ବହୁ ଗଣମାଧ୍ୟମ ପ୍ରତିନିଧିମାନେ ଆତଙ୍କବାଦକୁ ନେଇ ପ୍ରଶ୍ନ କରିଥିଲେ। ସେ କହିଥିଲେ ଯେ,ଇସଲାମକୁ ରକ୍ଷା କରିବା ଉଚିତ। ଇସଲାମ ସୁରକ୍ଷା ଏବଂ ଶାନ୍ତିର ଧର୍ମ। କିନ୍ତୁ ଇସଲାମ ଏବଂ ମହମ୍ମଦ ସାହେବଙ୍କ ନାମକୁ ଆମେ ଆତଙ୍କବାଦ ପାଇଁ ବ୍ୟବହାର କରିବାକୁ ଦେବୁ ନାହିଁ। ଏହି ସମୟରେ ସେ



ଆତଙ୍କବାଦ ବିରୋଧରେ ଫତୱା ଜାରି କରିଥିଲେ। ଯାହା ଭାରତରେ ପ୍ରଥମ ଘଟଣା ଏବଂ ଏହା ବିଶ୍ୱସମାଜ ପାଇଁ ଏକ ବଡ଼ ବାର୍ତ୍ତା। ଅହମଦ ଇଲିୟାସୀ କହିଛନ୍ତି ଯେ, ପହଲଗାମରେ ପର୍ଯ୍ୟଟକମାନଙ୍କୁ ସେମାନଙ୍କ ଧର୍ମ ପଚାରି ଯେଭଳି ହତ୍ୟା କରାଯାଇଥିଲା ତାହା ମାନବତାର ହତ୍ୟା। ସେ କହିଥିଲେ ଯେ ଆତଙ୍କବାଦୀର କୌଣସି ଧର୍ମ ନାହିଁ । ଆତଙ୍କବାଦୀ ସୈତାନ, ସାମାନଙ୍କ ସହ ସୈତାନ ପରି ବ୍ୟବହାର କରାଯିବା ଉଚିତ । ସେଥିପାଇଁ ଆମେ ପହଲଗାମ ଆକ୍ରମଣ ଘଟଣାକୁ ବିରୋଧ କରି ଏହି ଫତୱା ଜାରି କରିଛୁ। ଅନ୍ୟପକ୍ଷରେ ବେଲୁଚିସ୍ତାନ ସ୍ଥିତିକୁ ନେଇ ପ୍ରଶ୍ନ କରାଯିବାରେ ସେ କହିଛନ୍ତି ଯେ ମୁସଲମାନ ସମ୍ପ୍ରଦାୟ ଭାରତର କୂଟନୀତି ଏବଂ ନୀତି ସହିତ ଅଛନ୍ତି। ବେଲୁଚିସ୍ତାନ ବହୁ ଦିନ ଧରି ସ୍ୱତନ୍ତ୍ରତା ପାଇଁ ଦାବି କରିଆସୁଛି। କିନ୍ତୁ ପାକିସ୍ତାନ ବେଲୁଚବାସୀଙ୍କ ପ୍ରତି ଅନ୍ୟା କରିଚାଲିଛି। ହେଲେ ଏବେ ବେଲୁଚିସ୍ତାନ ସ୍ୱାଧୀନତା ପାଇବାର ସମୟ ଆସିଗଲାଣି। ସ୍ୱାଧୀନତା ସମସ୍ତଙ୍କର ଅଧିକାର, ବେଲୁଚିସ୍ତାନ ସ୍ୱାଧୀନ ହେବା ଉଚିତ ବୋଲି ଅହମଦ ଇଲିୟାସୀ କହିଥିଲେ। ସେହିପରି ୱାକଫ ଆଇନ ସମ୍ପର୍କରେ ନିଜ ମତ ରଖି ସେ କହିଛନ୍ତି ଯେ ଏହି ବିଷୟ ଏବେ ଅଦାଲତରେ ବିଚାରାଧୀନ ଅଛି। ତେବେ ଭାରତ ସରକାରଙ୍କ ଦ୍ୱାରା ଅଣାଯାଇଥିବା ନୂତନ ଆଇନ ଅନେକ ଦୃଷ୍ଟିରୁ ଭଲ ବୋଲି ସେ କହିଛନ୍ତି।

# ପୁଞ୍ଛରେ ଯୁଦ୍ଧ ପୀଡିତଙ୍କ ପରିବାରକୁ ଭେଟିଲେ ରାହୁଲ

ନୂଆଦିଲ୍ଲୀ,୨୪।୫(ଏଜେନ୍ସି): କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଶନିବାର ଜମ୍ମୁ କଶ୍ମୀରର ପୁଞ୍ଛ ଇଲାକା ଗସ୍ତ କରି ଅପରେସନ ସିନ୍ଦୂର ସମୟରେ ପାକିସ୍ତାନୀ ସେନା ଗୁଳିମାଡ଼ରେ ମୃତାହତ ହୋଇଥିବା ଲୋକଙ୍କ ପରିବାରକୁ ଭେଟିଛନ୍ତି।



ଅପରେସନ ସିନ୍ଦୂର ବେଳେ ପାକିସ୍ତାନୀ ସେନା ବାରମ୍ବାର ଅସ୍ତ୍ରବିରତି ଉଲ୍ଲଙ୍ଘନ କରି ଭାରତୀୟ ସୀମା ପଟକୁ ଗୁଳିଗୋଳା ବର୍ଷଣ କରିଥିଲା। ଏଥିରେ ପଞ୍ଜାବ ସୀମା ସ୍ଥିତ ବହୁ ଗ୍ରାମ ଏବଂ ଜମ୍ମୁ କଶ୍ମୀରର ପୁଞ୍ଛ ଅଞ୍ଚଳ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। ଜଣେ ସ୍କୁଲ ପିଲା ସମେତ ୧୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା ବେଳେ ମୋର୍ଟାର ମାଡ଼ରେ ଅନେକ ଲୋକଙ୍କ ଘର ଭାରୀମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲା। ରାହୁଲ ପୀଡ଼ିତଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହିତ ପରିସ୍ଥିତି ଶୀଘ୍ର ସ୍ୱାଭାବିକ ହେବ ବୋଲି କହିଛନ୍ତି। ଏହି ସମୟରେ ରାହୁଲ ଜମ୍ମୁ କଶ୍ମୀର ଉପମୁଖ୍ୟମନ୍ତ୍ରୀଙ୍କ ସହ ଏକ ବୈଠକରେ ଯୋଗ ଦେବେ ବୋଲି କୁହାଯାଇଛି। ଏହାଛଡ଼ା ସେ ଗୁଳିମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ବହୁ ଅନୁଷ୍ଠାନ ପରିଦର୍ଶନ କରିବେ ବୋଲି କୁହାଯାଇଛି।

## ରାହୁଲ ଗାନ୍ଧୀଙ୍କ ବିରୋଧରେ ଜାମିନବିହୀନ ପରୱାନା ଜାରି

୭ ବର୍ଷ ତଳର ଏକ ମାନହାନୀ ମାମଲାରେ ଝାଡ଼ଖଣ୍ଡର ଚାଇବାସା ଏମପି-ଏମଏଲଏ କୋର୍ଟ ରାହୁଲ ଗାନ୍ଧୀଙ୍କ ବିରୋଧରେ ଜାମିନବିହୀନ ପରୱାନା ଜାରି କରିଛନ୍ତି। କୋର୍ଟ ରାହୁଲଙ୍କୁ ଜୁନ୍ ୨୬ରେ କୋର୍ଟରେ ହାଜର ହେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ରାହୁଲଙ୍କ ଓକିଲ କୋର୍ଟରେ ଏକ ପିଟିସନ ଦାଏର କରିଥିଲେ ହେଁ କୋର୍ଟ ଏହାକୁ ଖାରଜ କରିବା ସହ ରାହୁଲଙ୍କୁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାହୁଲ ୨୦୧୮ ରେ ବିଜେପିର ତତ୍‌କାଳୀନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ପ୍ରତି ଆପତ୍ତିଜନକ ଟିପ୍ପଣୀଦ୍‌ଇଥିଲେ। ଏହାକୁ ବିରୋଧ କରି ବିଜେପି ନେତା ପ୍ରତାପ କଟିଆର ରାହୁଲଙ୍କ ବିରୋଧରେ ଚାଇବାସା ସିଜେଏମ କୋର୍ଟରେ ମାନହାନୀ ମକଦ୍ଦମା ରୁଜୁ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଝାଡ଼ଖଣ୍ଡ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଏହି ମାମଲାକୁ ଏମପି-ଏମଏଲଏ କୋର୍ଟକୁ ହସ୍ତାନ୍ତର କରାଯାଇଥିଲା। ଏହି କୋର୍ଟ ରାହୁଲଙ୍କୁ ବହୁବାର ହଜାର ହେବା ଲାଗି ନୋଟିସ୍ କରିଥିଲେ ହେଁ ରାହୁଲ ହାଜର ହୋଇ ନଥିଲେ। ଏହାପରେ ସଂପୃକ୍ତ କୋର୍ଟ ରାହୁଲଙ୍କ ବିରୋଧରେ ଏହି ପଦକ୍ଷେପ ନେଇଛନ୍ତି।

■ ଟ୍ରମ୍ପଙ୍କ କଟକଣା ହଟାଇଲେ ଆମେରିକା ବିଚାରପତି

# ହାର୍ଭାର୍ଡକୁ ବିଦେଶୀ ଛାତ୍ରଛାତ୍ରୀଙ୍କ ନାମଲେଖା ଅନୁମତି

ବୋଷ୍ଟନ, ୨୪।୫ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବଡ଼ ଝଟ୍‌କା ଲାଗିଛି। ହାର୍ଭାର୍ଡ ୟୁନିଭର୍ସିଟି ଉପରେ ଟ୍ରମ୍ପ ପ୍ରଶାସନ ଲଗାଇଥିବା କଟକଣାକୁ ବୋଷ୍ଟନର ଫେଡେରାଲ କୋର୍ଟ ହଟାଇ ଦେଇଛନ୍ତି। ବିଦେଶୀ ଛାତ୍ରଛାତ୍ରୀଙ୍କ ନାମ ଲେଖା ପାଇଁ ଏହି ୟୁନିଭର୍ସିଟିକୁ କୋର୍ଟ ଅନୁମତି ଦେଇଛନ୍ତି। ଏବେ ଏହି ବିଶ୍ୱବିଦ୍ୟାଳୟରେ ୭୮୮ ଭାରତୀୟ ଛାତ୍ରଛାତ୍ରୀ ପଢୁଛନ୍ତି। ୟୁନିଭର୍ସିଟି ପକ୍ଷରୁ କରାଯାଇଥିବା ଆବେଦନରେ ଟ୍ରମ୍ପଙ୍କ ନିର୍ଦ୍ଦେଶକୁ ବିରୋଧ କରାଯାଇଥିଲା। ଏହାକୁ ସମ୍ବିଧାନ ଏବଂ ଅନ୍ୟ ସଂଘୀୟ ଆଇନର ଘୋର ଉଲ୍ଲଙ୍ଘନ ବୋଲି କୁହାଯାଇଥିଲା। ତତ୍କାଳ ପ୍ରଭାବରେ ଏହି ବିନାଶକାରୀ ନିର୍ଦ୍ଦେଶକୁ ହଟାଇବାକୁ ନିବେଦନ କରାଯାଇଥିଲା।

# ଅଷ୍ଟ୍ରେଲିଆରେ ଜଳପ୍ରଳୟ; ୫୦ ହଜାର ଲୋକ ଜଳବନ୍ଦୀ

କାନବେରା,୨୪।୫(ଏଜେନ୍ସି): ୩ ଦିନ ଧରି ଲଗାଣ ବର୍ଷା ଯୋଗୁଁ ପୂର୍ବ ଅଷ୍ଟ୍ରେଲିଆରେ ଜଳପ୍ରଳୟ ସ୍ଥିତି ଉପୁଜିଛି। ପ୍ରବଳ ଏବଂ ଲଗାଣ ବର୍ଷା ଯୋଗୁଁ ଏଠାକାର ବହୁ ସହର ଜଳାର୍ଣ୍ଣବ ହେବା ସହିତ ହଜାର ହଜାର ଲୋକ ଜଳବନ୍ଦୀ ହୋଇଛନ୍ତି। ଅନେକ ସହର ଏବଂ ଗ୍ରାମାଞ୍ଚଳର ରାସ୍ତାଘାଟ,



ନଈ ନାଳ ଏକାକାର ହୋଇଯାଇଛି। ଘର ଭିତରେ ଏବଂ ରାସ୍ତାଘାଟ ଜଳାର୍ଣ୍ଣବ ହୋଇପନିଥିବାରୁ ଲୋକମାନେ ଅନ୍ୟତ୍ର ଯିବା ଅସମ୍ଭବ ହୋଇପଡ଼ିଛି। ଗତକାଲି ବନ୍ୟା ପରିସ୍ଥିତି ଭୟଙ୍କର ହୋଇଥିବା ବେଳେ ଶନିବାର ପୁଣି ବର୍ଷା ହେବା ଯୋଗୁଁ ବହୁ ରାସ୍ତାଘାଟ ଧୋଇ ଯାଇଛି। ବହୁ ସହର ବାହ୍ୟ ଜଗତରୁ ବିଛିନ୍ନ ହୋଇପଡ଼ିଛି ଏବଂ ୫୦ ହଜାରରୁ ଅଧିକ ଲୋକ ଜଳବନ୍ଦୀ ହୋଇପଡ଼ିଛନ୍ତି। ବର୍ତ୍ତମାନ ସୁଦ୍ଧା ୫ ଜଣଙ୍କ ମୃତ୍ୟୁ ହୋଇଥିବା ସହିତ କେତେକ ସ୍ଥାନରେ ଆଉ କିଛି ଲୋକ ନିଖୋଜ ରହିଥିବା କୁହାଯାଇଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ଥିତି ମୁକାବିଲା ପାଇଁ ୨୦୦୦ରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି।

# ବଲୁଚ୍ ସାମ୍ବାଦିକଙ୍କ ହତ୍ୟାର ପ୍ରତିଶୋଧ ନେଲା ବିଏଲ୍‌ଏ

କ୍ୱେଟା,୨୪।୫(ଏଜେନ୍ସି): ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲଏ) ଶନିବାର ପୁଣି ଥରେ ପାକିସ୍ତାନ ସେନା ଉପରେ ଜୋରଦାର ଆକ୍ରମଣ କରିଛି। ବେଲୁଚିସ୍ତାନର ମାଙ୍ଗୋଚର ସହରରେ ପାକିସ୍ତାନୀ ସେନାର ଏକ କନଭୟ ଉପରେ ବିଏଲଏ କରିଥିବା ଆକ୍ରମଣରେ ବହୁ ସଂଖ୍ୟକ ପାକ୍ ଯବାନଙ୍କ ମୃତ୍ୟୁ ହୋଇଥିବାର ଖବର ସାମ୍ନାକୁ ଆସିଛି। ମିଳିଥିବା ସୂଚନା ଅନୁସାରେ ବିଏଲଏ ପାକିସ୍ତାନ ସେନାକୁ ଟାର୍ଗେଟ କରି ଦୁଇଟି ସ୍ଥାନରେ ଆକ୍ରମଣ କରିଥିଲା। ପାକ୍ ସେନା କନଭଏର ଅନେକ ଗାଡ଼ି ଉପରେ ବୋମା ମାଡ଼ କରାଯାଇଥିଲା। ଏହି ଆକ୍ରମଣ ପାଇଁ ବିଏଲଏ ନିଜକୁ ଦାୟୀ କରିଥିଲା ବେଳେ ବରିଷ୍ଠ ବେଲୁଚ ସାମ୍ବାଦିକ ଲତିଫ୍ ବାଲୁଚଙ୍କ ନିର୍ମମ ହତ୍ୟାର ପ୍ରତିଶୋଧ ନିଆଯାଇଛି ବୋଲି କୁହାଯାଇଛି। ବହୁ ବେଲୁଚ ନେତା ପାକିସ୍ତାନ ସେନା ବିରୋଧରେ ଗମ୍ଭୀର ଅଭିଯୋଗ ଆଣି ଲତିଫ୍ ବଲୋଚଙ୍କୁ ସେନା ହତ୍ୟା କରିଛି ବୋଲି କହିଛନ୍ତି।

### ୟୁକ୍ରେନ ଉପରେ ରୁଷିଆର ବଡ଼ଧରଣର ଆକ୍ରମଣ

# କିଭ୍ ସମେତ ବହୁ ସହର ଉପରକୁ ଘନଘନ କ୍ଷେପଣାସ୍ତ୍ର ମାଡ଼

କିଭ୍ ,୨୪।୫(ଏଜେନ୍ସି): ୟୁକ୍ରେନ ଯୁଦ୍ଧ ବନ୍ଦ ପାଇଁ ବିଭିନ୍ନ ସ୍ତରରେ ଆଲୋଚନା ଜାରି ରହିଥିବା ସତ୍ତ୍ୱେ ରୁଷ ଏବଂ ୟୁକ୍ରେନ ଆକ୍ରମଣ ପ୍ରତି ଆକ୍ରମଣ କରିବାରୁ ବର୍ତ୍ତି ନାହାନ୍ତି। ଉଭୟ ଦେଶ ପରସ୍ପର ଉପରେ ଆକ୍ରମଣ ଜାରି ରଖିଥିଲା ବେଳେ ଶନିବାର ପ୍ରତ୍ୟୁଷରେ ରୁଷିଆ ୟୁକ୍ରେନ ଉପରେ ଜୋରଦାର ଆକ୍ରମଣ କରିଛି। ରାଜଧାନୀ କିଭ୍ ସମେତ ଏହାର ଆଖପାଖ ବିଭିନ୍ନ ସହର ଉପରେ ରୁଷ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଛି। ଏହାକୁ ନେଇ ବିଭିନ୍ନ ସହର ବିସ୍ଫୋରଣ ଶବ୍ଦରେ ଥରି ଉଠିଥିଲା ବେଳେ ଜୀବନ ବଞ୍ଚାଇବା ପାଇଁ ଲୋକମାନେ ଭୂତଳ ମେଟ୍ରୋ ଷ୍ଟେସନରେ ଆଶ୍ରୟ ନେଇଛନ୍ତି।ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧବନ୍ଦୀ ବିନିମୟ ଆରମ୍ଭ ହେବାର ମାତ୍ର କିଛି ଘଣ୍ଟା ପରେ ରୁଷ ସେନା ୟୁକ୍ରେନ ଉପରେ ଏଭଳି ଆକ୍ରମଣ କରିଥିବା ୟୁକ୍ରେନ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ,ଗତ ସପ୍ତାହରେ ଇସ୍ତାନବୁଲରେ ଅନୁଷ୍ଠିତ ବୈଠକରେ ଉଭୟ ପକ୍ଷ ମଧ୍ୟରେ ହୋଇଥିବା



ଚୁକ୍ତିନାମା ଅନୁସାରେ ପ୍ରଥମ ପର୍ଯ୍ୟାୟର ଅଂଶ ସ୍ୱରୂପ ଶତାଧିକ ସୈନିକ ଏବଂ ନାଗରିକଙ୍କୁ ମୁକ୍ତ କରାଯାଇଥିଲା। କିନ୍ତୁ ଏହାସତ୍ତ୍ୱେ ରୁଷ ଶନିବାର ଜୋରଦାର ଆକ୍ରମଣ କରିଛି ବୋଲି କିଭ୍ ସାମରିକ ପ୍ରଶାସନର କାର୍ଯ୍ୟକାରୀ ମୁଖ୍ୟ ତୈମୁର ତକାଚେଙ୍କୋ ସୋସିଆଲ ମିଡିଆରେ କହିଛନ୍ତି। ଏହି ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ୬ ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କିଭ୍‌ର ସୋଲୋମିୟାନ୍‌ସ୍କି ଜିଲ୍ଲାରେ ଦୁଇଟି ବୋମା ଏବଂ କ୍ଷେପଣାସ୍ତ୍ର ମାଡ଼ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା। ବହୁ ଆପାର୍ଟମେଣ୍ଟ ଏବଂ ବହୁତଳ ପ୍ରାସାଦ କ୍ଷତିଗ୍ରସ୍ତ ହୋଇଛି। ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ୧,୦୦୦ ଯୁଦ୍ଧ ବନ୍ଦୀଙ୍କୁ ଶୁକ୍ରବାର ମୁକ୍ତ କରିବାକୁ ସ୍ଥିର ହୋଇଥିଲା। ସେହି ଅନୁସାରେ ପ୍ରଥମ ପର୍ଯ୍ୟାୟରେ ୩୯୦ ୟୁକ୍ରେନୀୟ ନାଗରିକ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ବୋଲି ରାଷ୍ଟ୍ରପତି ଜେଲେନ୍‌ସ୍କି କହିଛନ୍ତି।

# କେରଳ ଉପକୂଳରେ ବୁଡ଼ିଗଲା ବିଦେଶୀ ଜାହାଜ

କୋଚି,୨୪।୫(ଏଜେନ୍ସି) : ଆରବ ସାଗରର କେରଳର କୋଚି ନିକଟସ୍ଥ ସମୁଦ୍ରରେ ଏକ ବିଦେଶୀ ମାଲବାହୀ ଜାହାଜ ଶନିବାର ବୁଡ଼ିଯାଇଛି। ଜାହାଜ ବୁଡ଼ିଯିବାର ପ୍ରକୃତ କାରଣ ତାହା ସ୍ପଷ୍ଟ ହୋଇ ନଥିଲା ବେଳେ ଖରାପ ପାଗ କାରଣ ହୋଇପାରେ ବୋଲି ଆକଳନ କରାଯାଇଛି। ଲାଇବେରିଆ ପତାକା ସଙ୍କେତ ରହିଥିବା ଏହି ଜାହାଜରେ ମୋଟ ୨୪ ଜଣ କର୍ମଚାରୀ ରହିଥିବା କୁହାଯାଇଥିଲା ବେଳେ ସେମାନଙ୍କ ମଧ୍ୟରୁ ଭାରତୀୟ କୋଷ୍ଟ ଗାର୍ଡ ୯ ଜଣଙ୍କୁ ଉଦ୍ଧାର କରିଛି। ବାକି ୧୫ ଜଣଙ୍କୁ ଖୋଜିବାକୁ ଅଭିଯାନ ଜାରି ରହିଛି। ମିଳିଥିବା ସୂଚନା ଅନୁସାରେ ୧୮୪ ମିଟର ଲମ୍ବ ବିଶିଷ୍ଟ ଲାଇବେରିଆନ ପତାକାଯୁକ୍ତ ଜାହାଜ ଏମଏସସି ଏଲସା ୩ ଗତକାଲି ମାଲ ନେଇ ୨୩ ତାରିଖରେ ଭିଜିନଜାମ ବନ୍ଦରରୁ ବାହାରିଥିଲା ଏବଂ ଶନିବାର କୋଚି ବନ୍ଦରରେ ପହଞ୍ଚିବାର ଥିଲା। କିନ୍ତୁ କୋଚି ବନ୍ଦରରେ ପହଞ୍ଚିବାର ମାତ୍ର ୩୦ ମିନିଟ୍ ପୂର୍ବରୁ ଏବଂ ୩୦ ନଟିକାଲ ମାଇଲ ଦୂରରୁ ଏହା ସମୁଦ୍ରରେ ବୁଡ଼ି ଯାଇଥିଲା। ଖବର ପାଇବା ପରେ କେରଳ ବିପର୍ଯ୍ୟୟ ପରିଚାଳନା ବୋର୍ଡ ପକ୍ଷରୁ ସତର୍କତା ଜାରି କରାଯାଇଥିଲା ଏବଂ ପରେ ପରେ କୋଷ୍ଟ ଗାର୍ଡ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା।




ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ଠାରେ 'ନିତି ଆୟୋଗ' ପ୍ରଶାସନିକ ପରିଷଦର ୧୦ମ ବୈଠକରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

# ପିଏଫ୍ ଉପରେ ୮.୨୫ ପ୍ରତିଶତ ସୁଧ

■ **ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି):** ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ପିଏଫ୍ ସୁଧହାରକୁ ଅପରିବର୍ତ୍ତିତ ରଖାଯାଇଛି। ୨୦୨୩-୨୪ ପରି ୨୦୨୪-୨୫ ପାଇଁ ପିଏଫ୍ ଆକାଉଣ୍ଟର ଜମା ରାଶି ଉପରେ ୮.୨୫ ପ୍ରତିଶତ ସୁଧ ମିଳିବ। ଏ ନେଇ କର୍ମଚାରୀ ଭବିଷ୍ୟ ନିଧି ସଂଗଠନ (ଇପିଏଫଓ) କରିଥିବା ସୁପାରିସକୁ ଅର୍ଥ ମନ୍ତ୍ରାଳୟ ମଞ୍ଜୁରୀ ଦେଇଛି। ଏବେ ଦେଶର ୭ କୋଟିରୁ ଅଧିକ କର୍ମଚାରୀଙ୍କ ପିଏଫ୍ ଆକାଉଣ୍ଟକୁ ସିଧାସଳଖ ସୁଧ ବାବଦ ଅର୍ଥ ଟ୍ରାନ୍ସଫର କରିଦିଆଯିବ। ଏହା ପୂର୍ବରୁ ଫେବୃଆରୀ ୨୮ରେ ବସିଥିବା ଇପିଏଫଓର ସେଣ୍ଟ୍ରାଲ ବୋର୍ଡ ଅଫ୍ ଟ୍ରଷ୍ଟିଙ୍କ ବୈଠକରେ ୮.୨୫ ପ୍ରତିଶତର ସୁଧହାରକୁ ବଜାୟ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପରେ ଏହାକୁ ଅର୍ଥ ମନ୍ତ୍ରାଳୟର ମଞ୍ଜୁରୀ ପାଇଁ ପଠା ଯାଇଥିଲା। ୮. ୨୫ ପ୍ରତିଶତ ହିସାବରେ ଯଦି ଇପିଏଫ ଆକାଉଣ୍ଟରେ ଲକ୍ଷେ ଟଙ୍କା ଜମାଥିବ ତେବେ ଏହା ଉପରେ ବର୍ଷକୁ ୮, ୨୫୦ ଟଙ୍କା ସୁଧ ମିଳିବ। ସେହିପରି ଆକାଉଣ୍ଟରେ ୨୦୨୪ ଏପ୍ରିଲ ପର୍ଯ୍ୟନ୍ତ ୫ ଲକ୍ଷ ଟଙ୍କା ଜମା ଥିଲେ ୪୧, ୨୫୦ ଟଙ୍କା ସୁଧ ମିଳିବ।

♦VOLUME- 42 ♦ISSUE-326 ♦BHUBANESWAR ♦SUNDAY ♦25 MAY 2025 ♦PAGE-12 ♦₹ 6.00
♦ବର୍ଷ-୪୨ ♦ସଂଖ୍ୟା-୩୨୬ ♦ଭୁବନେଶ୍ୱର ♦ରବିବାର ♦୨୫ ମେ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)

## ମୌସୁମୀର କ୍ଷିପ୍ର ଗତି

# ସଅଳ ଛୁଇଁଲା କେରଳ

### ୨୦୦୯ ପରେ ପୁଣି ମେ'ରେ ପ୍ରବେଶ

### ଜୁନ୍ ପ୍ରଥମ ସପ୍ତାହରେ ଓଡ଼ିଶା ଛୁଇଁବ

■ **ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି):** ଚଳିତ ବର୍ଷ ଧାର୍ଯ୍ୟ ସମୟ ପୂର୍ବରୁ ମୌସୁମୀର ଆଗମନ ହୋଇଛି। ପାଣିପାଗ ବିଭାଗ ଆକଳନ ଅବଧିର ଆଠଦିନ ପୂର୍ବରୁ ଶନିବାର ମୌସୁମୀ କେରଳ ଉପକୂଳ ଛୁଇଁଛି। ବିଗତ ୧୬ ବର୍ଷ ମଧ୍ୟରେ ଏହା ପ୍ରଥମ ଘଟଣା। ଏଥର ଜୁନ୍ ପହିଲାରେ ମୌସୁମୀ କେରଳ ଛୁଇଁବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଥିଲା।

କେରଳରେ ମୌସୁମୀ ଜନିତ ପ୍ରବଳ ବର୍ଷା ଆରମ୍ଭ ହୋଇଥିବା ବେଳେ ଓଡ଼ିଶାକୁ ମଧ୍ୟ ମୌସୁମୀ ବାୟୁ ସଅଳ ଆସିବା ନେଇ ଆକଳନ କରିଛନ୍ତି ପାଣିପାଗ ବିଜ୍ଞାନୀ। ସାଧାରଣତଃ କେରଳରେ ମୌସୁମୀ ବାୟୁ ଛୁଇଁବାର ୧୦ ଦିନ ପରେ ଏହା ଓଡ଼ିଶାକୁ ପ୍ରବେଶ କରିଥାଏ। ଅତଏବ ମେ ଶେଷ କିମ୍ବା ଜୁନ୍ ମାସର ପ୍ରଥମ ସପ୍ତାହ ମଧ୍ୟରେ ମୌସୁମୀ ବାୟୁ ଓଡ଼ିଶା ଛୁଇଁବା ନେଇ ଅଧିକ ସମ୍ଭାବନା ରହିଥିବା କୁହାଯାଉଛି। ▶ପୃଷ୍ଠା-୭

## ଲମତାପୁଟରେ ବାଦଲଫଟା ବର୍ଷା

# ଧୋଇଗଲା ହାଟ



■ **କୋରାପୁଟ/ଲମତାପୁଟ, ୨୪।୫ (ସମିସ):** କୋରାପୁଟ ଜିଲ୍ଲା ଲମତାପୁଟରେ ଆଜି ବାଦଲଫଟା ବର୍ଷା ହୋଇଛି। କାଳବୈଶାଖୀ ପ୍ରଭାବରେ ଅଚାନକ ପବନ ସହ ବର୍ଷା ହେବାରୁ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଜୟପୁର-ବିଶାଖାପାଟଣା ରାଜପଥ ଜଳମଗ୍ନ ହେବାରୁ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିଲା। ସୂଚନା ଅନୁଯାୟୀ, କାଳବୈଶାଖୀ ବର୍ଷାର ପ୍ରଭାବ ଲମତାପୁଟ ବ୍ଲକ ମହକୁମାରେ ଦେଖିବାକୁ ମିଳିଛି। ଆଜି ଲାମତାପୁଟ ସାପ୍ତାହିକ ହାଟ ଥିବାବେଳେ ଅଚାନକ ▶ପୃଷ୍ଠା-୭

# ଗିଲ୍‌ଙ୍କୁ ଭାରତର ଟେଷ୍ଟ ନେତୃତ୍ୱ



ଶୁବମନ ଗିଲ୍‌ଙ୍କୁ ଭାରତୀୟ ଟେଷ୍ଟ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଜୁନ୍ ୨୦ରୁ ଇଂଲଣ୍ଡରେ ଖେଳାଯିବାକୁ ଥିବା ୫-ଟେଷ୍ଟ ସିରିଜ୍ ପାଇଁ ଘୋଷିତ ୧୮ ଜଣିଆ ଭାରତୀୟ ଦଳରେ ଶୁଭମନ ଅଧିନାୟକ ଦାୟିତ୍ୱ ସମ୍ଭାଳିବେ।




## 'ନିତି ଆୟୋଗ' ବୈଠକରେ ସବୁ ରାଜ୍ୟଙ୍କୁ ମୋଦୀଙ୍କ ଆହ୍ୱାନ

# 'ଟିମ୍ ଇଣ୍ଡିଆ' ହୋଇ କାର୍ଯ୍ୟ କରିବାକୁ ପଡ଼ିବ



■ **ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି):** ବିକଶିତ ଭାରତ ସବୁ ଭାରତୀୟଙ୍କ ଲକ୍ଷ୍ୟ। ରାଜ୍ୟ ବିକଶିତ ହେଲେ ଭାରତ ସାମଗ୍ରିକ ସ୍ତରରେ ବିକଶିତ ହେବ। ଏହାକୁ ହାସଲ କରିବାକୁ ହେଲେ ଆମକୁ 'ଟିମ୍ ଇଣ୍ଡିଆ' ଭଳି କାର୍ଯ୍ୟ କରିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍‌ରେ ଶନିବାର ଅନୁଷ୍ଠିତ 'ନିତି ଆୟୋଗ'ର ୧୦ମ ପ୍ରଶାସନିକ ପରିଷଦ ବୈଠକରେ ଆହ୍ୱାନ ▶ପୃଷ୍ଠା-୭


**'କେନ୍ଦ୍ର-ରାଜ୍ୟ ମିଳିତ ଭାବେ କାର୍ଯ୍ୟ କଲେ କିଛି ଅସମ୍ଭବ ହେବନି'**

**'ବିକଶିତ ଓଡ଼ିଶା' ଗଠନ ପାଇଁ ସହଯୋଗ ଲୋଡ଼ିଲେ ମୋହନ**

# ମହିଳାଙ୍କୁ ଦଳିଦେଲା ହାତୀ

**ଅଳ୍ପକେ ବର୍ତ୍ତିଲା ଶିଶୁପୁତ୍ର**

■ **ବିଶୋଇ, ୨୪।୫ (ସମିସ):** ବିଶୋଇ ଥାନା ଅନ୍ତର୍ଗତ ଯୋଡ଼ିଆ ପଞ୍ଚାୟତ ଗାରଗାଡ଼ି ଗ୍ରାମ ନିକଟ ଟୁଙ୍ଗୁରୁ ସଂରକ୍ଷିତ ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଗାରଗାଡ଼ି ଗ୍ରାମର ବାଟା ନାଏକଙ୍କ ଝିଅ ଚାର୍ମେଇ ନାଏକ ଓରଫ୍ କିକିଳି। ତେବେ ସୌଭାଗ୍ୟକୁ ତାଙ୍କ ସାଥିରେ ଥିବା ବର୍ଷକର ଶିଶୁପୁତ୍ରଟି ଅଳ୍ପକେ ବର୍ତ୍ତିଯାଇଛି। ସୂଚନାନୁସାରେ, ଶନିବାର ସକାଳ ପ୍ରାୟ ୮ଟାରେ ▶ପୃଷ୍ଠା-୭



ସକାଳ THE SAKALA



www.sakalaepaper.com

## ଜଉକଣ୍ଢେଇ ବାହାଘର ଉପଲକ୍ଷେ ମିଶନ ସ୍କୁଲ ପଡ଼ିଆ ଉତ୍ସବମୁଖର

# ବର କନ୍ୟାଙ୍କ ମୁହଁ ଦେଖା ପାଇଁ ଜନଗହଳି







ବାଲେଶ୍ୱର,୨୪।୫(ସମିସ)

ଧୁମଧାମରେ ସମ୍ପନ୍ନ ହୋଇଛି ଅପର୍ତ୍ତି ଓ ଗୁରେଇଙ୍କ ଜଉକଣ୍ଢେଇ ବାହାଘର। ମିଶନ ସ୍କୁଲ ପଡ଼ିଆରେ ଶନିବାର ବର କନ୍ୟାଙ୍କୁ ଦର୍ଶନ କରି ମୁହଁଚାହାଁ ଦେବାକୁ ଖୁବ ଭିଡ଼ ଲାଗିଥିଲା। ପ୍ରାୟ ଦୁଇଶହରୁ ଉର୍ଦ୍ଧ୍ୱ ବିଭିନ୍ନ ଷ୍ଟଲରେ ମଧ୍ୟ କିଣା ବିକା ପାଇଁ ଗହଳି। ବିଶେଷ ଭାବରେ ଜଉ କଣ୍ଢେଇ, ଜଉକାଚ ଓ ଚୁଡ଼ି ଆଦି କିଣିବାପାଇଁ ଲୋକଙ୍କ ମଧ୍ୟରେ ବିଶେଷ ଆଗ୍ରହ ଦେଖାଯାଉଛି। ଜଉ କଣ୍ଢେଇ ଉତ୍ସବ ସମିତିର ସମ୍ପାଦକ କୁମାର ଗୋପାଳ, କାର୍ଯ୍ୟକାରୀ ସଭାପତି ଡ. ଉପେନ୍ଦ୍ର ପାତ୍ର, ସହ ସମ୍ପାଦକ ରଘୁନାଥ ଲେଙ୍କା, ରାଜେଶ ଗିରି, ବିଶ୍ୱଦୀପ ପଣ୍ଡା, ଚିତ୍ତରଞ୍ଜନ ପତି, ପ୍ରଫୁଲ୍ଲ କୁମାର ଜେନା, ସନ୍ତୋଷ କୁମାର ବିଶ୍ୱାଳ, ଶିଳ୍ପୀକେଶୁ ଦାସ, ସଂଗୀତା ଦାସ, କାଞ୍ଚନବାଳା ପାତ୍ର, ଅନାମିକା ଦାସ, କନକଲତା ଦାସ ପ୍ରମୁଖ ବିଭିନ୍ନ ସ୍ଥାନରେ ଉପସ୍ଥିତ ରହି ଆସୁଥିବା ଲୋକଙ୍କୁ ସହଯୋଗ କରୁଥିବାର ଦେଖାଯାଉଛି। ତୃତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ବାଲେଶ୍ୱର ସାଂସଦ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଲେ ଯେ ବରଗଡ଼ର ଧନୁ ଯାତ୍ରା ଯେମିତି ଏକ ଗଣପର୍ବ ସେମିତି ବାଲେଶ୍ୱରର ଏହି ଜଉ କଣ୍ଢେଇ ବାହାଘର ଉତ୍ସବ ଏକ ସ୍ୱତନ୍ତ୍ର ପର୍ବ। ବରଗଡ଼ ଧନୁଯାତ୍ରାରେ କଂସ ଓ ପ୍ରଭୁ ଶ୍ରୀକୃଷ୍ଣଙ୍କ ବିଷୟକୁ ଗ୍ରହଣ କରାଯାଇଥିଲା ବେଳେ ଜଉ କଣ୍ଢେଇ ବାହାଘର ସାମାଜିକ ଓ ସାଂସ୍କୃତିକ ମୂଲ୍ୟ ଭିତ୍ତିକ କଥାବସ୍ତୁକୁ ନେଇ ଅନୁଷ୍ଠିତ ହେଉଛି। ଜଉ କଣ୍ଢେଇ ଉତ୍ସବ ସମିତିର ଉପସଭାପତି ବିପ୍ଳବ ମହାନ୍ତିଙ୍କର ପୌରୋହିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ଗବେଷକ ଡ. ଅରବିନ୍ଦ ଗିରି ପ୍ରସିଦ୍ଧ ଗଳ୍ପ ସୁଅ ମୁହଁରେ ପତର ଗଳ୍ପର ନାୟକ ଅପର୍ତ୍ତି ଓ ନାୟିକା ଗୁରେଇ ସମ୍ପର୍କରେ ବିଷଦ ଆଲୋଚନା କରିଥିଲେ। ମଣିଷ କେମିତି ପରିସ୍ଥିତିର ଦାସ ହୋଇ ସୁଅ ମୁହଁରେ ପତର ପରି ଅସହାୟ ହୋଇଯାଏ ସେ ବିଷୟରେ ଅପର୍ତ୍ତି ଓ ଗୁରେଇଙ୍କର ଜୀବନକୁ ନେଇ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ଓ ପତଞ୍ଜଳି ଯୋଗ ଓଡ଼ିଶା ଶାଖାର ଉପମୁଖ୍ୟ ଅମୃତାଂଶୁ ପ୍ରଧାନ କହିଲେ ଯେ ବାଲେଶ୍ୱର ଲୋକ ସଂସ୍କୃତିର ଅନନ୍ୟ ପରିଚୟ ହେଉଛି ଜଉ କଣ୍ଢେଇ ବାହାଘର ଉତ୍ସବ। ଆମର କର୍ତ୍ତବ୍ୟ ହେଉଛି ଯେ ଆମେ ସମସ୍ତେ ସହଯୋଗ କରି ଏହି ଉତ୍ସବକୁ କେମିତି ବିଶ୍ୱଦରବାରରେ ଅଧିକ ପରିଚିତ କରିପାରିବା ସେଥିପ୍ରତି ସଚେଷ୍ଟ ହେବା। ପ୍ରାକ୍ କଥା ଅତିଥି ଗୋପାଳ ଜେନା ଓ ଅତିଥି ପରିଚୟ ଡ. କୁମାର ଗୋପାଳ କରିଥିଲାବେଳେ ଶେଷ କଥା ରଖିଥିଲେ ଲକ୍ଷ୍ମୀ ନାରାୟଣ ଘୋଷ। ଏହାଛଡା ବରଗଡ଼ର ଦୁଲୁଦୁଲି ସମେତ ମିତାଲି ନୃତ୍ୟଦଳ, ଦେବସ୍ମିତା ନୃତ୍ୟଦଳ, ଏଡିଏସ ନୃତ୍ୟଦଳ, ଦେବଜାନୀ ଷଡ଼ଙ୍ଗୀଙ୍କ ଗୁରୁକୁଳ ନୃତ୍ୟଦଳ ତଥା ଶ୍ରେୟା ସିଂଙ୍କର ନୃତ୍ୟଦଳ ଦର୍ଶକମାନଙ୍କର ମନ ମୋହିଥିଲା।

## ସାଇ ସାଧନା ଇନଷ୍ଟିଚ୍ୟୁଟର ଶତପ୍ରତିଶତ ସଫଳତା



ସୋର,୨୪।୫(ସମିସ): ସଦ୍ୟ ପ୍ରକାଶିତ +୨ ପରୀକ୍ଷାରେ ସୋର କଲେଜ ଛକ ସ୍ଥିତ ସାଇ ସାଧନା ଇନଷ୍ଟିଚ୍ୟୁଟ ର+୨ ବିଜ୍ଞାନ ଓ କଳାରେ ଶତ ପ୍ରତିଶତ ସଫଳତା ହାସଲ କରିଥିବା ପରିଚାଳକ ନିର୍ଦ୍ଦେଶକ ସୁଧାଂଶୁ ଦ୍ୱିବେଦି ସୂଚନା ଦେଇଛନ୍ତି। ଏହି ଅନୁଷ୍ଠାନର +୨ ବିଜ୍ଞାନରେ ୪୦ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବାବେଳେ ସମସ୍ତ ଛାତ୍ରଛାତ୍ରୀ ସଫଳତାର ସହିତ ପାସ କରିଛନ୍ତି। ଏହି ଇନଷ୍ଟିଚ୍ୟୁଟରେ ପଢୁଥିବା କୁଡ଼େଇ+୨ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଶୁଭଶ୍ରୀ ପଲେଇ ୫୧୯ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। ସେହିପରି ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ଛାତ୍ର ଦିବ୍ୟାଂଶୁ ମହାପାତ୍ର ୫୨୨, ଆରଭ ପାଢ଼ୀ ୫୧୧, ପ୍ରିତିରଞ୍ଜନ ସାହୁ ୫୦୯, ବାହାନଗା ମହାବିଦ୍ୟାଳୟ ର ଦିନଦୟାଲ ପାତ୍ର ୫୦୯, ତଳନଗର କଲେଜର ଦେବାଶିଷ ଦାସ ୫୧୦ ନମ୍ବର ରଖି ସଫଳତା ହାସଲ କରିଛନ୍ତି। ୪୦ ଜଣ ଛାତ୍ରଛାତ୍ରୀ ମାନଂକ ମଧ୍ୟରୁ ୩୪ଜଣ ପ୍ରଥମଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଦ୍ୱିତୀୟ ଶ୍ରେଣୀରେ ୬ଜଣ ସଫଳତା ହାସଲ କରିଛନ୍ତି। ସେହିପରି+୨ କଳାରେ ମଧ୍ୟ ଅନେକ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଅନୁଷ୍ଠାନର ମାଟ୍ରିକ୍ ଫଳାଫଳ ଠାରୁ+୨ରେ ୧୬ରୁ ଅଧିକ ଛାତ୍ରଛାତ୍ରୀ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବାରୁ ଅନୁଷ୍ଠାନ ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଦ୍ୱିବେଦୀ ଅନୁଷ୍ଠାନ ର ସମସ୍ତ ଅଧ୍ୟାପକ ଅଧ୍ୟାପିକା ମାନଙ୍କ ଅକ୍ଳାନ୍ତ ପରିଶ୍ରମ ବଳରେ ଛାତ୍ର ଛାତ୍ରୀ ମାନେ ସଫଳତା ହାସଲ କରିଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥି ସହିତ ଅନୁଷ୍ଠାନର ଅଧ୍ୟକ୍ଷ ସ୍ନେହଲତା ପତି ୫ମ ବ୍ୟାଚ୍‌ର ସଫଳତାକୁ ପ୍ରଶଂସା କରିଛନ୍ତି।

## ତ୍ରିଶା ମ୍ୟୁଜିକାଲ ନାଇଟ୍ ତରଫରୁ ମଞ୍ଜୁଶ୍ରୀଙ୍କୁ ସହାୟତା



ଚନ୍ଦନେଶ୍ୱର,୨୪।୫(ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍ ଅନ୍ତର୍ଗତ ନିମାତପୁର ପଞ୍ଚାୟତର କଣ୍ଠଶିଳ୍ପୀ ମଞ୍ଜୁଶ୍ରୀ ମଣ୍ଡଳଙ୍କ ଦୁଇଟି କିଡ୍‌ନୀ ନଷ୍ଟହେବା ଫଳରେ ତାଙ୍କର ଚିକିତ୍ସା ପାଇଁ ଭୋଗରାଇର ସୁନାମଧନ୍ୟ ଅନୁଷ୍ଠାନ ତ୍ରିଶା ମ୍ୟୁଜିକାଲ ନାଇଟ ତରଫରୁ ଡାଇରେକ୍ଟର ସଂଜୀବ ଦାସଙ୍କ ପ୍ରଚେଷ୍ଟାରେ ମଞ୍ଜୁଶ୍ରୀଙ୍କ ଚିକିତ୍ସା ପାଇଁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଏଥିରେ ପୁଷ୍ପିତା ଦାସ, ଜ୍ୟୋତିପ୍ରକାଶ ଭୂୟାଁ, ପିଙ୍କି, ରବି କୁମାର ଧଳ, ଆକାଶ ଘଡାଇ, ନମ୍ରତା ପାତ୍ର, ଜିତେନ୍ଦ୍ର ପ୍ରଧାନ, ସରୋଜ ଜେନା, ରାଜକୁମାର ଖଟୁଆ, ବିଶ୍ୱଜିତ, ଦିଲ କୁମାର, ଗଗନ, ଉଷା, ଅଜୁ, ବୁବୁ, ବିଶ୍ୱଜିତ ,ଅପୁ, ଅଜୟ, ସରୋଜ, ଅର୍ପିତା, ରୋଜି, ପୂଜା, ପପୁ, ଲିଜା, ଆଇସା, ଗୋପାଳ ବେହେରା, ମୋନାଲିସା, ଗୋପାଳ ଦାସ, ଶୁଭାଶିଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ରାଜଘାଟ,୨୪।୫(ସମିସ): ବସ୍ତା ଥାନା କୁଳିଦା ପଞ୍ଚାୟତ ଅଧୀନ କୁଣବଳଦା ଗ୍ରାମର ଜଣେ ଯୁବକ ଆଜି ସନ୍ଧ୍ୟାରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ମୃତକ ଜଣକ ହେଲେ ଏହି ଗ୍ରାମର ଦୀନବନ୍ଧୁ ରାୟଙ୍କ ପୁଅ ଦୀପୁ (୨୨)। ସୂଚନା ଅନୁସାରେ ଦୀପୁ ଦିନମଜୁରିଆ ଭାବେ କାମ କରୁଥିଲେ। କାମରୁ ଫେରିବା ପରେ ସେ ନିକଟସ୍ଥ ଗୁଡ଼ିଖାଲ ହାଟରୁ ଚାଲି ଚାଲି ଘରକୁ ଫେରିବା ବେଳେ ସନ୍ଧ୍ୟା ସମୟରେ ଗୁଡ଼ିଖାଲ ନଦୀପୋଲ ପରେ ବାଲେଶ୍ୱରରୁ ଜଳେଶ୍ୱର ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଜାତୀୟ ରାଜପଥ ଆମ୍ବୁଲାନ୍ସ ତାଙ୍କୁ ବସ୍ତା ହସ୍ପିଟାଲକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଅମର୍ଦାରୋଡ଼ ଫାଣ୍ଡି ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ସୂଚନା ଥାଉକି ଦୀପୁ ୨ ବର୍ଷ ପୂର୍ବେ ବିବାହ କରିଥିଲେ।

● ବିପର୍ଯ୍ୟସ୍ତ ଡ୍ରେନେଜ୍ ବ୍ୟବସ୍ଥା

## ଅସରାଏ ବର୍ଷାରେ ରାସ୍ତା ଉପରେ ବୋହିଲା ନର୍ଦ୍ଦମା ପାଣି



ବସ୍ତାବ୍ଲକ୍,୨୪।୫(ସମିସ): ଦିନ କେଇଟା ପରେ ମୌସୁମୀ ଆସିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଗକୁ ବର୍ଷା ଋତୁ ଆସୁଥିବା ବେଳେ ବସ୍ତା ରେ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଛି। କୁଢ଼କୁଢ଼ ଅଳିଆ ଆବର୍ଜନାରେ ଡ୍ରେନଭର୍ତ୍ତି ଥିବା ବେଳେ ଅସରାଏ ବର୍ଷାରେ ବସ୍ତା ବଜାର ମୁଖ୍ୟ ରାସ୍ତା ବେହାଲ ହୋଇଛି। ନର୍ଦ୍ଦମା ପାଣି ସହ ଆବର୍ଜନା ସବୁ ରାସ୍ତା ଉପରେ ଭାସିବା ସହିତ ଦୋକାନ ଭିତରେ ପାଣି ପଶି ବ୍ୟାପକ କ୍ଷତି କରିଥିବା ଦେଖିବାକୁ ମିଳିଛି। ଶନିବାର ମଧ୍ୟାହ୍ନରେ ବସ୍ତାରେ ବର୍ଷା ଜୋର୍‌ରେ ହୋଇଥିଲା। ଫଳରେ ବସ୍ତା ବଜାର ମୁଖ୍ୟ ରାସ୍ତାରେ ଉଭୟ ପାର୍ଶ୍ୱରେ ଡ୍ରେନ ଥିବା ବେଳେ କୁଢ଼ କୁଢ଼ ଆବର୍ଜନାରେ ପୋତି ହୋଇ ଯାଇଥିବାରୁ ପାଣି ନିଷ୍କାସନ ବାଧକ ସାଜିଥିଲା। ଫଳରେ ନର୍ଦ୍ଦମା ପାଣି ଦୋକାନ ଭିତରକୁ ପଶି ଯାଇଥିଲା। ବସ୍ତା ମୁଖ୍ୟ ରାସ୍ତା କଡ଼ରେ ଥିବା ଦୋକାନୀ ଓ ଘରର ଲୋକେ ଡ୍ରେନ୍‌କୁ ଆବର୍ଜନା କୁଣ୍ଡ ଭାବେ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଡ୍ରେନ୍ ଭିତରେ ଉଠା ଦୋକାନୀଠାରୁ ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନମାନେ ଦୋକାନରୁ ବାହାରୁଥିବା ପ୍ଲାଷ୍ଟିକ ପଲିଥିନ, ଥର୍ମକୁଲ୍ ଦୋନା, ଥାଳି, ପଇଡ଼, ମଦ ବୋତଲ, ଥଣ୍ଡା ପାନୀୟ ପ୍ଲାଷ୍ଟିକ ବୋତଲ, କାଗଜ ପେଟି, ସହ ଅନ୍ୟ ପରିତ୍ୟକ୍ତ ସାମଗ୍ରୀ ପକାଇଥିବାରୁ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ସେହିପରି ରାସ୍ତା ଉପରେ ନିର୍ମାଣ ସାମଗ୍ରୀ ଗଚ୍ଛିତ ରଖିବା, ଡ୍ରେନ୍‌କୁ ଅବରୋଧ କରିବା ଭଳି କାମ କରୁଥିବା ରୁ ସଙ୍କଟ ଦେଖା ଦେଇଛି। ସଦନନ୍ଦପୁର୍ ପଞ୍ଚାୟତ ପକ୍ଷରୁ ଏହି ଡ୍ରେନ୍‌କୁ ସଫା କରାଯାଇଥିବା ବେଳେ ଲୋକନ୍ଦିତ ମାନସିକତା ପାଇଁ ପୁଣି ଡ୍ରେନ ଭର୍ତ୍ତି ହୋଇ ରହିଛି। ଆଗକୁ ବର୍ଷା ଋତୁ ଆସୁଥିବାରୁ ପ୍ରଶାସନ ଡ୍ରେନ ଜବରଦଖଲକାରୀଙ୍କୁ ଉଚ୍ଛେଦ ସହିତ ଡ୍ରେନ୍ ଉପରେ ଅଳିଆ ପକାଉଥିବା ଦୋକାନୀଙ୍କୁ ସଚେତନ ସହ ଫାଇନ ବ୍ୟବସ୍ଥା ଲାଗୁ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଶ୍ରଦ୍ଧାପୁର ସେବାସମବାୟ ସମିତିରେ ଧାନ ମଣ୍ଡି ଉଦ୍‌ଘାଟିତ



ଚନ୍ଦନେଶ୍ୱର,୨୪।୫(ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ୍ ଅନ୍ତର୍ଗତ ଶ୍ରଦ୍ଧାପୁର ପଞ୍ଚାୟତରେ ଅବସ୍ଥିତ ଶ୍ରଦ୍ଧାପୁର ସେବା ସମବାୟ ସମତିରେ ଶୁକ୍ରବାର ଅପରାହ୍ନରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ସେବା ସମବାୟ ସମିତିର ସଭାପତି ଗୁଣାକର ମାଝୀ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ଏଥିରେ ଭୋଗରାଇ ବ୍ଲକ୍ ସେବାସମିତିର ସମ୍ପ୍ରସାରଣ ଅଧିକାରୀ ବସନ୍ତ ଗିରି, ଆର୍‌ଏମସିର କ୍ୱାଲିଟି ଏନାଲିସିଷ୍ଟ ହରପ୍ରସନ୍ନ ଦେ, ସମବାୟ ସମିତିର ସମ୍ପାଦକ ବଳଭଦ୍ର ସେଠୀ, କୃଷକ ସାଥୀ ଶ୍ରୀହରି ଜେନା, କାଜଲ ଭଞ୍ଜ, ଅଜିତ ପାତ୍ର, ସେବା ସମବାୟ ସମିତିର ଉପସଭାନେତ୍ରୀ ସୁଷମା ପାତ୍ର, ନିର୍ଦ୍ଦେଶକ ବଳରାମ ପାତ୍ର, ସୁଶାନ୍ତ ନାୟକ, ଜଗନ୍ନାଥ ପାତ୍ର, ଯାମିନୀକାନ୍ତ ଗିରି, କାର୍ତ୍ତିକ ପ୍ରଧାନ, ବନମାଳୀ ବେହେରା, ବରେନ୍ଦ୍ର ମଣ୍ଡଳ, ଗୌରାଙ୍ଗ ପ୍ରଧାନ, ବ୍ରଜ କିଶୋର ପାତ୍ର, ଅଧୀର ଜେନା, ମମତା ଭୋଳ, ଚାଷୀ ସମୀର ଦାସ, ଅଜିତ ପାତ୍ର, ନାରାୟଣ ଚନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ସମିତିରୁ ଚାଷୀମାନଙ୍କ ଠାରୁ ୪୫୬ କ୍ୱିଣ୍ଟାଲ ଧାନ ଉଠାଣର ଟାର୍ଗେଟ ଆସିଛି।

● ସର୍ଟସର୍କିଟରୁ ଜଳିଗଲା ପାଠାଗାର।

## ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଟେଣ୍ଟସାମଗ୍ରୀ ଭସ୍ମୀଭୂତ



ନୀଳଗିରି,୨୪।୫(ସମିସ): ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁଁ ନିଆଁ ଲାଗି ଜଳିଗଲା ବରହମପୁର ମହାଦେବମନ୍ଦିର ସମ୍ମୁଖରେ ଥିବା ଦୀନ ସମିତି ପାଠଗାରାର ପୁରୁଣା ଗୃହ। ସମାଜ ସୁଧାରକ ଦୀନବନ୍ଧୁ ବେହେରାଙ୍କ ଅବଦାନରେ ନିର୍ମିତ ଉକ୍ତ ପାଠଗାରଟି ଦୀର୍ଘଦିନ ହେଲା ବନ୍ଦ୍ ହୋଇଥିବାବେଳେ ଉକ୍ତ ଅଞ୍ଚଳର ଜଣେ ଟେଣ୍ଟ ମାଲିକ ସେଠାରେ ନିଜର ଟେଣ୍ଟସାମଗ୍ରୀ ରଖି ଆସୁଥିଲେ। ଆଜି ହଠାତ ସର୍ଟସର୍କିଟ କାରଣରୁ ଟେଣ୍ଟକପଡ଼ା ଓ ସାମଗ୍ରୀ ଗୁଡ଼ିକରେ ନିଆଁ ଲାଗି ଯାଇଥିଲା। ସ୍ଥାନୀୟ ଲୋକେ ନୀଳଗିରି ଅଗ୍ନିଶମ ବିଭାଗକୁ ଅବଗତ କରିବାସହ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ନୀଳଗିରି ଅଗ୍ନିଶମ ବିଭାଗ ଓ କପ୍ତିପଦା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ଉକ୍ତ ପାଠାଗାରରେ ଥିବା ପ୍ରାୟ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଟେଣ୍ଟ ସାମଗ୍ରୀ ଜଳିପୋଡ଼ି ପାଉଁଶ ହୋଇଯାଇଥିବା ଦେଖିବାକୁ ମିଳିଛି।

## କାଲାମ କୋଚିଂ ସେଣ୍ଟରରେ ମେଧାବୀଙ୍କୁ ସମ୍ବର୍ଦ୍ଧନା

ରଜଘାଟ,୨୪।୫(ସମିସ): ବସ୍ତା ବ୍ଲକ୍ ଅଧୀନ ନଟାକଟା ପଞ୍ଚାୟତସ୍ଥିତ ଅମର୍ଦାରୋଡ କାଲାମ କୋଚିଂ ସେଣ୍ଟରରେ ଅଧ୍ୟୟନ କରୁଥିବା ଛାତ୍ର/ଛାତ୍ରୀ ଶତପ୍ରତିଶତ ସଫଳ ହାସଲ କରିଥିବାରୁ କାଲାମ କୋଚିଙ୍ଗ ସେଣ୍ଟରପକ୍ଷରୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ଅମର୍ଦାରୋଡ ବସନ୍ତପୁରସ୍ଥିତ କାଲାମ କୋଚିଂ ସେଣ୍ଟର ପକ୍ଷରୁ ଏକ ସଭାର ଆୟୋଜନ ହୋଇଥିଲା। କାଲାମ କୋଚିଂ ସେଣ୍ଟରର ମୁଖ୍ୟ ପରିଚାଳକ ଶୁଭ୍ରାଂଶୁ ଶେଖର ପଣ୍ଡା ସଭାପତିତ୍ୱରେ ଆୟୋଜନ ହୋଇଥିବା ସମ୍ବର୍ଦ୍ଧନା ସଭାରେ ସମସ୍ତ ଅଧ୍ୟାପକ/ ଅଧ୍ୟାପିକା ଓ ନନ୍‌ଟିଚିଂ ଷ୍ଟାଫ ପ୍ରମୁଖ ୭୬ ଛାତ୍ର/ଛାତ୍ରୀଙ୍କ ମଧ୍ୟରୁ ୭୨ ଜଣ ପ୍ରଥମ ଶ୍ରେଣୀରେ ୪ ଜଣ ଦ୍ୱିତୀୟ ଶ୍ରେଣୀରେ ସଫଳତା ହାସଲ କରିଥିବା ଛାତ୍ର/ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୂଚନା ଥାଉକି ଯେ, ଏହି ନୂତନ କରି ଗଢି ଉଠିଥିବା କୋଚିଂ ସେଣ୍ଟରର ପ୍ରଥମ ବର୍ଷରେ ଶତପ୍ରତିଶତ ସଫଳତା ହାସଲ କରିଥିବା ଯୋଗୁଁ ଅଞ୍ଚଳ ଓ ଛାତ୍ର/ଛାତ୍ରୀ ମଧ୍ୟରେ ଖୁସିର ଲହର ଖେଳି ଯାଇଥିବା ଦେଖିବାକୁ ମିଳିଛି। ସେଣ୍ଟରର ମୁଖ୍ୟ ପରିଚାଳକ ଶ୍ରୀ ପଣ୍ଡାଙ୍କୁ ପଚାରିବାରୁ ଏହି ସେଣ୍ଟର ଗରିବ ପରିବାରର ମେଧାବୀ ଛାତ୍ର/ଛାତ୍ରୀଙ୍କୁ ମାଗଣାରେ ଶିକ୍ଷାଦାନ ଦେବା ଆମର ପ୍ରଧାନ ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ। ତେବେ ସେଣ୍ଟରର ଛାତ୍ର/ଛାତ୍ରୀଙ୍କୁ ପଚାରିବାରୁ ନୂତନ କରି ଗଢି ଉଠିଥିବା ଏହି କୋଚିଂ ସେଣ୍ଟରର ଶିକ୍ଷକ/ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟି ସଦସ୍ୟ ମାନଙ୍କ କାର୍ଯ୍ୟ କରିବା ଶୈଳୀକୁ ଭୂୟସୀ ପ୍ରଶଂସା କରିବା ସହିତ ବାପା ଓ ମା, ମହାବିଦ୍ୟାଳୟର ଅଧକ୍ଷା, ଅଧ୍ୟାପକ/ଅଧ୍ୟାପିକା ଏବଂ କାଲାମ ସେଣ୍ଟରର ପରିଚାଳନ କମିଟି ସହିତ ଅଧ୍ୟାପକ/ଅଧ୍ୟାପିକାଙ୍କୁ ଶ୍ରେୟ ଦେଇଛନ୍ତି।

## ମୁମ୍ବାଇରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ



ବାଲିଆପାଳ,୨୪।୫(ସମିସ): ମୁମ୍ବାଇରେ ରହୁଥିବା ଓଡ଼ିଆ ଯୁବକ ବାଲିଆପାଳ ବ୍ଲକ୍ ନିଖିରା ଗ୍ରାମର ଡମ୍ବରୁଧର ଗିରିଙ୍କ ସାନ ପୁଅ ଧର୍ମପଦ ଗିରିଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୨୬ ବର୍ଷ ବୟସ ହୋଇଥିଲା। ଘଟଣାରୁ ପ୍ରକାଶ, ବୁଧବାର ଧର୍ମପଦ ମୁମ୍ବାଇରେ ରହୁଥିବା ଘର ଆଜବେଷ୍ଟ୍ରସ ଉପରୁ ତଳକୁ ଖସିପଡ଼ି ଗୁରୁତର ହୋଇଥିଲେ। ଗୁରୁବାର ଧର୍ମପଦର ମୃତ୍ୟୁ ହୋଇଯାଇଥିବା ଖବର ଆସିବା ପରେ ପରିବାର ସଦସ୍ୟ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ଏହି ଖବର ପାଇ ବସ୍ତା ବାଲିଆପାଳ ବିଧାୟିକା ସୁବାସିନୀ ଜେନା ତାଙ୍କ ବାସ ଭବନରେ ପହଞ୍ଚି ସାନ୍ତ୍ୱନା ପ୍ରଦାନ କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ମୃତଦେହ ଶନିବାର ପହଁଞ୍ଚିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଯାଇଥିଲା। ଧର୍ମପଦର ମୃତ୍ୟୁରେ ନିଖିରା ଗ୍ରାମ ସମେତ ଆଖ ପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଭୋଳବାସୀଙ୍କ ପାଇଁ ପାଇପ୍ ପାଣି ସାତସପନ

ଜଳେଶ୍ୱର ବ୍ଲକ୍,୨୪।୫(ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଅଧୀନ ଜଙ୍ଗଲ ଘେରା ତଥା ପାହାଡ଼ିଆ ଉପାନ୍ତ ଅଞ୍ଚଳ ଭାବରେ ଜଣାଶୁଣା ବରଡ଼ିହା ପଞ୍ଚାୟତର ୫ ନମ୍ବର୍ ୱାର୍ଡ ଭୋଳନିବାସୀଙ୍କ ପିଇବା ପାଣି ସମସ୍ୟା ନ କହିବା ଭଲ। ଆଜିକୁ ୨୦ ବର୍ଷ ହେଲା ପିଇବା ପାଣି ପାଇଁ ବୋରିଙ୍ଗ ହୋଇଥିଲେ ବି ଆଜି ପର୍ଯ୍ୟନ୍ତ ମୋଟର ଛଡ଼ାଯାଇ ପାରିଲା ନାହିଁ କି ଗାଁକୁ ସମ୍ପୁର୍ଣ୍ଣ ପାଇପ ବିଛାଯାଇ ପାରିଲା ନାହିଁ। ୨୦୨୨ରେ କିଛି କିଛି ସ୍ଥାନର ପାଇପ୍ ବିଛାଯାଇଛି କିନ୍ତୁ ପାଣିର ନା ଗନ୍ଧ ନାହିଁ। ଯାହା ଫଳରେ ଗ୍ରାମର ୪୦୦ ଲୋକ ପାଣି ପାଇଁ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଗାଁର ନଳକୂପ ପାଣି ହିଁ ସାହା ଭରଷା। ଗ୍ରୀଷ୍ମ ଋତୁରେ ପାଣିର ସ୍ତର ଖସିଗଲେ ଗରାଏ ପାଣି ପାଇଁ ୧୦୦ ଥର ମାଡ଼ିବାକୁ ପଡ଼ିଥାଏ। ନିର୍ବାଚନ ସମୟରେ ସବୁ ଦଳର ପ୍ରତିନିଧିମାନେ ପ୍ରତିଶ୍ରୁତି ଦେଇ ଆଜିକୁ ୨୦ ବର୍ଷ ହେଲା ଭଣ୍ଡାଉଛନ୍ତି। ପଞ୍ଚାୟତ ଉପ ନିର୍ବାଚନ ହେଲେ ଭୋଟ ବର୍ଜନ କରିବେ ବୋଲି ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ଗ୍ରାମର ବରେନ୍ଦ୍ର ମହାନ୍ତ, ଦୀପକ ମହାନ୍ତ, ଜଗନ୍ନାଥ ମହାନ୍ତ, ଶୈଇଲେନ୍ ମହାନ୍ତ, ଧର୍ମେନ୍ଦ୍ର ମୁର୍ମୁ, ଚୁମୁକୀ ମହାନ୍ତ, ପ୍ରମୁଖ ଅନେକ ଗ୍ରାମବାସୀ ଏହି ଚେତାବନୀ ଦେଇଛନ୍ତି।

### ଚାଷୀଙ୍କ ସହ ବିଶ୍ୱାସଘାତକତା କରୁଛନ୍ତି ସରକାର

# ଟୋକନ ମୁତାବକ ଧାନ ନ କିଣିଲେ ଆନ୍ଦୋଳନ

ବାଲେଶ୍ୱର(ଉତ୍ତର)/ଭୋଗରାଇ, ୨୪।୫(ସମିସ)




ଡବଲ ଇଞ୍ଜିନ ସରକାର ଚାଷୀଙ୍କ ସହ ବିଶ୍ୱାସଘାତ କରୁଛି। ରବି ଧାନ କିଣିବାରେ ଟାଳଟୁଳ ନୀତି ଆରମ୍ଭ କରିଛନ୍ତି। ଚାଷୀଙ୍କୁ ଦିଆଯାଇଥିବା ଟୋକନର ଅବଧି ଶେଷ ହେବାକୁ ବସିଲାଣି, ମାତ୍ର ଭୋଗରାଇରେ ହାତ ଗଣତି କେତେଟା ଧାନମଣ୍ଡିକୁ ଛାଡ଼ିଦେଲେ ଏପର୍ଯ୍ୟନ୍ତ ଧାନ କ୍ରୟ ଆରମ୍ଭ ହୋଇନି। ନିର୍ଦ୍ଧାରିତ ଧାନ ବିକ୍ରି ପାଇଁ ଚାଷୀ ପାଇଥିବା ଟୋକନ ଅନୁଯାଇ ଏବେ ଧାନ ବିକ୍ରି କରିପାରୁ ନାହାନ୍ତି। ସମୁଦ୍ରକୁ ଶଙ୍ଖେ ଭଳି ସେବା ସମବାୟ ସମିତିକୁ ରାଜ୍ୟର ବିଜେପି ସରକାର ଧାନ କିଣିବା ପାଇଁ ଟାର୍ଗେଟ ଦିଆଯାଇଛି। ଯାହା ଚାଷୀ ମାରଣ ନୀତି ର ଏକ ନଗ୍ନ ନମୁନା ବୋଲି ପ୍ରମାଣିତ ହୋଇସାରିଛି। ଚାଷୀଙ୍କ ଠାରୁ ସମସ୍ତ ଧାନ କିଣିବେ ବୋଲି କହି ବାହା ବା ମାରୁଥିବା ଶାସକ ଦଳର ନେତା ମନ୍ତ୍ରୀଙ୍କ ମୁହଁରେ ଏବେ ତାଲା ପଡ଼ିଯାଇଛି ବୋଲି ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଭୋଗରାଇ କଂଗ୍ରେସ ପକ୍ଷରୁ କୁହାଯାଇଛି। ଜଳେଶ୍ୱରପୁର ସ୍ଥିତ କଂଗ୍ରେସ ଭବନ ଠାରେ ଦଳର ନେତା ସତ୍ୟ ଶିବ ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ବ୍ଲକ କଂଗ୍ରେସ କମିଟିର ସଭାପତି ପ୍ରଦୀପ କୁମାର ନାୟକ ସଭାପତିତ୍ୱ କରିଥିଲେ। ଦଳର ଯୁବନେତା ତଥା ୩୩ନଂ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା ଯୋଗ ଦେଇ ମତ ରଖିଥିଲେ। ଚାଷୀମାନେ ମଣ୍ଡି କୁ ଧାନ ନେଇଯାଉଥିବା ବେଳେ ତାକୁ ମହଜୁଦ ରଖିବା ପାଇଁ ଗୋଦାମ ଘର ନାହିଁ। ଜରିପାଲ ତଳେ ଧାନରଖୁଥିବାରୁ ବର୍ଷା ହେଲେ ହନ୍ତସନ୍ତ ହେଉଛନ୍ତି। ଭୋଗରାଇରେ ୫ଟି ସମିତି କୁ ଛାଡ଼ିଦେଲେ ଅନ୍ୟ ସମିତିରେ ସ୍ଥାୟୀ ଗୋଦାମ ଘର ନାହିଁ। ତେଣୁ ଏସବୁ ଅବ୍ୟବସ୍ଥା ର ସୁଧାର ସହିତ ଯଦି ସରକାର ତୁରନ୍ତ ଧାନ କିଣା ପାଇଁ ଟାର୍ଗେଟ ନ ବଢାନ୍ତି ତେବେ ଆଗାମୀ ଦିନରେ ଚାଷୀମାନଙ୍କ ସହ ଦଳ ରାଜରାସ୍ତାକୁ ଓହ୍ଲାଇବେ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବ୍ଲକ୍ କାର୍ଯ୍ୟକାରୀ ସଭାପତି ପ୍ରଦୀପ ନାୟକ, ଦୀପକ ଜେନା, ଜୋନ୍ ସଭାପତି ରାଜେନ୍ଦ୍ର ଦଳାଇ, ରତନ ବାଗ, କାର୍ତ୍ତିକ ଚନ୍ଦ୍ର ପାତ୍ର, ରାଜେନ୍ଦ୍ର ପଣ୍ଡା, ବ୍ଲକ୍ ମହିଳା କଂଗ୍ରେସ ସଭାପତି ମିନାରାଣୀ ସୁର , ସରପଞ୍ଚ ସୁମନ୍ତ ବେହେରା, ଗୋପବନ୍ଧୁ ମହାପାତ୍ର ଦୀନେଶ ରାୟ କପିଳ ନାଥ, ଶିଶିର ମହାପାତ୍ର, ବନବିହାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ବାଲେଶ୍ୱର,୨୪।୫(ସମିସ): ଜୀବନବୀମା ସଂସ୍ଥା ବଜାଜ ଆଲାଏଞ୍ଜର ବାଲେଶ୍ୱର ଶାଖା ପକ୍ଷରୁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସ୍ଥାନୀୟ ବିଦ୍ୟୁତ ମାର୍ଗ ସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବଜାଜ୍ ଆଲାଏଞ୍ଜର ଆସୋସିଏଟ ରିଜିଅଓନାଲ ହେଡ ବୀରେନ୍ଦ୍ର କୁମାର ବେହୁରା ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ମଧୁମେହ ରୋଗ ବିଶେଷଜ୍ଞ ଡାକ୍ତର ତାପସ କୁମାର ଦାସ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ଅତ୍ୟାଧୁନିକ ଚିକିତ୍ସା ସେବାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବାଲେଶ୍ୱର ଶାଖା ସିନିୟର ମ୍ୟାନେଜର ଗୋପୀନାଥ ନନ୍ଦ ଏଥିରେ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ୟୁନିଟ୍ ୧ ସିନିଅର ବ୍ରାଞ୍ଚ ମ୍ୟାନେଜର ଦେବେନ୍ଦ୍ରନାଥ ଭଞ୍ଜ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଶିବିରରେ ଡାକ୍ତର ଦାସ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଉପାଦେୟ ପରାମର୍ଶ ଦେଇଥିଲେ। ବାଲେଶ୍ୱରର ପରମ୍ପରା କ୍ଲିନିକ୍ ପକ୍ଷରୁ ଏହି ଶିବିରରେ ବିଭିନ୍ନ ରୋଗ ସମ୍ବନ୍ଧୀୟ ରକ୍ତ ପରୀକ୍ଷା କରାଯାଇଥିଲା। ଶାଖାର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶିବିରି ପରିଚାଳନାରେ ସହଯୋଗ କରିଥିଲେ।

## ପୂର୍ତ୍ତବିଭାଗ କର୍ମଚାରୀଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ

# ଅସ୍ଥାୟୀ କର୍ମଚାରୀଙ୍କୁ ଗ୍ରାଚ୍ୟୁଇଟି ଓ ପେନ୍‌ସନ୍ ଦାବି

ବାଲେଶ୍ୱର,୨୪।୫(ସମିସ)



ବାଲେଶ୍ୱର ପୂର୍ତ୍ତବିଭାଗ ଅଧୀନରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଏକ ଜରୁରୀ ବୈଠକ ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାମଚନ୍ଦ୍ର ଜେନା ଅଧ୍ୟକ୍ଷତା କରିଥିଲେ। ସଦାନନ୍ଦ ରାଉତ, ପ୍ରଦୀପ କୁମାର ପଣ୍ଡା, ସୁଧାଂଶୁ ମହାପାତ୍ର, ଚନ୍ଦ୍ରମୋହନ ମାହାନ୍ତ ପ୍ରମୁଖ ଏହି ବୈଠକରେ ଯୋଗଦେଇ ପୂର୍ତ୍ତବିଭାଗ କର୍ମଚାରୀଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାଗକୁ ତୀବ୍ର ସମାଲୋଚନା କରିଥିଲେ। ପୂର୍ତ୍ତବିଭାଗ ଅଧୀନରେ କର୍ମଚାରୀମାନେ ଦୀର୍ଘ ୩୦ରୁ ୪୦ବର୍ଷ ଧରି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ପ୍ରକଳ୍ପ କାର୍ଯ୍ୟ ସୂଚାରୁରୂପରେ ସମ୍ପାଦନା କରିଚାଲିଥିବା ସତ୍ତ୍ୱେ ସେମାନଙ୍କ ପାଇଁ ଗ୍ରାଚ୍ୟୁଇଟି ଓ ପେନ୍‌ସନ୍ ବ୍ୟବସ୍ଥା ଲାଗୁ ନ ହେବା ଅତ୍ୟନ୍ତ ଦୁଃଭାର୍ଗ୍ୟର ବିଷୟ ବୋଲି କହିଛନ୍ତି। ପୂର୍ତ୍ତବିଭାଗରେ ଅନୂନ୍ୟ ୫ବର୍ଷ ଧରି ୱାର୍କଚାର୍ଡ ଅଥବା ଅସ୍ଥାୟୀ ପଦରେ କାର୍ଯ୍ୟରତ ଥିବା କର୍ମଚାରୀମାନଙ୍କୁ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାରମୂଳେ ପେନସନ ଓ ଗ୍ରାଚ୍ୟୁଇଟି ପ୍ରଦାନ ପାଇଁ ରାଜ୍ୟ ଉଚ୍ଚ ନ୍ୟାୟାଳୟ, ଏପରିକି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିବା ସେମାନେ ସୂଚନା ଦେଇଥିଲେ। ମାତ୍ର ଏହି ନିର୍ଦ୍ଦେଶର କାର୍ଯ୍ୟକାରିତା ପ୍ରତି ସରକାର ଉଦାସୀନ ରହିବା ଯୋଗୁଁ ଶତାଧିକ କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛନ୍ତି। ଫଳରେ ବିନା ଗ୍ରାଚ୍ୟୁଇଟି ଓ ପେନ୍‌ସନ୍‌ରେ ଅବସର ନେଇଥିବା କର୍ମଚାରୀମାନେ ଗଣ୍ଡେ ଭଲ ଖାଇବାକୁ ପାଉନାହାନ୍ତି ବୋଲି କହିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ଦୃଷ୍ଟି ଦେବା ଏବେ ଦୂରୁହବ୍ୟାପାର ହୋଇଛି। ସେହିପରି ମୃତ୍ୟୁବରଣ କରିଥିବା କର୍ମଚାରୀଙ୍କ ପରିବାରବର୍ଗ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ କର୍ମଚାରୀ ସଂଘପକ୍ଷରୁ ବାରମ୍ବାର ଦାବିସତ୍ତ୍ୱେ ରାଜ୍ୟ ସରକାର ନିଦାବିଷ୍ଣୁ ସାଜିଛନ୍ତି। କର୍ମଚାରୀଙ୍କ ଅବସ୍ଥାକୁ ବିଚାରପୂର୍ବକ ଗତ ୨୨ତାରିଖ ଦିନ ପୂର୍ତ୍ତ ବିଭାଗର ସିଭିଲ ବିଭାଗ ମୁଖ୍ୟଯନ୍ତ୍ରୀ ୧୧୯୨ ମସିହା ପେନ୍‌ସନ୍ ଆଇନ ଅନୁଯାୟୀ ୱାର୍କଚାର୍ଡ କର୍ମଚାରୀଙ୍କୁ ପେନ୍‌ସନ୍ ଓ ଗ୍ରାଚ୍ୟୁଇଟି ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ପାଇଁ ଚିଠି ନଂ ୧୧୯୨ରେ ରାଜ୍ୟ ସରକାରଙ୍କୁ ଚିଠି କରାଯାଇଛି। ଏହା କେବେ କାର୍ଯ୍ୟକାରୀ ହେବ ତାହା ଅନିଶ୍ଚିତା ମଧ୍ୟରେ ଥିବାବେଳେ ତଥାପି କର୍ମଚାରୀମାନେ ଆଶା ରଖିଛନ୍ତି ବୋଲି କହିଛନ୍ତି। ଆଗାମୀ ଦିନରେ ଯଦି ସରକାର ଏହାକୁ କାର୍ଯ୍ୟକାରୀ ନକରନ୍ତି ସମସ୍ତ କର୍ମଚାରୀ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦିଆଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୋବର୍ଦ୍ଧନ ପରିଡ଼ା, ଦେଶବନ୍ଧୁ ସାମଲ, ଅନାମ ଚନ୍ଦ୍ର ରାଉତ, ଉଗ୍ରସେନ ବାରିକ, ସଦାନନ୍ଦ ବେହେରା, ସାବିତ୍ରୀ ବେରା, ଶିଶିର କୁମାର ବାରିକ, ପରିତୋଷ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# ମୋବାଇଲ ଛିନ୍‌ତାର କରି ଫେରାରବେଳେ ଦୁର୍ଘଟଣା

## ■ ଜଣେ ଲୁଟେରା ଅଟକ, ଦୁଇ ଫେରାର

ବାଲେଶ୍ୱର,୨୪।୫(ସମିସ): ଜଣେ ଶିକ୍ଷକଙ୍କଠାରୁ ମୋବାଇଲ ଛିନ୍ତାଇ କରି ଫେରାର ହୋଇଯାଉଥିବାବେଳେ ସହଦେବଖୁଣ୍ଟା ଥାନା ଅଧୀନ କସିମିଳାଠାରେ ଦୁର୍ଘଟଣା ଘଟିଛି। ଫଳରେ ଲୋକେ ଜଣେ ମୋବାଇଲ ଚୋରକୁ କାବୁ କରିଥିବା ବେଳେ ଅନ୍ୟ ଦୁଇଜଣ ଫେରାର ହୋଇଯାଇଛି। ଏନେଇ ସ୍ଥାନୀୟ ଲୋକେ ସହଦେବଖୁଣ୍ଟା ଥାନାକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ମୋବାଇଲ ଚୋରକୁ ଅଟକ ରଖିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି। ସୂଚନା ଅନୁସାରେ, ଦହପଡ଼ାଠାରେ ଜଣେ ଶିକ୍ଷକ ଟ୍ୟୁସନ ସାରି ଫେରୁଥିବା ବେଳେ ଗୋଟିଏ ବାଇକ୍‌ରେ ତିନି ଜଣ ଯୁବକ ହଠାତ ଆସି ତାଙ୍କଠାରୁ ମୋବାଇଲ ଛିନ୍ତାଇ କରି ଦୃତଗତିରେ ବାଲେଶ୍ୱର ଆଡକୁ ଫେରାର ହୋଇଯାଉଥିଲେ। ଏହି ସମୟରେ କସିମିଳା ଠାରେ ସେମାନଙ୍କ ଗାଡ଼ିଟି ସାଇକେଲରେ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲା। ଫଳରେ ଛିନ୍ତାଇ କରିଥିବା ଯୁବକମାନେ ରାସ୍ତାରେ ପଡ଼ିଯାଇଥିଲେ। ଫଳରେ ସେମାନଙ୍କ ବାଇକ୍‌ଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିରୁଜି ଯାଇଥିବା ବେଳେ ସାଇକେଲ ଚାଳକ ଜଣଙ୍କ ଆହତ ହୋଇଥିଲେ। ଦୁର୍ଘଟଣା ପରେ ରାସ୍ତାରେ ଯାଉଥିବା ବ୍ୟକ୍ତି ଓ ସ୍ଥାନୀୟଲୋକେ ଉକ୍ତ ସାଇକେଲ ଆରୋହୀକୁ ଉଠାଇ ଚିକିତ୍ସା ପାଇଁ ମେଡିକାଲକୁ ପଠାଇଥିବା ବଳେ ମୋବାଇଲ ଛିନତାଇ କରିଥିବା ଜଣେ ଯୁବକକୁ ସେମାନେ କାବୁ କରିଥିଲେ। ବାକି ଦୁଇଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହାପରେ ଲୋକେ ଉକ୍ତ ଚୋରକୁ ଉତ୍ତମ ମଧ୍ୟମ ଦେବା ସହ ସହଦେବଖୁଣ୍ଟା ପୁଲିସକୁ ଜିମା ଦେଇଥିଲେ।



# ସୁଲଗ୍ନା କଲେଜରେ ସମର୍ ଫେଷ୍ଟ -୨୦୨୫



ବାଲେଶ୍ୱର,୨୪।୫(ସମିସ): ଗୁଣାତ୍ମକ ଶିକ୍ଷାର ପ୍ରୋତ୍ସାହନ ସହ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନୈତିକତାର ବିକାଶ ଘଟିଲେ ଜାତିର ପ୍ରକୃତ ଉନ୍ନତି ସାଧିତ ହୋଇ ପାରିବ ବୋଲି ମଠସାହିସ୍ଥିତ ସରିତା ନଗରରେ ଥିବା ସୁଲଗ୍ନା କଲେଜ ପରିସରରେ ପାଳିତ ସମର୍ ଫେଷ୍ଟ-୨୦୨୫ ଅବସରରେ ଲେଫ୍ଟେନ୍ କର୍ଣ୍ଣେଲ ତଥା ପି. ଏକ୍ସ. ଇ., ଚାନ୍ଦିପୁରର ଯୁଗ୍ମ ନିର୍ଦ୍ଦେଶକ ନିରାକାର ବାରିକ ପ୍ରକାଶ କରିଥିଲେ। ସୁଲଗ୍ନା ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଡ. ଘନଶ୍ୟାମ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଛାତ୍ରଛାତ୍ରୀମାନଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ଏକ ଚାପମୁକ୍ତ ବାତାବରଣର ଆବଶ୍ୟକତା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ କବି ପ୍ରଶାନ୍ତ ଦାସ ଯୋଗଦେଇ ଥିଲେ। ଯୁବ ସମାଜସେବୀ ଇଂ ପରମାନନ୍ଦ ମହାପାତ୍ର ଯୋଗ ଦେଇ ବେସିକ୍ ସାଇନ୍ସ ପାଠ୍ୟକ୍ରମ ପାଇଁ ଆବଶ୍ୟକ ଲାଙ୍ଗୁଏଜ୍ ସ୍କିଲ୍ ଓ କମ୍ୟୁନିକେଟିଭ ସ୍କିଲ ବାବଦରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ଡ଼ ଶଙ୍କର୍ଷଣ ପଣ୍ଡା, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଏବଂ ବଂଶୀଧର ଜେନା ଯୋଗ ଦେଇଥିଲାବେଳେ ଅନ୍ୟମାନଙ୍କ ମଧ୍ୟରେ ସୁଲଗ୍ନା ଯୁକ୍ତ ତିନି କଲେଜର ପ୍ରିନ୍ସିପାଲ୍ ଡ. ଧରଣୀଧର ଘୋଷ, ସୁଲଗ୍ନା ଯୁକ୍ତ ଦୁଇ କଲେଜର ପ୍ରିନ୍ସିପାଲ୍ ପ୍ରଫେସର ଚକ୍ରଧର ସାହୁ, ବି.ଏସ୍‌ସିନର୍ସିଂ କଲେଜର ପ୍ରିନ୍ସିପାଲ୍ ଓ ସୁଲଗ୍ନା ପବ୍ଲିକ ସ୍କୁଲର ପ୍ରିନ୍ସିପାଲ୍ ମଧୁସ୍ମିତା ଦାସ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଚଳିତବର୍ଷ ଯୁକ୍ତଦୁଇ ବିଜ୍ଞାନ ପରୀକ୍ଷାରେ ସୁଲଗ୍ନା କଲେଜରେ ସର୍ବାଧିକ ୫୭୬ ନମ୍ବର ରଖିଥିବା ଛାତ୍ର ଅଭିଷେକ ଭଞ୍ଜଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ କଲେଜ ଓ ସ୍କୁଲର ଶ୍ରେଷ୍ଠ କୋଡିଏ କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସୁଲଗ୍ନା ବିଏସ୍‌ସି ନର୍ସିଂ କଲେଜର ଛାତ୍ରଛାତ୍ରୀଙ୍କ ନେତୃତ୍ୱରେ ଅଧ୍ୟାପକ ଜେଏନ୍‌ଙ୍କ ସଂଯୋଜନାରେ ସନ୍ଧ୍ୟାରେ ଆୟୋଜିତ ଆକର୍ଷଣୀୟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମର ସଫଳ ରୂପାୟନରେ ସଞ୍ଜୀବ ମିର୍ଦ୍ଧା, ରମେଶ ଚନ୍ଦ୍ର ବିଶ୍ୱାଳ, ସନ୍ୟାସୀ ବିଶ୍ୱାଳ, ଭରତ ବିଶ୍ୱାଳ, ଜଗଦୀଶ ସିଂହ, ଅକ୍ଷୟ ସିଂହ, ବସନ୍ତ ବାରିକ୍, ଶୁଭେନ୍ଦୁ ଦିଣ୍ଡା, ସୌମ୍ୟରଞ୍ଜନ ପାଣିଗ୍ରାହୀ, ଯତୀନ୍ଦ୍ର ମାର୍ଣ୍ଡି, ଅଶୋକ କୁମାର ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

## ● ପଞ୍ଜୀକରଣ ଓ ସହାୟତା ରାଶି ପ୍ରଦାନରେ ବିଳମ୍ବ

# ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଉଦ୍‌ବେଗ

ବାଲେଶ୍ୱର,୨୪।୫(ସମିସ): ଜିଲ୍ଲା ନିର୍ମାଣ ଶ୍ରମିକ ସଂଘ ସମୂହ ସମନ୍ୱୟ ସମିତି ପକ୍ଷରୁ ଏକ ବୈଠକ ଉଠା ଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ପୀତାମ୍ବର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବିଜୟପାତ୍ର ନିର୍ମାଣ ଶ୍ରମିକମାନଙ୍କ ପଞ୍ଜିକରଣ ଓ ସହାୟତା ରାଶି ପ୍ରଦାନରେ ଅହେତୁକ ବିଳମ୍ବ ହେଉଥିବା କଥା ଜଣାଇଥିଲେ। ମେ' ପହିଲା ଦିନ ଜିଲ୍ଲାସ୍ତରରେ ଶ୍ରମିକ ଦିବସ ପାଳନ ଅବସରରେ ଜିଲ୍ଲା ଶ୍ରମଦପ୍ତର ପକ୍ଷରୁ ବାଲେଶ୍ୱରର କୌଣସି ଶ୍ରମିକ ନେତାଙ୍କୁ ନିମନ୍ତ୍ରଣ କରି ନ ଥିବାରୁ ସେ ଦର୍ଶାଇଥିଲେ। ଉପରୋକ୍ତ ବିଷୟ ଉପରେ ଆଲୋଚନାରେ ଅଂଶଗ୍ରହଣ କରି ବରିଷ୍ଠ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଓ ଶାନ୍ତନୁ ଦାସ ପ୍ରମୁଖ ଉଦ୍‌ବେଗ ପ୍ରକାଶ କରିଥିଲେ।



ଦୀର୍ଘ ମାସ ଧରି ପଞ୍ଜିକରଣ ପାଇଁ ଆବେଦନ କରିଥିବା ଯୋଗ୍ୟ ନିର୍ମାଣ ଶ୍ରମିକମାନଙ୍କର ପଞ୍ଜିକରଣ ଓ କନ୍ୟା ବିବାହ, ପୁଅ, ଝିଅଙ୍କ ପାଠପଢ଼ା, ମୃତ୍ୟୁକାଳୀନ ବାବଦକୁ ସହାୟତା ରାଶି ପ୍ରଦାନ କରାଯାଉ ନ ଥିବା ସମ୍ପର୍କରେ ସଂଘର କର୍ମକର୍ତ୍ତା ଅଭିଯୋଗ କରିଥିଲେ। ସେହିପରି ନବୀକରଣ ପାଇଁ ମଧ୍ୟ ବିଳମ୍ବ ହେଉଥିବାର ଅଭିଯୋଗ ହୋଇଥିଲା। ପ୍ରବଳ ଗ୍ରୀଷ୍ମରେ ଶ୍ରମ ଦପ୍ତରକୁ ଆସୁଥିବା ଶ୍ରମିକମାନଙ୍କ ବସିବା ପାଇଁ କୌଣସି ବନ୍ଦୋବସ୍ତ କରାଯାଇନାହିଁ। ତେଣୁ ଆସନ୍ତା ସପ୍ତାହରେ ଡିଭିଜନାଲ୍ ଶ୍ରମ ଆୟୁକ୍ତ ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ସାକ୍ଷାତ କରି ଏସମସ୍ତ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଅବଗତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ସାକ୍ଷାତକାର ପାଇଁ ଏକ ପ୍ରତିନିଧି ଦଳ ମନୋନୀତ କରାଯାଇଛି। ଏହି ଆଲୋଚନାରେ ସଞ୍ଜୟ କୁମାର ସାମଲ, ବେଣୁଧର ମହାନ୍ତି, ହରିଶ ଚନ୍ଦ୍ର ପାତ୍ର, ମୃତ୍ୟୁଞ୍ଜୟ ରାଉତ, କୃଷ୍ଣ ଚରଣ ଜେନା, ପ୍ରଦୀପ ବେହେରା, ମିନତୀ ବେହେରା ଓ କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।

# ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟର ରାଜ୍ୟ ସଭାପତି ବିପିନ ଦାସ



ବାଲେଶ୍ୱର,୨୪।୫(ସମିସ): ଜନସଂଖ୍ୟା ନିୟନ୍ତ୍ରଣ ଆଇନ ସହିତ ୟୁନିଫର୍ମ ସିଭିଲ କୋଡ୍ ଆଇନ ପ୍ରଣୟନ ଏବଂ ଓକଫ୍‌ବୋର୍ଡର ସମ୍ପୂର୍ଣ୍ଣ ଉଚ୍ଛେଦ ସହିତ ସନାତନ ଧର୍ମ ସାମ୍ନାରେ ଥିବା ସବୁ ସମସ୍ୟାର ସମାଧାନ ପାଇଁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବରିଷ୍ଠ ପ୍ରଚାରକ ଡ. ଇନ୍ଦ୍ରେସ କୁମାରଙ୍କ ଅନୁମୋଦନ କ୍ରମେ ରାଷ୍ଟ୍ରୀୟହିନ୍ଦୁ ଫ୍ରଣ୍ଟର ଓଡ଼ିଶା ପ୍ରଦେଶ ସଭାପତି ଭାବରେ ବିପିନ ବିହାରୀ ଦାସଙ୍କ ନାମକୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅନିଲ ଚୌଧୁରୀ ଘୋଷଣା କରିଛନ୍ତି। ଶ୍ରୀ ଦାସ ଜନସଂଖ୍ୟା ସମାଧାନ ଫାଉଣ୍ଡେସନର ଓଡ଼ିଶା ପ୍ରଦେଶର ସଭାପତି ଅଛନ୍ତି। ବହୁ ହିନ୍ଦୁ ସଙ୍ଗଠନ ସହ ଜଡ଼ିତ ରହି ହିନ୍ଦୁ ସମାଜର ସୁରକ୍ଷା ପାଇଁ କାର୍ଯ୍ୟ କରିଆସୁଛନ୍ତି। ତାଙ୍କୁ ଏଭଳି ମହତ କାର୍ଯ୍ୟରେ ଦାୟିତ୍ୱ ଦେଇଥିବାରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ ଅଧିକାରୀ ତଥା ରାଷ୍ଟ୍ରୀୟ ହିନ୍ଦୁ ଫ୍ରଣ୍ଟର ମୁଖ୍ୟ ସଂରକ୍ଷକ ଡ. ଇନ୍ଦ୍ରେସ୍ କୁମାର, ଅଧ୍ୟକ୍ଷ ଅନିଲ ଚୌଧୁରୀଙ୍କୁ ସାଧୁବାଦ ଜଣାଇଛନ୍ତି।

# ବୁଢ଼ାବଳଙ୍ଗ ନଦୀରୁ ନାବାଳକର ମୃତଦେହ ଉଦ୍ଧାର



ବାଲେଶ୍ୱର,୨୪।୫(ସମିସ): ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଧୀନ କସମିଳା ନିକଟସ୍ଥ ବୁଢ଼ାବଳଙ୍ଗ ନଦୀରୁ ଶନିବାର ଅପରାହ୍ଣରେ ଜଣେ ନାବାଳକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ନାବାଳକ ହେଲେ ଟାଉନ ଥାନା ଓଲନ୍ଦାଜ ସାହିର ଗଙ୍ଗାଧର ବେହେରାଙ୍କ ନାବାଳକ ପୁଅ ବିଷ୍ଣୁ ବେହେରା(୧୩)। ବିଷ୍ଣୁ ଗତକାଲି ବୁଢ଼ାବଳଙ୍ଗ ନଦୀ ବାଲିଘାଟକୁ ଗାଧୋଇବାକୁ ଯାଇ ଜଳରେ ନିଖୋଜ ହୋଇଯାଇ ଥିଲେ। ଟାଉନ ଥାନା ପୁଲିସ, ଓଡ୍ରାଫ୍ ଟିମ ଖୋଜାଖୋଜିକରି ଆଜି କସମିଳା ଠାରେ ମୃତଦେହକୁ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ ଟାଉନ ଥାନାରେ ମାମଲା ରୁଜୁ କରାଯାଇ ମୃତଦେହକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇଛି।

## ଦିନକ ପରେ ସାବିତ୍ରୀ ବ୍ରତ

# ଆକାଶଛୁଆଁ ଫଳ ଦାମ୍; ଫାଣ୍ଡି ଛକରେ ପ୍ରବଳ ଭିଡ଼






## ଭିଡ଼ ନିୟନ୍ତ୍ରଣ କରିବାକୁ ନହାନ୍ତି ଟ୍ରାଫିକ୍ ପୁଲିସ

ବାଲେଶ୍ୱର,୨୪।୫(ସମିସ)

ଉତ୍କଳୀୟ ସଂସ୍କୃତିର ଅନନ୍ୟ ପର୍ବ 'ସାବିତ୍ରୀ ବ୍ରତ'କୁ ବାଲେଶ୍ୱର ସହର ଠାରୁ ପୁରପଲ୍ଲୀ ପର୍ଯ୍ୟନ୍ତ ସମଗ୍ର ଜିଲ୍ଲାରେ ବିବାହିତ ମହିଳାମାନେ ବେଶ ଶ୍ରଦ୍ଧା ଓ ଭକ୍ତିର ସହିତ ପାଳନ କରନ୍ତି। ସାବିତ୍ରୀ ବ୍ରତରେ ଫଳ ଦୋକାନଠାରୁ ଆରମ୍ଭ କରି ଲୁଗାପଟା ଓ ଜଳଖିଆ ଦୋକାନରେ ମଧ୍ୟରେ ଭିଡ଼ ହୋଇଥାଏ। ଆସନ୍ତା ସୋମବାର ପବିତ୍ର ସାବିତ୍ରୀ ଅମାବାସ୍ୟା। ଏହି ସାବିତ୍ରୀ ଅମାବାସ୍ୟା ପାଇଁ ବାଲେଶ୍ୱର ସହରଠାରୁ ଆରମ୍ଭ କରି ସବୁଠି ଏବେ ଉତ୍ସାହ ଦେଖିବାକୁ ମିଳିଛି। ସହରର ଫାଣ୍ଡି ଛକ ଠାରେ ଫଳ ଦୋକାନ ଗୁଡିକରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିବାବେଳେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ କୌଣସି ଟ୍ରାଫିକ କର୍ମଚାରୀ ଉପସ୍ଥିତ ନ ଥିବା ଦେଖିବାକୁ ମିଳିଛି। ସାବିତ୍ରୀ ବ୍ରତରେ ଲାଗିବା ପାଇଁ ଫାଣ୍ଡିରେ ଛକରେ ପଡିଛି ବିଭିନ୍ନ ପ୍ରକାର ଫଳ। ହେଲେ ଏହି ସାବିତ୍ରୀ ବ୍ରତ ପାଇଁ ଏବେ ଫଳ ଦର ଆକାଶଛୁଆଁ ହୋଇଛି। ବିଶେଷ କରି ଫାଣ୍ଡିଛକରେ ବିକ୍ରି ହେଉଥିବା ସେଓ କେଜି ପ୍ରତି ୨୪୦ଟଙ୍କାରୁ ଆରମ୍ଭ କରି ୩୫୦ଟଙ୍କା ପର୍ଯ୍ୟନ୍ତ ରହିଥିବା ବେଳେ କମଳା କେଜି ପ୍ରତି ୧୨୦ଟଙ୍କାରେ ବିକ୍ରି ହେଉଛି। ଏହାବ୍ୟତୀତ ନାସପାତି କେଜି ପ୍ରତି ୩ଶହ ଟଙ୍କା ଥିବା ବେଳେ ଅଙ୍ଗୁର କେଜି ପ୍ରତି୧୨୦ଟଙ୍କା ରହିଥିବା ବେଳେ ଖଜୁରୀ ଶହେ ଟଙ୍କା। ସେହିପରି ଅନାରସ ୧୨୦ଟଙ୍କାରୁ ଆରମ୍ଭ କରି ୨ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ସେହିଭଳି ସପୁରୀ ଗୋଟାକୁ ୬୦ଟଙ୍କା ରହିଥିବା କଦଳୀ ଗୋଟିଏ ଡର୍ଜନକୁ ୩୦ଟଙ୍କାରୁ ଆରମ୍ଭ କରି ଶହେ ଟଙ୍କା ପର୍ଯ୍ୟନ୍ତ ରହିଛି। ଡ୍ରାଗନଫ୍ରୁଟ୍ ଗୋଟାକୁ ୨୦ଟଙ୍କାରେ ବିକ୍ରି ହେଉଥିବାବେଳେ ଆମ୍ବ କେଜି ପ୍ରତି ୫୦ରୁ ୮୦ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛିଷ ଲିଚୁ କେଜି ପ୍ରତି ୨ଶହ ଟଙ୍କାରେ ବିକ୍ରି ହେଉଛି। ଏନେଇ ଦୋକାନୀ ଜ୍ୟୋତିରଞ୍ଜନ ମହାନ୍ତି କହିଛନ୍ତି ଯେ,ସବୁ ପର୍ବପର୍ବାଣୀରେ ଫଳ ଦର ପ୍ରତିଦିନ ଅପେକ୍ଷା ସାଧାରଣତଃ ଅଧିକ ହୋଇଥାଏ। ତାଙ୍କ ଦୋକାନରେ ଭେରାଇଟି ଫଳ ରହିଥିବା ବେଳେ ବାହାର ରାଜ୍ୟରୁ ଫଳ ଆସୁଥିବା ବେଳେ ସେଥିପାଇଁ ଦର ଅଧିକ ହୋଇଥାଏ। ଗତବର୍ଷ ଅପେକ୍ଷା ଚଳିତବର୍ଷ ଭଲ ବେପାର ହେବାର ସମ୍ଭାବନା ମଧ୍ୟ ରହିଛି ବୋଲି କହିଛନ୍ତି। ଅନ୍ୟପଟେ ଦେଖିବାକୁ ଗଲେ ଫାଣ୍ଡିଛକ କହିଲେ ସାଧାରଣତଃ ଫଳମାର୍କେଟକୁ ହିଁ ବୁଝାଇଥାଏ। ଆଉ ଏହି ଠାରେ ରହିଛି ସହଦେବ ଖୁଟା ଥାନା। ଏଠାରେ ସବୁଦିନ ଅପେକ୍ଷା ପର୍ବପର୍ବାଣୀରେ ଅଧିକ ଭିଡ଼ ହୋଇଥାଏ। ଏଠାରେ ପାର୍କିଂର ବ୍ୟବସ୍ଥା ନ ଥିବା କାରଣରୁ ଅଧିକ ଭିଡ଼ ହୋଇଥାଏ। ହେଲେ ଏହି ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଟ୍ରାଫିକ ପୁଲିସ ନୟୋଜିତ ହେବା କଥା କିନ୍ତୁ ଟ୍ରାଫିକ ପୁଲିସ ମୁତୟନ ହୋଇ ନ ଥିବା କାରଣରୁ ରାସ୍ତାରେ ଗାଡ଼ିଗୁଡ଼ିକ ରଖାଯାଇଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଫଳରେ ଯାତାୟତରେ ଅଧିକ ସମସ୍ୟା ସୃଷ୍ଟି ହେଉଛି।




# କାଠ କଣ୍ଢେଇ



ମୂଳ ମାଲାୟାଲମ୍ : କାରୁର ନୀଳକଣ୍ଠ ପିଲ୍ଲାଇ

ଅନୁସୃଜନ : ଲଳିତ ମୋହନ ମିଶ୍ର



ଘରର ଅଗଣାରେ ପହଞ୍ଚି ଜନଗଣନାକାରୀ ଉଚ୍ଚ ସ୍ୱରରେ ପଚାରିଲେ, "କେହି ଘରେ ଅଛନ୍ତି କି?" ନଡ଼ିଆ ପତ୍ର ଛାଇର ବାରଣ୍ଡାରୁ ଜଣେ ମହିଳା ଆସିଲେ ।

ହାତରେ ଧରିଥିବା କାଗଜକୁ ଦେଖି ଆଗନ୍ତୁକ ଜଣକ ପଚାରିଲେ, "ଆମ୍ଭିନି କାହାର ନାମ? ମୋତେ କୁହ, ଏଠାରେ କିଏ କିଏ ରୁହନ୍ତି?"

-ଏବେ ତ ମୁଁ ହିଁ ଜଣେ । ମା' ଚମ୍ପା ଫୁଲ କାଟିବାକୁ ଯାଇଛି । ଭାଇ ମୂଳ ଲାଗିବାକୁ ଯାଇଛି ।

- ଆମ୍ଭିନି କାହାର ନାମ ?

- ମା'ର ନାମ ।

"ଓଃ , ଆମ୍ଭିନି ପୁରୁଷ ନୁହେଁ ? ଜଣେ ମହିଳା?" କହି ହସିଲେ ।

- ମୁଁ ଓ ମୋ ମାଆ ମହିଳା... ମୋ ଭାଇ ପୁରୁଷ ।

- ବାପା ନାହାଁନ୍ତି କି?

- ମରିଗଲା...

- ତେବେ ଅମ୍ଭିନି ଜଣେ ବିଧବା?

- ଏବେ ସେ ବିଧବା... ।

ଆଗନ୍ତୁକ ଜଣକ, ଛୋଟ ବାରଣ୍ଡାରେ ପଡ଼ିଥିବା ଏକ ବେଞ୍ଚ ଉପରେ ବସିଲେ। ତା'ପରେ ସେ ଦେଉଥିବା ତଥ୍ୟଗୁଡ଼ିକ ଲେଖିବା ଆରମ୍ଭ କଲେ ।

- ତୋର ନାମ ?

- ମୋର ନାଁ ନଳିନୀ । ସେ ସାମାନ୍ୟ ଲଜ୍ଜାରେ କହିଲା ।

- ବୟସ ?

- ତେଇଶି...

- ବିବାହିତା କି...?

ସେ ଟିକିଏ ବିଚଳିତ ହୋଇଗଲା କହିଲା, "ତେର ନମ୍ବର ମିଲ୍‌ବାଲା ଘରେ ଜନଗଣନା ହେଲା କି?"

ସେଠାକାର ଜନଗଣନା ଅନ୍ୟ ଜଣେ ବ୍ୟକ୍ତି କରିବ। ଏବେ ତୁମେ ମୋତେ କୁହ "ତୁମର ସ୍ୱାମୀ ଅଛି ନା ନାହିଁ?"

"ହଁ ଅବା ନାହିଁ... ଯାହା ତୁମକୁ ଭଲ ଲାଗିବ ଲେଖିବ ।" ସେ ଆନମନା ଭାବରେ କହିଲା । "ମୁଁ ଏ ପର୍ଯ୍ୟନ୍ତ ବିବାହ କରିନାହିଁ, କେବଳ ନିର୍ବନ୍ଧଘର ବା ଟିଂଗ ସେରିମନୀ ହୋଇଛି ।"

-ତାହା ହେଲେ ଅବିବାହିତ ଲେଖିବାକୁ ପଡ଼ିବ ।

"ବିବାହ ତ ହୋଇଛି... ।" ଏହା କହି ମୁଣ୍ଡ କୁଣ୍ଡେଇବାକୁ ଲାଗିଲା....ତା' ମୁଣ୍ଡର ତୈଳବିହୀନ କେଶରାଶି ଖୋଲିଗଲା... ନିଜର ସୁନ୍ଦର ରୂପଲାବଣ୍ୟ...ମନ୍ତ୍ରମୁଗ୍ଧ କରି ଦେଇଥିଲା ସୁନ୍ଦର ପରିବେଶ ।

- ମୋର ଜଣେ ସ୍ୱାମୀ ଅଛନ୍ତି... ଏବଂ ସେ ମୋର ନୁହଁନ୍ତି । ଛାଡ଼ି ଦେଇଛି ?

- ତା'ହେଲେ ତୁମେ ବିଭର୍ତ୍ତୁକା ଅଥବା ପତିବିହୀନା...?

- ଯଦି ସେ ମୋତେ ଛାଡ଼ି ଦେଇଛନ୍ତି, ତେବେ ସେ ପ୍ରତି ସପ୍ତାହରେ ମୋ ପାଖକୁ କାହିଁକି ତାଙ୍କର ଦୂତ ପଠାଉଛନ୍ତି ?

- ତୁମେ ତାକୁ ଛାଡ଼ି ଦେଇଥିବ...?

- ମୁଁ ତ ତାକୁ ଗ୍ରହଣ କରି ନଥିଲି, ଆଉ ଛାଡ଼ିବାର ପ୍ରଶ୍ନ କେଉଁଠୁ ଆସିଲା ? ଆପଣଙ୍କୁ ଯାହା ଭଲ ଲାଗୁଛି... ତାହା ଲେଖନ୍ତୁ । ତୁମକୁ ତ ସବୁକଥା ଜଣା...ତୁମେ ଅନୁଭବି ।

- ମୁଁ ତୁମର ସ୍ୱାମୀଙ୍କ ବିଷୟରେ କ'ଣ ଜାଣେ ? ତୁମେ ଯାହା କହିବ, ମୁଁ ତାହା ଲେଖିବି । ସ୍ୱାମୀ ଅଛନ୍ତି, ଲେଖି ଦେବି ?

- ହଁ, ଏହା ଭଲ ହେବ ।

- ଏହି ରେଜିଷ୍ଟର ଭଲ ଓ ଖରାପ ଲେଖିବା ପାଇଁ ନୁହେଁ । ଯାହା ସତ୍ୟ ତାହା ଲେଖିବା ଦରକାର ।

- ମୁଁ ଯାହା କହିଲି, ତାହା ସତ୍ୟ ।

- ଆଚ୍ଛା, ମୋତେ କୁହ ! ତୁମର ମାସିକ ରୋଜଗାର କେତେ ?

- ମୁଁ କୌଣସି କାମ କରେ ନାହିଁ ।

- ତେବେ ଆୟ ନାହିଁ...ପରାବଲମ୍ବୀ...

- ଏକଥା କିଏ କହିଲା ?

- ଯେଉଁ ବ୍ୟକ୍ତିଙ୍କର ରୋଜଗାର ନାହିଁ, ସେ ଅନ୍ୟର ଆୟ ଉପରେ ବଞ୍ଚିବାକୁ ପଡ଼ିଥାଏ । ଆପଣଙ୍କର କୌଣସି ରୋଜଗାର ନାହିଁ ।

- ଖାଇବା ଓ ପିନ୍ଧିବା ପାଇଁ ଟଙ୍କା ଦରକାର । ସେ ଦେବାବାଲା ମା' ହୁଅନ୍ତୁ କି ଭାଇ, ତାଙ୍କର ଆଶ୍ରୟରେ ରହୁଅଛି ? ଠିକ୍ କଥା ନା...? ଆପଣ କୋର୍ଟରେ ପ୍ରଶ୍ନ ପଚାରିଲା ଭଳି ପ୍ରଶ୍ନ କରୁଛନ୍ତି ?

- ତୁମକୁ କେବେ କୋର୍ଟରେ ପଚରାଉଚରା କରାଯାଇଥିଲା କି ?

- ସେହି ବଦମାସ୍ ମଧ୍ୟ ତାହା କରିଥିଲା ।

- ପତି...? କ'ଣ, ସେ ତୁମର ସ୍ୱାମୀ !

- ମୋର ସ୍ୱାମୀ ନାହାଁନ୍ତି ବୋଲି ଲେଖି ଦିଅନ୍ତୁ । ଯଦି ତୁମେ ଚାହୁଁଛ, ତାଙ୍କ ପାଇଁ ମୁଁ ତୁମକୁ ଏକ ଉପହାର ଦେବି ।

- ତୁମର କିଛି ରୋଜଗାର ନାହିଁ...ନା...?

- ମୋର ରୋଜଗାର ଅଛି । ମୁଁ ପରାଶ୍ରୟରେ ବଞ୍ଚୁ ନଥିଲି । ମୋର ମାସିକ ରୋଜଗାର ପନ୍ଦର ଟଙ୍କା ।

- ଠିକ୍ ଅଛି । ତା'ହେଲେ ତୁମର ମଧ୍ୟ ଏକ ବୃତ୍ତି ଅଛି, ତାହା ମୋତେ କୁହ ?

- ଭଲ କଥା... ! ଏଇ ସରକାରକୁ କ'ଣ... କ'ଣ...ଜାଣିବା ଦରକାର ? ଗୋଟିଏ ବୃତ୍ତି ନୁହଁ, ଅନେକ ବୃତ୍ତି ରହିଛି... । ସେସବୁ କହିଦେବି... । ଲେଖିବା ପାଇଁ କାଗଜରେ ଜାଗା ଅଛି ତ... । ମୁଁ ଏହି ଘରେ ରୋଷେଇ କରୁଅଛି । ମୁଁ ଏହି ବାରଣ୍ଡାକୁ ଲିପା ପୋଛା କରିଅଛି । ଭଲ ଭାବରେ ଲିପା ପୋଛା କରିଅଛି । କେମିତି ଦର୍ପଣ ଭଳି ଚମକୁ ଅଛି? ମୋର ସ୍ୱାମୀ...ଓହୋ...! ସେ ତ ମୋର କିଏ ନୁହେଁ ! ସେ କହୁଥିଲେ, ମୋର ଗାଲ ଦର୍ପଣ ଆଗରେ ଚମକୁ ଅଛି, ତେଣୁ ଏହି ବାରଣ୍ଡାଟି ମୋର ଗାଲ ପରି ।

ସେ ହସିଲେ, ଯେମିତି ସେ କିଛି ମଜାଳିଆ କଥା କହିଲେ ।

-ମୁଁ ଆପଣଙ୍କ ବୃତ୍ତି ବିଷୟରେ ଜାଣିବାକୁ ଚାହୁଁଛି । ଯାହା ତୁମକୁ କିଛି ରୋଜଗାର ଦେଇଥାଏ ।

- ଯଦି ରୋଜଗାର ବୃତ୍ତି ନୁହେଁ, ତେବେ ଆପଣ କିଛି କାମ ଦେବେ କି ?

ବ୍ୟକ୍ତି ଜଣକ ଚାରିଆଡ଼କୁ ଚାହିଁଲା । ସେ କହିଲା, "ଯଦି କେହି ଘରକୁ ଆସନ୍ତି, ଶିଷ୍ଟାଚାର ପାଳନ କରିବା ଉଚିତ୍, ନୁହେଁ କି? ଲାଗୁଛି ଆପଣ ପାନ ଖାଇବା ଲୋକ ।" ଏତିକି କହି ସେ କୋଠରି ଭିତରକୁ ଚାଲିଯାଇଥିଲା । କିଛି ସମୟ ପରେ ସେ ପାନ ଗୁଆ ଇତ୍ୟାଦି ନେଇ ଆସିଲା । ବ୍ୟକ୍ତି ଜଣକ ପାନ ଖାଇବାକୁ ଲାଗିଲା । ଏହା ହିଁ ପରେ ସେ ପୁଣି କୋଠରି ଭିତରକୁ ଯାଇ ତିନୋଟି କଣ୍ଢେଇ ଆଣି କହିଲା, "ଏହା ମୋର ବୃତ୍ତି । ଗୋଟିଏ କଣ୍ଢେଇ ତିଆରି କରିବାକୁ ମୋ ପାଇଁ ଗୋଟିଏ ଦିନ ଯଥେଷ୍ଟ ।"

ଲୋକଟି କଣ୍ଢେଇ ଦେଖିଲା । ଏକ ବିଶେଷ ଶୈଳୀରେ ନିର୍ମିତ ସ୍ତ୍ରୀ ମୂର୍ତ୍ତି । ଲୋକଟି ଆଖି ବନ୍ଦ ନକରି ମୂର୍ତ୍ତିକୁ ଚାହିଁ ରହିଲା । ତା'ପରେ କହିଲା, ଚମତ୍କାର... । ଚାରିଜଣ ଯାକ ଏକାପରି...!

ସେ କହିଲା, "ତିନି ଦେଖିକରି ଚାରି ପରି ଲାଗିବା...ଅଦ୍ଭୁତ...ଆଶ୍ଚର୍ଯ୍ୟଜନକ ।" ବ୍ୟକ୍ତି ଜଣକ କିଛି ଉତ୍ତର ଦେଲା ନାହିଁ ।

-ଏଗୁଡ଼ିକ ଅତି ନିଖୁଣ ଭାବରେ ତିଆରି କରାଯାଇଛି? ଛାଞ୍ଚରେ ନୁହେଁ ତ... ଆମେ ଛାଞ୍ଚରେ କରିବୁ ନାହିଁ ।

ତା'ହେଲେ ନିଶ୍ଚୟ ଏହାକୁ ଖୋଦେଇ କରି କରା ଯାଇଥିବ । ସମୁଦ୍ର ମନ୍ଥନରୁ ବାହାରି ଥିବା କ୍ଷୀରସାଗର ଲକ୍ଷ୍ମୀଙ୍କ ପରି ଦେଖାଯାଉଛନ୍ତି ।

-ମୁଁ କ୍ଷୀରସାଗର ମନ୍ଥନରେ ଭାଗ ନେଇନଥିଲି । ସେଥିପାଇଁ ମୁଁ ଲକ୍ଷ୍ମୀଙ୍କୁ ଦେଖିନାହିଁ । ମୁଁ ତୁମକୁ ମୋର ବୃତ୍ତି ଦେଖାଇଥିଲି, ଏତିକି । ବାସ୍ତବରେ, ତୁମେ ତିନି ଜଣଙ୍କୁ ଦେଖି ଚାରି ଜଣ କାହିଁକି କହିଲ?

ଜଡ଼ ମୂର୍ତ୍ତି ତିନୋଟି, କିନ୍ତୁ ଏହାକୁ ସୃଷ୍ଟି କରିଥିବା ଚେତନ ଏକ । ଏହିପରି ସମୁଦାୟ ଚାରୋଟି । ଆଶ୍ଚର୍ଯ୍ୟର କଥା ହେଉଛି, ଚାରିଜଣ ଯାକ ସମାନ । ଅର୍ଥାତ୍ ଚେତନ ମଧ୍ୟ ଜଡ଼ ପରି ଜଣାପଡୁଛି । ଏହା ନା..., ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଏହା ତ ମୋର ଭାଗ୍ୟ । ତା'ର ଆଖି ଛଳଛଳ ହୋଇଗଲା । ଏହାପରେ ସେ କୋଠରି ଭିତରକୁ ଚାଲିଗଲା । ■

ଅରବିନ୍ଦ ନଗର, ନୟାଗଡ଼
ମୋ: ୯୪୩୭୯୮୫୮୬୬

## ପୁସ୍ତକ ପରିଚୟ

### ତାରଜାଲି ଓ ଅନ୍ୟାନ୍ୟ ଗଳ୍ପ

**ଶକ୍ତିପ୍ରଭା ମିଶ୍ର**




ପଶ୍ଚିମା ପବ୍ଲିକେଶନ୍‌ସ
୧୮୮୨, ନୟାପଲ୍ଲୀ
ଭୁବନେଶ୍ୱର
ପ୍ରଥମ ପ୍ରକାଶ : ୨୦୨୪
ମୂଲ୍ୟ: ୧୭୯ ଟଙ୍କା

ସାଧାରଣ କଥାଟିଏ ମଧ୍ୟ କହି ଜାଣିଲେ ସୁନ୍ଦର ଗପଟି ହୋଇଯାଏ । ସମାଜର ସାଧାରଣ ମଣିଷଟିଏ ପାଲଟି ଯାଏ ଗପର ଚରିତ୍ରଟିଏ। ଏମିତି କିଛି ସାଧାରଣ ଚରିତ୍ର ଶକ୍ତିପ୍ରଭା ମିଶ୍ରଙ୍କ 'ତାରଜାଲି ଓ ଅନ୍ୟାନ୍ୟ ଗପ' ପୁସ୍ତକର ଗପଗୁଡ଼ିକରେ ଆକର୍ଷଣର କେନ୍ଦ୍ର ପାଲଟିଛନ୍ତି । ଏହି ପୁସ୍ତକରେ ୧୯ଟି ଗପ ସଂକଳିତ ହୋଇଛି । ଏଥିରେ ସନ୍ନିବେଶିତ 'ଜହ୍ନରାତି', 'କଳ୍ପବଟ', 'ତାରଜାଲି', 'ଝିଅ ପାଇଁ', 'ଧୂଳିଖେଳ', 'ଶଙ୍ଖା ସିନ୍ଦୂର', 'ଚେନାଏ ଆକାଶ', 'ଏକାକୀ ମଣିଷ', 'ରାତିର ଆୟୁଷ', 'ସେଇ ଝିଅଟି', 'ଏମିତି ରାତି', 'ଧକ୍କା', 'ରାଧୁବାପା', 'ମିଶା ମିଶ୍ର', 'ଗୋଲାପଜାମୁ ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ଜହ୍ନ ଓ ଜହ୍ନରାତି କାହାକୁ ବା ଭଲ ନ ଲାଗେ! କିନ୍ତୁ ଏହି ଜହ୍ନ ଦିନେ କାହାର ସଂସାରକୁ ଉଜୁଡ଼ା ଦିଏ । ତେଣୁ ଜହ୍ନ ନାଁ ଶୁଣିଲେ, ପୁନେଇଁ ଜହ୍ନକୁ ଦେଖିଲେ ଜଣେ ନାରୀ ଦେହରେ କାଳେଶୀ ଲାଗିଯାଏ । ଏଭଳି ଏକ ନିଆରା କଥାକୁ ନେଇ 'ଜହ୍ନରାତି' ଗପର କାହାଣୀ ଗତିଶୀଳ ହୋଇଛି । ସେଭଳି ବିଶ୍ୱାସ ଉପରେ ସଂପର୍କର ମୂଳଦୁଆ ଛିଡ଼ା ହୋଇଥାଏ । କିନ୍ତୁ ବେଳେବେଳେ ଅନୈତିକ ସଂପର୍କ ଏଇ ବିଶ୍ୱାସକୁ ଭାଙ୍ଗି ଦେଇଥାଏ । 'ଗୋଲାପଜାମୁ' ଗପରେ ସୁମିତ୍ରାଙ୍କ ବିଶ୍ୱାସ କିଭଳି ଭାଙ୍ଗି ଯାଉଛି, ତାହା ଗାଳ୍ପିକା ଅତି ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି । ସାମାଜିକ ବାସ୍ତବତା, ମାନବୀୟ ସଂପର୍କର ଚିତ୍ର ଏହି ପୁସ୍ତକର ଅନେକ ଗପରେ ପ୍ରତିଫଳିତ ହୋଇଛି । ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।■

### ପ୍ରିୟ ବାନ୍ଧବୀ ଓ ଅନ୍ୟାନ୍ୟ କବିତା

**ଶାନ୍ତନୁ କୁମାର ଦାସ**




କାବ୍ୟଲୋକ
ଗ୍ୟାରେଜ ଛକ, ଲୁଇସ୍ ରୋଡ୍
ଭୁବନେଶ୍ୱର-୨
ପ୍ରଥମ ପ୍ରକାଶନ : ୨୦୨୨
ମୂଲ୍ୟ: ୨୦୦ ଟଙ୍କା

"ମରିନାହିଁ ପ୍ରିୟତମା/ ଏ ମନରୁ ତୁମସ୍ମୃତି/ ଏ ଦେହରୁ ତୁମ ଧୂପ/ ଏ ଆଖିରୁ ନିଭି ନାହିଁ/ ତମରି ସପନ/ ମରିନାହିଁ ପ୍ରିୟତମା/ ରୂପର ପୂଜାରୀ ତବ/ ଏବେ ବି ଶ୍ୟାମ ମନେ/ ବିନ୍ଦୁ ବିନ୍ଦୁ ପାପ ପ୍ରଲୋଭନ ।" (ମରି ନାହିଁ ପ୍ରିୟତମା) ଭୁଲି ହୁଏ ନାହିଁ କେବେ ପ୍ରିୟତମା ସହିତ ବିତାଇଥିବା ପ୍ରତିଟି ମୁହୂର୍ତ୍ତ । ସେ ମୁହୂର୍ତ୍ତ ସବୁ ଅଭୁଲା, ଅପାସୋରା । ପ୍ରିୟ ବାନ୍ଧବୀ ସହିତ ବିତାଇ ଥିବା ଏଭଳି କିଛି ଅଭୁଲା ସ୍ମୃତିର ପ୍ରତିଛବି ପ୍ରତିଫଳିତ ହୋଇଛି ଶାନ୍ତନୁ କୁମାର ଦାସଙ୍କ 'ପ୍ରିୟତମା ଓ ଅନ୍ୟାନ୍ୟ କବିତା' ପୁସ୍ତକର କବିତାଗୁଡ଼ିକରେ । ଏହି ପୁସ୍ତକରେ ସନ୍ନିବେଶିତ 'ପ୍ରିୟ ବାନ୍ଧବୀ', , 'ପ୍ରିୟ ବାନ୍ଧବୀ: ତମ ସହ ସାକ୍ଷାତ', 'ପ୍ରିୟ ବାନ୍ଧବୀ: ତୁମ ପ୍ରେମିକମାନେ', 'ପ୍ରିୟ ବାନ୍ଧବୀ: ତମ ଗାଁ', 'ପ୍ରିୟ ବାନ୍ଧବୀ: ତୁମ ଗାଁ ଜହ୍ନରାତି', 'ପ୍ରିୟ ବାନ୍ଧବୀ: ତମେ ଏକ ଅଭୁଲା ସ୍ମୃତି', 'ମରି ନାହିଁ ପ୍ରିୟତମା', 'ପ୍ରିୟ ସଖୀ', 'ବିରହୀ', 'ଆଗୋ ମଧୁଝରା', 'ପ୍ରଥମ ଚୁମ୍ବନ' ଆଦି କବିତାଗୁଡ଼ିକ ପ୍ରେମ, ପ୍ରଣୟ, ବିରହ, ସ୍ମୃତି, ଅନୁଭୂତି ଛଳଛଳ ଆବେଗରେ ସିକ୍ତ ହୋଇଛି । ପ୍ରିୟ ବାନ୍ଧବୀଙ୍କ ସ୍ମୃତି କବିଙ୍କୁ ମୋହାଚ୍ଛନ୍ନ କରିଛି । ପ୍ରଣୟ ବିଭୋର କବିଙ୍କ କବିତାରେ ପ୍ରେମ, ବିରହ, ସ୍ୱପ୍ନ ଓ ସ୍ମୃତି ଅତି ଜୀବନ୍ତ ଭାବେ ପ୍ରତିଫଳିତ ହୋଇଛି । ଏହି ପୁସ୍ତକର ଅଧିକାଂଶ କବିତା ପ୍ରେମ ଆଧାରିତ । ନିବିଡ଼ ପ୍ରଣୟାନୁଭବରେ ରସସିକ୍ତ ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରିବ ବୋଲି ଆଶା କରାଯାଏ ।■


### ସ୍ରୋତସ୍ୱିନୀ

**କଲ୍ୟାଣୀ ସାସମଲ୍**



ବନଫୁଲ, ଭିଏସ୍ଏସ୍ ନଗର
ଭୁବନେଶ୍ୱର-୭୫୧୦୧୦
ପ୍ରଥମ ପ୍ରକାଶନ : ୨୦୨୫
ମୂଲ୍ୟ: ୧୭୫ ଟଙ୍କା

କଲ୍ୟାଣୀ ସାସମଲ୍‌ଙ୍କ କବିତା ପୁସ୍ତକ 'ସ୍ରୋତସ୍ୱିନୀ' ପ୍ରକାଶ ପାଇଛି । ଏହି ପୁସ୍ତକରେ ମୋଟ ୬୭ଟି କବିତା ସଂକଳିତ ହୋଇଛି । ପ୍ରତିଟି କବିତାର ଆବେଦନ ଭିନ୍ନ ଭିନ୍ନ । ସବୁ ବାଧାବିଘ୍ନକୁ ଅତିକ୍ରମ କରି ପ୍ରବାହିତ ହେବା ନଈର ଧର୍ମ । ସେହିପରି ମଣିଷ ମଧ୍ୟ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ନାନା ଘାତପ୍ରତିଘାତକୁ ସାମ୍ନା କରି ସୁଖଦୁଃଖରେ ଜୀବନ ଅତିବାହିତ କରିଥାଏ । ଜୀବନର ଏଭଳି ବାସ୍ତବତାର ଚିତ୍ର କଲ୍ୟାଣୀ ସାସମଲ୍‌ଙ୍କ 'ସ୍ରୋତସ୍ୱିନୀ' ପୁସ୍ତକର କବିତାରେ ଚମତ୍କାର ଭାବେ ଉକୁଟି ଉଠିଛି । ଏହି ପୁସ୍ତକର 'ଜୀବନ', 'ଜୀବନ୍ତ ଶବ୍ଦପୁଞ୍ଜ', 'ଅପେକ୍ଷାରତ ଜୀବନ', 'ପ୍ରତିଛବି', 'ଅନ୍ୱେଷଣ', 'ଅବ୍ୟକ୍ତ ଆଲେଖ୍ୟ', 'ସ୍ୱପ୍ନ', 'ପ୍ରକୃତିର କୋଳ', 'କଥାକୁହା ଛବି', 'ଆମ ଜୀବନ', 'ଅସଜଡ଼ା ପୃଥିବୀ', 'ଜୀବନ ସ୍ରୋତ', 'ସ୍ରୋତସ୍ୱିନୀ' ଆଦି କବିତାଗୁଡ଼ିକରେ ଜୀବନର ବାସ୍ତବ ଚିତ୍ର ଅତି ମାର୍ମିକ ଭାବେ ଫୁଟି ଉଠିଛି । ଜୀବନର ନାନା ଦୁଃଖ,ଯନ୍ତ୍ରଣା, ହର୍ଷ, ବିଷାଦ, ଦ୍ୱନ୍ଦ୍ୱ, ସଂଘାତର କଥା ବର୍ଣ୍ଣିତ ହୋଇଛି ଅନେକ କବିତାରେ । ସେହିପରି 'ପରିବାର', 'ମା', 'ତୁମେ ମୋ ସାଥିରେ ଅଛ', 'ବାପା', 'ବୋହୂ' ଆଦି କବିତାରେ ମାନବୀୟ ସମ୍ବନ୍ଧ ଓ ଭାବାବେଗ ପ୍ରସ୍ଫୁଟିତ ହୋଇଛି । ସେଭଳି 'କରାଳ ବେଦନା', 'ପ୍ରତାରଣା', 'ମାୟାବନ୍ଧନ', 'ଗୋଧୂଳି ଲଗ୍ନ', 'ମୋକ୍ଷ', 'ଭୁଲ୍ କାହାର', 'ସ୍ୱାଭିମାନ', 'ମଧୁରତମ ଶବ୍ଦ' ଆଦି କବିତା ମନଛୁଆଁ ହୋଇପାରିଛି । ସରଳ ଓ ବୋଧଗମ୍ୟ ଭାଷା, ନିବିଡ଼ ଅନୁଭବ କବିତାଗୁଡ଼ିକକୁ ଅଧିକ ଆକର୍ଷଣୀୟ କରିଛି । ଏହି ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କ ମନକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।■



ମୂଳ କବିତା : କେ. ସଚ୍ଚିଦାନନ୍ଦନ

ଅନୁବାଦ : ସୂର୍ଯ୍ୟ ମିଶ୍ର

## ଗୁଡ଼ି

ସେ ଦିନ ଖୁବ୍ ଖରା ଥିଲା ଓ ବହୁଥିଲା ବି ପବନ
ତ ମୁଁ ଉଡ଼ାଇଦେଲି ଚାରିଟି ଗୁଡ଼ି ।

ଲାଲ୍ ଗୁଡ଼ିଟି ଗଛ ଅଗରେ ପହଞ୍ଚି ଯାଇ
କଢ଼ ପାଲଟିଗଲା,
ଶାଗୁଆ ଗୁଡ଼ିଟି ଇନ୍ଦ୍ରଧନୁରୁ ଧୂଳି ଆଣି
ବର୍ଷା ହୋଇ ତଳକୁ ଖସିଲା
ନୀଳ ଗୁଡ଼ିଟି କାହିଁ କେତେ ଦୂର ଉଡ଼ିଲା
ଈଶ୍ୱରଙ୍କ ପତାକା ହେବାର ଆଶାରେ ।

ମାତ୍ର ଧଳା ଗୁଡ଼ିଟିରେ
ସଇତାନ୍ ଗାରେଇଥିବା ଅକ୍ଷରଗୁଡ଼ିକ
ଚିହ୍ନିବା ଚେଷ୍ଟାରେ ମୁଁ
ବିତାଇ ଦେଲି ଅବଶିଷ୍ଟ ଜୀବନ । ■



## ତିନିଜଣ କବି



ପ୍ରତିଟି କବିତାରେ
ସବୁ କିଛି ସଂପନ୍ନ କରିବା ଚେଷ୍ଟା ହେତୁ
କେଉଁଥିରେ କିଛି ହିଁ କହିପାରିଲି ନାହିଁ ।

ଆଜି ମୋର ଯାହା କହିବାକୁ ଥିଲା
ସେସବୁ ପରଦିନକୁ କହିବି ବୋଲି ଟାଳିଲି
ସେଦିନ କି ପରଦିନ ହିଁ
କହିପାରିଲି ନାହିଁ ସତକଥା ।

ସବୁ ମଣିଷଙ୍କୁ ଦେଖି ହସିଲି,
ସେମାନଙ୍କୁ ପଶୁ କହିଲି,
ସେଥିପାଇଁ ମୁଁ ଏବେ ଉପହସିତ
ମଣିଷଙ୍କ ଦ୍ୱାରା, ପଶୁଙ୍କ ଦ୍ୱାରା ।

ଆସନ୍ତାକାଲିର କବିମାନେ!
ଆମେମାନେ ଗତକାଲିର କବିମାନଙ୍କୁ
ଅନୁସରଣ କରି ଚାଲିଲୁ,
ସେପରି କରିବ ନାହିଁ ଆମକୁ । ■

ବି-୧୦୯, ସିଟି ଏନ୍‌କ୍ଲେଭ୍
ଗାୟତ୍ରୀ ବିହାର, ସୁନ୍ଦରପଦା, ଭୁବନେଶ୍ୱର-୨

# ରିଚାର୍ଡ ବାଚ୍‌ଙ୍କ ଉପନ୍ୟାସରେ ଦାର୍ଶନିକ ଭାବ ସଂପଦ



ଡକ୍ଟର ଲକ୍ଷ୍ମଣ କୁମାର ପ୍ରଧାନ


ରିଚାର୍ଡ ଡେଭିଡ୍ ବାଚ୍ (ଜନ୍ମ ଜୁନ୍ ୨୩, ୧୯୩୬) ଜଣେ ସୁପ୍ରସିଦ୍ଧ ଆମେରିକୀୟ ଲେଖକ । ତାଙ୍କ ରଚିତ Illusion The Adventures of a Reluctant Messiah, The bridge across forever, One ପ୍ରଭୃତି ଉପନ୍ୟାସ ଗଭୀର ଦାର୍ଶନିକ ଭାବଧାରାର ସମୁଜ୍ଜ୍ୱଳ ପରିପ୍ରକାଶ । ତାଙ୍କର ବ୍ୟୋମ ଉଡ଼ାଣ ଭିତ୍ତିକ ଏକାଧିକ ଉପନ୍ୟାସ ବିଶ୍ୱବିଦିତ । ତନ୍ମଧ୍ୟରୁ 'ଜୋନାଥନ୍ ଲିଭିଙ୍ଗଷ୍ଟନ୍ ସିଗଲ୍: ଏ ଷ୍ଟୋରୀ' (୧୯୭୦) ସବୁଠୁ ବେଶୀ ଲୋକପ୍ରିୟ ।

'ଜୋନାଥନ୍ ଲିଭିଙ୍ଗଷ୍ଟନ୍ ସିଗଲ୍: ଏ ଷ୍ଟୋରୀ' ଉପନ୍ୟାସଟି 'ମାକମିଲାନ ପବ୍ଲିଶର୍ସ' ଦ୍ୱାରା ପୁସ୍ତକ ଆକାରରେ ପ୍ରକାଶ ପାଇଲା ଏକାଧିକ ପ୍ରକାଶକଙ୍କ ଦ୍ୱାରା ଅଗ୍ରାହ୍ୟ ହେବାପରେ । ଏହା ପ୍ରଥମେ Soaring ନାମକ ଆମେରିକାର ଏକ ପତ୍ରିକାରେ ପ୍ରକାଶ ପାଇ ବିପୁଳ ଜନାଦୃତି ଲାଭ କରିଥିଲା । ବହିଟି ପ୍ରକାଶ ପାଇବା ସମୟରେ ଚିତ୍ରକର ରସେଲ୍ ମୁନାସନ୍ ସିଗଲ୍ ପକ୍ଷୀର ଅନେକ ଚିତ୍ତାକର୍ଷକ ଚିତ୍ର ଆଙ୍କିଥିଲେ । ଯାହା ଉପନ୍ୟାସର ପୃଷ୍ଠାରେ ପୃଷ୍ଠାରେ ସଂଯୋଜିତ । ପ୍ରାୟ ଦଶହଜାର ଶବ୍ଦ ବିଶିଷ୍ଟ ଏହି କ୍ଷୁଦ୍ର ଉପନ୍ୟାସଟି ପ୍ରକାଶ ପାଇବାର ଅଳ୍ପଦିନ ମଧ୍ୟରେ ଏକ ମିଲିୟନରୁ ଅଧିକ ସଂଖ୍ୟାରେ ବିକ୍ରି ହୋଇଥିଲା । ଏହା ତା'ର ଲୋକପ୍ରିୟତାର ନମୁନା । ବାଚ୍‌ଙ୍କ ଅଧିକାଂଶ ଉପନ୍ୟାସ ଆତ୍ମଜୀବନୀମୂଳକ ଏବଂ ଦାର୍ଶନିକ ଭାବ ସଂପଦରେ ପରିପୂର୍ଣ୍ଣ ।

'ଜୋନାଥନ୍ ଲିଭିଙ୍ଗଷ୍ଟନ୍ ସିଗଲ୍: ଏ ଷ୍ଟୋରୀ' ଉପନ୍ୟାସର ପୃଷ୍ଠାରେ ପୃଷ୍ଠାରେ ଚିତ୍ରକର ରସେଲ୍‌ଙ୍କ ଚିତ୍ରରେ ଜୋନାଥନ୍‌ର ଅସୀମ ଆକାଶରେ ଉଡ଼ାଣର ଦୃଶ୍ୟ ସଂଯୋଜିତ ହୋଇଛି । ଯେପରି ଭାବେ ରିଚାର୍ଡ ବାଚ୍ ତାଙ୍କର ଯାଦୁକରି ଶବ୍ଦ ବିନ୍ୟାସରେ ଜୋନାଥନ୍‌ଙ୍କୁ ଆଙ୍କିଛନ୍ତି । ଜୋନାଥନ୍‌ର ସ୍ୱର୍ଗୀୟ ସୌନ୍ଦର୍ଯ୍ୟ ଭରା ଉଡ଼ାଣ ରିଚାର୍ଡଙ୍କ ପ୍ରତିଟି ଶବ୍ଦ ଭିତରେ ଲାଭ କରିଛି ଦିବ୍ୟ ସୌନ୍ଦର୍ଯ୍ୟର ସ୍ନିଗ୍ଧ ଅଭିବ୍ୟକ୍ତି ।

ବାସ୍ତବରେ ଏ କାହାଣୀ ସେଇମାନଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନେ ନିଜ ସ୍ୱପ୍ନ ପଛରେ ଅନୁଧାବନ କରିପାରନ୍ତି । ଗତାନୁଗତିକ ଶୃଙ୍ଖଳା ବାହାରେ ଆପଣାର ନିଜସ୍ୱ ସ୍ୱପ୍ନ ପ୍ରଣୋଦିତ ନିୟମ ତିଆରି କରିପାରନ୍ତି ଓ ସେହି ଅନୁସାରେ ଆପଣା ମାର୍ଗରେ ବାଟ ଚାଲନ୍ତି । ସାରା ପୃଥିବୀରେ ଦଶନ୍ଧି ଦଶନ୍ଧି ବ୍ୟାପୀ ବହିଟି ନିୟୁତ ପାଠକଙ୍କ ହୃଦୟକୁ ସ୍ପର୍ଶ କରିଛି ଏହି କାରଣରୁ ।

ସବୁ ସିଗଲ୍‌ମାନଙ୍କ ଜୀବନ ଖୁବ୍ ସାଧାସିଧା – ଖାଇବା ଓ ବଞ୍ଚିରହିବା । ଯେଉଁଠି ଉଡ଼ିବାର ଲକ୍ଷ୍ୟ ଥାଏ ଖାଦ୍ୟ ସଂଗ୍ରହ । ଖାଦ୍ୟ ଅନ୍ୱେଷଣକୁ ବାଦ୍ ଦେଲେ ଉଡ଼ିବା ଯେପରି ସେମାନଙ୍କ ପାଇଁ ଅର୍ଥହୀନ । ମାତ୍ର ଜୋନାଥନ୍ ଲିଭିଙ୍ଗଷ୍ଟନ୍ ସିଗଲ୍ – ସେପରି ଏକ ସାଧାରଣ ସାମୁଦ୍ରିକ ପକ୍ଷୀ ନୁହେଁ । ତା' ପାଇଁ ଉଡ଼ିବା ହେଉଛି ଜୀବନ । (For him flying is life itself) ସିଗଲ୍‌ମାନଙ୍କ ସାଧାରଣ ଜୀବନ ଧାରାର ବୃତ୍ତ ଭିତରୁ ଜୋନାଥନ୍‌ର ଉଡ଼ାଣ ଏକ ଅସାଧାରଣ ସ୍ତର ଆଡ଼କୁ ଏବଂ ଏକ ଅନନ୍ୟ ଅଭୀପ୍ସା ଓ ଅସାଧାରଣ ଅନ୍ୱେଷାର ପ୍ରେମ ତା'ପାଇଁ ଆଣିଦେଇଛି ଯେଉଁ ସଫଳତା - ସ୍ୱପ୍ନର ସ୍ୱର୍ଗ ପଥରେ ଉଡ଼ି ବୁଲିବାର ନାନ୍ଦନିକ ପ୍ରେରଣା ଓ ଜିଜ୍ଞାସା ଫିଟାଇ ଦେଇଛି ତା' ଆଗରେ ଏକାଧିକ ସ୍ତରର ବାସ୍ତବତା –ଯାହା କି ସ୍ଥୂଳ ବାସ୍ତବତାଠାରୁ ସଂପୂର୍ଣ୍ଣ ଭିନ୍ନ ଏକ ଅଲୌକିକ ସ୍ତର ।




ଏଇ କାହାଣୀଟି ଆମ ଜୀବନକୁ ଏକ ଅସୀମ ଉଚ୍ଚତା ଆଡ଼କୁ ନେଇ ଯାଇପାରେ । ଆମ ଜୀବନରେ ଭରି ଦେଇପାରେ ବିରଳ ପ୍ରେରଣା । ଏପରିକି ଆମର ସ୍ୱପ୍ନ ସବୁ ଯଦି ଆମର ତଥାକଥିତ ସମାଜ ବ୍ୟବସ୍ଥା ବିରୁଦ୍ଧରେ ଯାଉଥାଏ - ଅଥଚ ଏକ ତୁଙ୍ଗିମାକୁ ସ୍ପର୍ଶ କରିବାର ମହତ ଅଭୀପ୍ସା ତହିଁ ଭିତରେ ଭରି ରହିଥାଏ । ଆମେ ତେବେ ଅଟକି ଯିବା ନାହିଁ । ଜୋନାଥନ୍ ଆମ ଆଗରେ ଏକ ଜ୍ୱଳନ୍ତ ଉଦାହରଣ ।

ଉଡ଼ାଣର ମେଟାଫର୍ ଭିତରେ ଜୋନାଥନ୍‌ର କାହାଣୀ ଆମକୁ ଏଇଆ କହେ ଯେ, ଆମେ ଯଦି ଆମ ସ୍ୱପ୍ନମାନଙ୍କୁ ଧରିବା ପାଇଁ ବ୍ୟାକୁଳ ହେବା ଓ ପକ୍ଷ ବିସ୍ତାରିବା ତେବେ ଅବଶ୍ୟ ଆମେ ମଧ୍ୟ ଜୋନାଥନ୍ ପରି ସେଇଭଳି ଅଲୌକିକ ସ୍ତରକୁ ଯାଇପାରିବା । ମାତ୍ର ଆମ ଅଭୀପ୍ସା ଜୋନାଥନ୍ ପରି ତୀବ୍ର ହେବା ଆବଶ୍ୟକ ।

ଜୋନାଥନ୍ ଆକାଶରେ ଉଡୁ ଉଡୁ ଏପରି ଏକ ଉଚ୍ଚତାକୁ ଉଠି ଯାଇଛି – ଯେଉଁଠି ସେ ଦେଖିପାରୁଛି ଭିନ୍ନ କେତୋଟି ସିଗଲ୍‌ଙ୍କୁ । ସେଇଭଳି ଦୁଇଟି ସିଗଲ୍ ପକ୍ଷୀ ଜୋନାଥନ୍‌ଙ୍କୁ ସେହି ଅସୀମ ଉଚ୍ଚତାର ସ୍ତରକୁ ସ୍ୱାଗତ କରି ନେଇଛନ୍ତି । ଜୋନାଥନ୍ ସେଇଠି ଅନୁଭବ କଲା – ଏଇଟା ତେବେ ସ୍ୱର୍ଗ! ନିଜକୁ ନିରେଖି ଚାହିଁ ସେ ସ୍ମିତ ହାସ୍ୟ କଲା । ସ୍ୱର୍ଗର ମୁହୂର୍ତ୍ତମାନଙ୍କୁ ଅନୁଭବ କରିବାରେ ସେ ଲାଗିପଡ଼ିଲା । କାହାଣୀର ଦ୍ୱିତୀୟ ଭାଗରେ ଜୋନାଥନ୍‌ର ଉଡ଼ାଣର ଏପରି ଏକ ଚିତ୍ତାକର୍ଷକ ବର୍ଣ୍ଣନା ରହିଛି ।

ଜୋନାଥନ୍ ଭୂପୃଷ୍ଠରୁ ଉଡ଼ି ଆସିଲାବେଳେ ମେଘମାଳାର ଊର୍ଦ୍ଧ୍ୱରେ ଏବଂ ଖୁବ୍ ଅନ୍ତରଙ୍ଗ ବାତାବରଣରେ ସେହି ଦୁଇ ବିଚକ୍ଷଣ ସିଗଲ୍‌ଙ୍କ ସହ ତା'ର ସାକ୍ଷାତ ହେଲା ଏବଂ ସେହି ମୁହୂର୍ତ୍ତରେ ସେ ଦେଖିଲା ଯେ ତା'ର ନିଜର ଶରୀର ଆଲୁଅରେ ଉଛୁଳି ଉଠୁଛି ତାକୁ ସ୍ୱାଗତ କରି ନେଇଥିବା ସେହି ଦୁଇ ଅଲୌକିକ ସିଗଲ୍ ପକ୍ଷୀଙ୍କ ପରି । ସେହି ତରୁଣ ଜୋନାଥନ୍ ସିଗଲ୍ ସେଠାରେ ଥିଲା, ମାତ୍ର ତା'ର ଦୁଇ ସ୍ୱର୍ଣ୍ଣାଭ ଆଖିର ପଶ୍ଚାତରେ ତା'ର ଶରୀରର ଏକ ଆଲୋକିତ ରୂପାନ୍ତର ସମ୍ଭବ ହୋଇ ଯାଇଥିଲା ।

ଜୋନାଥନ୍ ଅନୁଭବ କଲା, ପୃଥିବୀରେ ଯେଉଁଟା ଥିଲା ତା'ର ସବୁଠୁ ବେଶୀ ଦ୍ରୁତ ଉଡ଼ାଣ, ସେହି ଉଡ଼ାଣରୁ ଆହୁରି କେତେ ଅଧିକ ବେଗରେ ସେ ଉଡ଼ିପାରୁଥିଲା ଇଚ୍ଛା କଲାମାତ୍ରେ । ତା'ର ଦୁଇ ଡେଣାର ପର ସବୁ ସଫେଦ ଉଜ୍ଜ୍ୱଳ ହୋଇ ଚକ୍ ଚକ୍ କରୁଥିଲା ଓ ଭାରି ମାସୁମ ଲାଗୁଥିଲା । ତା'ର ସେହି ଡେଣା ଯୋଡ଼ିକ ରୁପା ରଙ୍ଗରେ ଯେପରି ଝଲସି ଉଠୁଥିଲା । ଜୋନାଥନ ଅନୁଭବ କଲା – ପୃଥିବୀ ଉପରେ ଉଡ଼ାଣର ଏକ ସୀମା ଥାଏ, ମାତ୍ର ସ୍ୱର୍ଗରେ ସେପରି ଉଡ଼ାଣର ସୀମା ନଥାଏ ।

ସେଠି ସେହି ଆକାଶର ଏକ ଅଲୌକିକ ଇଲାକାରେ ମେଘଖଣ୍ଡକୁ ଡେଣାରେ ଆଡ଼େଇ ଦେଇ ତା'ର ସାଥୀ ପକ୍ଷୀଟି ଜୋନାଥନ୍‌କୁ କହିଲା – ହାପି ଲ୍ୟାଣ୍ଡିଙ୍ଗ ଜୋନାଥନ ଏବଂ କେଉଁଠି ସେ ପବନରେ ମିଳେଇ ଗଲା ତାହା ଜୋନାଥନ୍ ଜାଣିପାରିଲା ନାହିଁ । ସେଠି ସେ ଭିନ୍ନ ଆକାଶରେ ଏକ ସମୁଦ୍ର ଉପରେ ଉଡୁଥିଲା । ଜୋନାଥନ୍‌କୁ ଆଦୌ କ୍ଲାନ୍ତ ଲାଗୁନଥିଲା । କାରଣ ସେ ସ୍ତରଟି ଥିଲା କ୍ଲାନ୍ତିଠାରୁ ଊର୍ଦ୍ଧ୍ୱରେ । ଯନ୍ତ୍ରଣାଠୁ ଊର୍ଦ୍ଧ୍ୱରେ । ଜୋନାଥନ୍‌ର ଉଡ଼ାଣର ଏପରି ରୋମାଞ୍ଚକର ଅଭିଜ୍ଞତା ଚିତ୍ରିତ ହୋଇଛି ଉପନ୍ୟାସର ପ୍ରତିଟି ପୃଷ୍ଠାରେ । ■

ଚିତାଳୋ ଡିଗ୍ରୀ ମହାବିଦ୍ୟାଳୟ, ଯାଜପୁର
ମୋ: ୯୪୩୯୦୪୦୯୩୭

## ପୂର୍ବ ଶତ୍ରୁତାରୁ ଗଡ଼ିଲା ମୁଣ୍ଡ

# ଗୋଡ଼ାଇ ଗୋଡ଼ାଇ ଟାଙ୍ଗିଆରେ ହାଣିଲେ

ରେଢ଼ାଖୋଲ, ୨୪।୫(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ବୁର୍ଡା ପଞ୍ଚାୟତର ବଡ଼ମାଳ ଗ୍ରାମରେ ଜଣେ ଯୁବକଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ, ପ୍ରଫୁଲ୍ଲ ନାଏକ। ପ୍ରଫୁଲ୍ଲ ନିଜ ଚାଷ ଜମିରେ କାମ କରୁଥିବା ବେଳେ ୪ଜଣ ଦୁର୍ବୃତ୍ତ ତାଙ୍କୁ ଗୋଡ଼େଇ ଗୋଡ଼େଇ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ପୁଲିସ୍ ପ୍ରଫୁଲ୍ଲଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ପୁଲିସ୍ ସେହି ଗ୍ରାମର ବିଭୂତି ପ୍ରଧାନଙ୍କୁ ଅଟକ ରଖି ପଚରାଉଚରା କରୁଥିବା ବେଳେ ଅନ୍ୟ ୩ଜଣ ଫେରାର୍ ହୋଇଯାଇଥିବା ଜଣାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି।



ସୂଚନାନୁଯାୟୀ, ପ୍ରଫୁଲ୍ଲ ଆଜି ନିଜ ଚାଷ ଜମିରେ ଜେସିବି ସାହାଯ୍ୟରେ କାମ କରୁଥିଲେ। ତାଙ୍କ ଜମି ପାର୍ଶ୍ୱକୁ ଲାଗି ସେହି ଗ୍ରାମର ବିଭୂତି ପ୍ରଧାନ ଚାଷଜମି ରହିଛି। ବିଭୂତିଙ୍କ ଜମି ଆଡ଼କୁ କିଛି ମାଟି ଧସିଯିବାରୁ ଦୁହିଁଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ, କଥା ବଢ଼ିବାରୁ ବିଭୂତିଙ୍କ ସହ ତାଙ୍କ ସ୍ତ୍ରୀ, ଭାଇ ଏବଂ ମାଆ ମିଶି ସଂଘବଦ୍ଧ ଭାବେ ପ୍ରଫୁଲ୍ଲଙ୍କୁ ଟାଙ୍ଗିଆରେ ହାଣି ପକାଇଥିଲେ। ପ୍ରଫୁଲ୍ଲ ଜୀବନ ବିକଳରେ ଦୌଡ଼ିଥିଲେ ହେଁ ଅଭିଯୁକ୍ତମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣି ଚାଲିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏନେଇ ପ୍ରଫୁଲ୍ଲଙ୍କ ବଡ଼ପୁଅ ରେଢ଼ାଖୋଲ ଥାନାରେ ଅଭିଯୋଗ କରିଥିଲେ।

## ଦେବସ୍ନାନ ପୂର୍ଣ୍ଣିମା ଓ ଅଲାରନାଥ ଦର୍ଶନ ପାଇଁ ବୈଠକ

# ସୁଚାରୁ ରୂପେ ପରିଚାଳନା ପାଇଁ ପରାମର୍ଶ



ପୁରୀ, ୨୪।୫ (ସମିସ): ଚଳିତବର୍ଷର ଦେବସ୍ନାନ ପୂର୍ଣ୍ଣିମା ଜୁନ୍ ୧୧ ତାରିଖରେ ଅନୁଷ୍ଠିତ ହେବ। ଏହାର ପରଦିନଠାରୁ ବ୍ରହ୍ମଗିରି ଅଲାରନାଥ ପୀଠରେ ମହାପ୍ରଭୁଙ୍କ ଦର୍ଶନ ଆରମ୍ଭ ହୋଇଯିବ। ସ୍ନାନଯାତ୍ରା ଓ ଅଲାରନାଥଙ୍କ ଦର୍ଶନକୁ ଶାନ୍ତିଶୃଙ୍ଖଳାର ସହ ସମାପନ ପାଇଁ ଏକ ପ୍ରସ୍ତୁତି ବୈଠକ ସଦ୍‌ଭାବନା ସଭାଗୃହଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି।

ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଥିଲେ, ପୂର୍ବରୁ ଏକାଧିକ ବୈଠକ ମାଧ୍ୟମରେ ସ୍ନାନଯାତ୍ରା, ଅଲାରନାଥ ଦର୍ଶନ ଓ ରଥଯାତ୍ରାକୁ ସୁଚାରୁରୂପେ ପରିଚାଳନା ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ତାହାର ନିର୍ଯ୍ୟାସ ଆଧାରରେ ସମସ୍ତ ବିଭାଗ ସେମାନଙ୍କ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଯେଭଳି ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀମାନେ ଭଲ ଭାବେ ମହାପ୍ରଭୁଙ୍କ ଦର୍ଶନ କରନ୍ତି ଓ ଅନ୍ୟାନ୍ୟ ମୌଳିକ ସୁବିଧାପ୍ରାପ୍ତ ହୁଅନ୍ତି, ସେଥିପାଇଁ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତାଘାଟ ମରାମତି ଓ ଉନ୍ନତୀକରଣ, ପାର୍କିଂ ସ୍ଥଳ, ଶାନ୍ତିଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ୱେଚ୍ଛାସେବୀ ନିୟୋଜନ, ଅଗ୍ନି ନିର୍ବାପକ ଓ ଜଳ ସିଞ୍ଚନ ବ୍ୟବସ୍ଥା ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗମାନେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପି ବିନୀତ ଅଗ୍ରୱାଲ ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ୍ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ରକ୍ଷା ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଉପଜିଲ୍ଲାପାଳ ରାଜକିଶୋର ଜେନା, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅଲାରନାଥ ମନ୍ଦିର ସେବାୟତ ବୃନ୍ଦ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଧାର୍ଯ୍ୟ ସମୟ ଅନୁସାରେ ନୀତିକାନ୍ତି ସମ୍ପନ୍ନ ପାଇଁ ସେବାୟତମାନଙ୍କୁ ଅନୁରୋଧ କରାଯାଇଥିଲା।

## ■ ଭଉଣୀ ଘରେ ପହଞ୍ଚି ପାରିଲାନି ସାବିତ୍ରୀ ଭାର

# ବଜ୍ରପାତରେ ଚାଲିଗଲା ଭାଇର ଜୀବନ

ଟାଙ୍ଗୀ/ଭୂଷଣ୍ଡପୁର,୨୪।୫(ସମିସ): ସୋମବାର ସାବିତ୍ରୀ ଅମାବାସ୍ୟା। ଏଥିପାଇଁ ଶାଢ଼ି-ଚୂଡ଼ି, ଶଙ୍ଖା-ସିନ୍ଦୂର ସାଙ୍ଗକୁ ଫଳଭାର ନେଇ ଭଉଣୀ ଘରକୁ ଯାଉଥିଲେ। କିନ୍ତୁ ବାଟ ଅଧାରୁ ଯମ ଟେକିନେଲା। ଆକାଶରୁ ବଜ୍ର ଖସି ଭାଇର ଜୀବନ ଚାଲିଗଲା। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ-ମଙ୍ଗଳାଯୋଡ଼ି ରାସ୍ତାରେ ଆଜି ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି। ମୃତକ ହେଲେ, କନ୍ତଳବାଇର ନବକିଶୋର ମହାପାତ୍ରଙ୍କ ପୁଅ ଅଭୟ ମହାପାତ୍ର (୨୭)।




ସୂଚନାନୁଯାୟୀ, ଅଭୟ ଆଜି ସାବିତ୍ରୀ ଭାର ନେଇ ଏକ ବାଇକ୍‌ରେ ନିଜ ଦାଦା ଝିଅ ଭଉଣୀ ଘର ଜରିପଡ଼ାକୁ ଯାଉଥିଲେ। ଅପରାହ୍ନ ପ୍ରାୟ ୪ଟା ବେଳେ ହଠାତ୍ ବର୍ଷା ପବନ ମାଡ଼ି ଆସିବା ସହ ଘନଘନ ବଜ୍ରପାତ ହୋଇଥିଲା। ଏହି ସମୟରେ ସେ ଟାଙ୍ଗୀ ମଙ୍ଗଳାଯୋଡ଼ି ରାସ୍ତାରେ ଥିବା ଏକ ବରଓସ୍ତ ଗଛ ତଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ସେଠାରେ ଏକ ବଜ୍ରପାତ ହେବାରୁ ଅଭୟ ସେହିଠାରେ ହିଁ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଗୁରୁତର ଅବସ୍ଥାରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ୍ ଅଭୟଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଅଭୟଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମହଙ୍ଗା ପଡ଼ିଲା ମାମଲାରୁ ନାଁ କାଟିବା

# ଭିଜିଲାନ୍ସ ଜାଲରେ ବାଙ୍କୋଇ ଫାଣ୍ଡି ଏଏସ୍‌ଆଇ

ଖୋର୍ଦ୍ଧା/ବୋଲଗଡ଼, ୨୪।୫ (ସମିସ): ପୁଣି ଖାକିରେ ଦାଗ। ଏକ ମାମଲାରୁ ଜଣେ ଅଭିଯୁକ୍ତଙ୍କ ନାଁ କାଟିବା ପାଇଁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡିର ଏଏସ୍‌ଆଇ ତୁଷାରକାନ୍ତ





ନାୟକ। ଭିଜିଲାନ୍ସ ତାଙ୍କଠାରୁ ରଙ୍ଗବୋଳା ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଛି। ଏହାସହ ଲାଞ୍ଚ ଟଙ୍କା ନେଣଦେଣରେ ମଧ୍ୟସ୍ଥି ସାଜିଥିବା ଫାଣ୍ଡି ଡ୍ରାଇଭର୍ ହୋମ୍‌ଗାର୍ଡ ପି.କେ ସୁନ୍ଦରାୟଙ୍କୁ ମଧ୍ୟ ଭିଜିଲାନ୍ସ ଗିରଫ କରିଛି ବୋଲି ଭିଜିଲାନ୍ସ ଡିଏସ୍‌ପି ବ୍ରଜକିଶୋର ସାହୁ ସାହୁ ସୂଚନା ଦେଇଛନ୍ତି।

ଶ୍ରୀ ସାହୁଙ୍କ ସୂଚନାନୁସାରେ, ଗତ ଏପ୍ରିଲ ୨୬ ତାରିଖରେ ରାଜସୁନାଖଳା କାଉଁରିପାଟଣା ସାହିରେ ଏକ ଆପରାଧିକ ଘଟଣା ଘଟିଥିଲା। କିଛି ଯୁବକ ଭୋଜି କରିସାରିବା ପରେ ସେଠାକାର ଜଣେ ନାବାଳିକାଙ୍କ ଘର କବାଟ ବାଡ଼େଇବା ସହ ଗାଳିମନ୍ଦ କରିଥିଲେ। ଏନେଇ ୫ଜଣଙ୍କ ନାଁରେ ବାଙ୍କୋଇ ଫାଣ୍ଡିରେ ଅଭିଯୋଗ ହେବା ପରେ ବୋଲଗଡ଼ ପୁଲିସ୍ ନମ୍ବର ୯୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାମଲାର ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ତୁଷାରକାନ୍ତ ନାୟକ ରହିଥିଲେ। ତେବେ ମାମଲାରୁ ନିଜ ନାଁ କାଟିବା ଲାଗି ଜଣେ ଅଭିଯୁକ୍ତ ରାକେଶ ପୃଷ୍ଟି ଓରଫ୍ ଲୁଲୁ ଫାଣ୍ଡିକୁ ଯାଇଥିଲେ। ଫାଣ୍ଡି ଡ୍ରାଇଭର୍ ହୋମ୍‌ଗାର୍ଡ ସୁନ୍ଦରାୟ ଏଥିରେ ମଧ୍ୟସ୍ଥି ସାଜିଥିଲେ। ନାଁ କାଟିବାକୁ ଲୁଲୁଙ୍କୁ ଏଏସ୍‌ଆଇ ୧୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ।

- ■ ମଧ୍ୟସ୍ଥି ହୋମ୍‌ଗାର୍ଡ ବି ଗିରଫ
- ■ ଉଲ୍ଲେଖନୀୟ ସେବା ପାଇଁ ସମ୍ମାନିତ ହୋଇଥିଲେ ତୁଷାରକାନ୍ତ
- ■ ପୈତୃକ ଘର ସମେତ ଦୁଇଟି ସ୍ଥାନରେ ଚଢ଼ଉ

ମାତ୍ର ଲୁଲୁ ଏଥିରେ ଅସନ୍ତୋଷ ବ୍ୟକ୍ତ କରି ଶୁକ୍ରବାର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ଡିଏସ୍‌ପି ଶ୍ରୀ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଉଭୟଙ୍କୁ ଧରିବା ଲାଗି ଯୋଜନା ପ୍ରସ୍ତୁତ କରିଥିଲା। ଶୁକ୍ରବାର ରାତିରେ ଭିଜିଲାନ୍ସର ଏକ ଟିମ୍ ଫାଣ୍ଡି ନିକଟରେ ଛପି ରହିଥିଲେ। ଲୁଲୁ ଟଙ୍କା ନେଇ ଡ୍ରାଇଭରଙ୍କୁ ଦେଇଥିଲେ। ଡ୍ରାଇଭରଠାରୁ ଏଏସ୍‌ଆଇ ନେବା ବେଳେ ଭିଜିଲାନ୍ସ ଟିମ୍ ସେମାନଙ୍କୁ ମାଡ଼ି ବସିଥିଲେ। ତାଙ୍କଠାରୁ ରଙ୍ଗବୋଳା ଟଙ୍କା ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛନ୍ତି। ପରେ, ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ତୁଷାରକାନ୍ତଙ୍କ ଭଡ଼ାଘର ଓ ନୟାଗଡ଼ସ୍ଥିତ ପୈତୃକ ଘରେ ଚଢ଼ଉ କରିଛି। ପ୍ରକାଶ ଥାଉକି, ଏଏସ୍‌ଆଇ ତୁଷାରକାନ୍ତ ନାୟକ ଉଲ୍ଲେଖନୀୟ ସେବା ପାଇଁ ଜିଲ୍ଲା ପୁଲିସ୍ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଥିଲା।

# ଆର୍ଥିଂ ତାର ଚୋରି; ଏମ୍‌କେସିଜିରେ ସିଟି ସ୍କାନ ସେବା ଠପ୍

ବ୍ରହ୍ମପୁର, ୨୪।୫ (ସମିସ): ବିଭିନ୍ନ ସମୟରେ ଏମ୍‌କେସିଜି ମେଡ଼ିକାଲର ଭିନ୍ନ ଭିନ୍ନ ବିଭାଗରୁ ବହୁ ସାମଗ୍ରୀ ଚୋରି ହେଉଥିବା ନଜିର ରହିଛି। ଏହାଦ୍ୱାରା ପରୋକ୍ଷ ବା ପ୍ରତ୍ୟକ୍ଷ ଭାବେ ରୋଗୀ ସେବା ଉପରେ ପ୍ରଭାବ ପଡୁଛି। ଏଭଳି ଏକ ଘଟଣା ଏବେ ସାମ୍ନାକୁ ଆସିଛି। ମେଡ଼ିକାଲ ପରିସରରେ ଥିବା ସିଟି ସ୍କାନ୍ କେନ୍ଦ୍ରର ମେସିନକୁ ସଂଯୋଗ ହୋଇଥିବା ଆର୍ଥିଂ ତାର ଚୋରି ହୋଇଯାଇଥିବାରୁ ଦୁଇ ଦିନ ହେବ ସିଟି ସ୍କାନ୍ ସେବା ବନ୍ଦ ରହିଛି। ଫଳରେ ରୋଗୀମାନେ ସେବା ନ ପାଇ ଫେରିଯାଉଥିବା ଦେଖିବାକୁ ମିଳିଛି। ସିଟି ସ୍କାନ୍ ପରିଚାଳନା କରୁଥିବା ସଂସ୍ଥା ପକ୍ଷରୁ କିଛି ରୋଗୀଙ୍କୁ ସହରର ଏକ ଘରୋଇ ଡାଏଗ୍ନୋଷ୍ଟିରେ ସେଣ୍ଟରେ ସିଟି ସ୍କାନ କରାଯାଉଛି।

# ଅବଶିଷ୍ଟାଂଶ

## ସଅଳ ଛୁଇଁଲା...

ସୂଚନାଯୋଗ୍ୟ, ଗତ ୫୦ ବର୍ଷ ମଧ୍ୟରେ ୧୯ ୯୦ ମସିହାରେ ପାଣିପାଗ ବିଭାଗ ପକ୍ଷରୁ କରାଯାଇଥିବା ଆକଳନର ୧୩ ଦିନ ପୂର୍ବରୁ ଅର୍ଥାତ୍ ସେହିବର୍ଷ ମେ' ୧୯ ରେ ମୌସୁମୀ କେରଳ ଛୁଇଁଥିଲା। ୨୦୦୯ ରେ ମୌସୁମୀ ଧାର୍ଯ୍ୟ ସମୟ ପୂର୍ବରୁ ମେ' ୨୩ ତାରିଖରେ କେରଳ ଉପକୂଳ ଛୁଇଁଥିଲା। ୧୬ ବର୍ଷ ପରେ ପୁଣି ଥରେ ମୌସୁମୀ କ୍ଷିପ୍ରଗତିରେ ଆସି ମେ' ୨୪ରେ କେରଳ ଛୁଇଁଛି। ଅନ୍ୟପକ୍ଷରେ କିଛି ଘଣ୍ଟା ମଧ୍ୟରେ ମୌସୁମୀ କର୍ଣ୍ଣାଟକ ଏବଂ ତାମିଲନାଡୁ ଛୁଇଁବା ନେଇ ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ତାମିଲନାଡୁରେ ଆଇଏମଡି ପକ୍ଷରୁ ସତର୍କତା ଜାରି କରାଯାଇଛି। ମୌସୁମୀ ସକ୍ରିୟ ହେବା ସହିତ ସପ୍ତାହକ ମଧ୍ୟରେ ଏହା ଦକ୍ଷିଣ ଭାରତର ସମସ୍ତ ରାଜ୍ୟ ଏବଂ ଜୁନ୍ ୪ ସୁଦ୍ଧା ପୂର୍ବ ଏବଂ ମଧ୍ୟଭାଗ ଛୁଇଁବ ବୋଲି କୁହାଯାଇଛି। ଚଳିତ ବର୍ଷ ମୌସୁମୀ ଉପରେ ଏଲ୍-ନିନୋର ପ୍ରଭାବ ପଡ଼ିବାର ସମ୍ଭାବନା କମ୍ ବୋଲି କୁହାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୭ ତାରିଖରେ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଥିବାବେଳେ ଏହା ମୌସୁମୀକୁ ଆହୁରି ସକ୍ରିୟ କରିବ। ମୌସୁମୀ ଆଗମନ ପୂର୍ବରୁ ଗତ ୧-୨ ଦିନ ଧରି ରାଜ୍ୟବାପୀ ପ୍ରାକ୍ ମୌସୁମୀ ବର୍ଷା ଜାରି ରହିଥିବା ବେଳେ ଏହା ଆସନ୍ତା ୨୯ ତାରିଖ ଯାଏଁ ଲାଗି ରହିବ।

ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଜାରି ରହିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୩ଟି ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ବେଳେ ଗୋଟିଏ ସ୍ଥାନରେ ଅତିପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଗଞ୍ଜାମର ପାତ୍ରପୁରଠାରେ ସର୍ବାଧିକ ୧୧୭.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ସୁନ୍ଦରଗଡ଼, ଢେଙ୍କାନାଳ, କନ୍ଧମାଳ, ମୟୂରଭଞ୍ଜ, ବଲାଙ୍ଗିର, କେନ୍ଦୁଝର ଆଦି ଜିଲ୍ଲାଗୁଡ଼ିକରେ ଭଲ ବର୍ଷା ହୋଇଛି।

ଅପରପକ୍ଷେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ଆସନ୍ତା ୩୦ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ। ଆସନ୍ତାକାଲି ରାୟଗଡ଼ା, କୋରାପୁଟ, ଗଜପତି, ଗଞ୍ଜାମ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ପ୍ରବଳ ବର୍ଷା ସହ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ସେହିପରି ମାଲକାନଗିରି, ବାଲେଶ୍ୱର, ସୋନପୁର, ଝାରସୁଗୁଡ଼ା, ସମ୍ବଲପୁର ଓ କନ୍ଧମାଳ ଜିଲ୍ଲାରେ ଝଡ଼ବର୍ଷା ସମ୍ଭାବନା ରହିଛି। ୨୬ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରେ ଝଡ଼ବର୍ଷା ହେବ ବୋଲି କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୬ ତାରିଖରୁ ଝଡ଼ବର୍ଷାର ପ୍ରକୋପ ବଢ଼ିବାକୁ ଥିବାବେଳେ ଆସନ୍ତା ୬ରୁ ୭ ଦିନ ପର୍ଯ୍ୟନ୍ତ ତାପମାତ୍ରା ଅପରିବର୍ତ୍ତିତ ରହିବ ବୋଲି କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

## ଧୋଇଗଲା ହାଟ...

ଜୋର୍‌ରେ ପବନ ସହ ବର୍ଷା ହୋଇଥିଲା। ବାଦଲ ଫଟା ବର୍ଷା ଯୋଗୁଁ ହାଟରେ ଜରି ପାଲ ଦେଇ ବ୍ୟବସାୟ କରୁଥିବା ବ୍ୟବସାୟୀ ଅସହାୟ ହୋଇ ପଡ଼ିଥିଲେ। ପବନରେ ଜରି ପାଲ ଉଡ଼ି ଯାଇ ବ୍ୟବସାୟୀଙ୍କ ଜିନିଷ ନଷ୍ଟ ହୋଇ ଯାଇଥିଲା। ହାଟରେ ବ୍ୟବସାୟୀ ବିକ୍ରି କରୁଥିବା ପରିବା, ଚପଲ ଭଳି ବିଭିନ୍ନ ଜିନିଷ ପତ୍ର ପାଣିରେ ଭାସିଯାଇଥିବା ଦେଖିବାକୁ ମିଳିଛି। ଅଚାନକ ବର୍ଷା ଯୋଗୁଁ ହାଟକୁ ଆସିଥିବା ଗ୍ରାହକ ମଧ୍ୟ ନାହିଁ ନଥିବା ସମସ୍ୟା ଭୋଗିଥିଲେ। ଅଳ୍ପ ସମୟ ମଧ୍ୟରେ ଏତେ ପରିମାଣର ବର୍ଷା ଲମତାପୁଟରେ ପ୍ରଥମ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ପ୍ରବଳ ବର୍ଷାରେ ଜୟପୁର-ବିଶାଖାପାଟଣା ରାଜପଥ ଉପରେ ବର୍ଷା ଜଳ ଜମି ରହିବାରୁ କିଛି ସମୟ ପାଇଁ ଏକ ପ୍ରକାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ବର୍ଷା ଯୋଗୁଁ କ୍ଷୟକ୍ଷତିର କୌଣସି ସୂଚନା ବର୍ତ୍ତମାନ ସୁଦ୍ଧା ହସ୍ତଗତ ହୋଇ ନଥିବା ଜିଲ୍ଲା ଜରୁରୀକାଳୀନ ଅଧିକାରୀ ସୁବ୍ରତ କୁମାର ସାହୁ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାର ଓ ବିଡିଓଙ୍କୁ ରିପୋର୍ଟ ମଗା ଯାଇଥିବା ସେ କହିଛନ୍ତି।

## 'ଟିମ୍ ଇଣ୍ଡିଆ' ହୋଇ...

କରିଛନ୍ତି। ଚଳିତ ବର୍ଷ ନିତି ଆୟୋଗର ସଂକଳ୍ପ ରାଜ୍ୟ ବିକାଶ ପାଇଁ ଉଦ୍ଦିଷ୍ଟ ରହିଛି। ରାଜ୍ୟମାନଙ୍କ ଦ୍ରୁତ ବିକାଶ ଦ୍ୱାରା ଦେଶର ସାମଗ୍ରିକ ବିକାଶ ସମ୍ଭବ ବୋଲି କୁହାଯାଇଛି। ଏହିକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ କେନ୍ଦ୍ର ଏବଂ ରାଜ୍ୟମାନଙ୍କ ମିଳିତ ଉଦ୍ୟମରେ ଦେଶର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ ଦେଇଛନ୍ତି। ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବାକୁ ହେଲେ ଏହି ପଦ୍ଧତିରେ କାର୍ଯ୍ୟ କରିବାକୁ ପଡ଼ିବ। ଏହି ଅବସରରେ ସେ ' ୱାନ ଷ୍ଟେଟ୍ : ୱାନ ଗ୍ଲୋବାଲ ଡେଷ୍ଟିନେସନ୍' ପାଇଁ ଆହ୍ୱାନ ଜଣାଇଛନ୍ତି। ପ୍ରତ୍ୟେକ ରାଜ୍ୟ ଆନ୍ତର୍ଜାତିକ ମାନର ଏକ ପର୍ଯ୍ୟଟନ ସ୍ଥଳ ବିକାଶ କରିବା ସହିତ ବିଭିନ୍ନ ସହରକୁ ବିକାଶ ଦୃଷ୍ଟିରୁ ଭବିଷ୍ୟତ ପାଇଁ ପ୍ରସ୍ତୁତ ରଖିବାକୁ ସେ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ କହିଛନ୍ତି। ଏହି ବୈଠକରେ ତିନି ରାଜ୍ୟକୁ ଛାଡି ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ , କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ ଏବଂ ନିତି ଆୟୋଗ ଉପାଧ୍ୟକ୍ଷ ଉପସ୍ଥିତ ରହିଥିଲେ। ଅପରପକ୍ଷେ ନିତି ଆୟୋଗର ୧୦ ପରିଚାଳନା ପରିଷଦ ବୈଠକରେ ବିକଶିତ ଓଡ଼ିଶାର ବ୍ଲୁ-ପ୍ରିଣ୍ଟ ଉପସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆସନ୍ତା ୨୦୩୬ ମସିହା ସୁଦ୍ଧା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ଶହେ ବର୍ଷ ପୂରୁଛି। ସେହିପରି ୨୦୪୭ ସୁଦ୍ଧା ସ୍ୱାଧୀନ ଭାରତକୁ ୧୦୦ ବର୍ଷ ପୂର୍ତ୍ତି ହେଉଛି। ୨୦୩୬ ସୁଦ୍ଧା ଓଡ଼ିଶା ୫୦୦ ବିଲିୟନ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତି ହେବାର ଲକ୍ଷ୍ୟ ରଖିଛି। ଆସନ୍ତା ଜୁନ ୧୨ ତାରିଖରେ ରାଜ୍ୟରେ ବିଜେପି ନିଜ ସରକାରର ପ୍ରଥମ ବର୍ଷ ପୂରଣ କରୁଥିବା ବେଳେ ସେହିଦିନ ୨୦୩୬ ସମୃଦ୍ଧ ଓଡ଼ିଶାର ମୂଳଦୁଆ ପଡ଼ିବ। ୨୦୩୬ ସୁଦ୍ଧା ଏକ ସଶକ୍ତ ଏବଂ ସମୃଦ୍ଧ ଓଡ଼ିଶା ଗଠନ ଏହାର ଦୃଷ୍ଟିକୋଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିକଶିତ ଓଡ଼ିଶା ଗଠନ ପାଇଁ କେନ୍ଦ୍ର ସରକାର ଏବଂ ଅନ୍ୟ ରାଜ୍ୟର ପ୍ରତ୍ୟେକ୍ଷ ସହଯୋଗ ଲୋଡ଼ିଛନ୍ତି ମୁଖ୍ୟମନ୍ତ୍ରୀ।

ବୈଠକରେ ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏଥିପାଇଁ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଉଛି। ଭିଜନ ଡକ୍ୟୁମେଣ୍ଟ ପାଇଁ ପ୍ରାୟ ୩ ଲକ୍ଷ ୨୦ ହଜାର ଲୋକଙ୍କ ମତାମତ ଗ୍ରହଣ କରାଯାଇଛି। ଆସନ୍ତା ୧୨ ତାରିଖରେ ଏହି ଭିଜନ ଡକ୍ୟୁମେଣ୍ଟର ଲୋକାର୍ପଣ ହେବ। କେନ୍ଦ୍ର ସରକାରଙ୍କ ସହଯୋଗରେ ରାଜ୍ୟରେ କୃଷକଙ୍କ ଉନ୍ନତି ସହ ବିଶ୍ୱସ୍ତରୀୟ ରାସ୍ତା, ରେଳ ଏବଂ ବାୟୁ ଯୋଗାଯୋଗ ବ୍ୟବସ୍ଥାର ନିର୍ମାଣ ଆମର ଲକ୍ଷ୍ୟ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଗତ ଏକବର୍ଷ ମଧ୍ୟରେ ରାଜ୍ୟ ସରକାର ନେଇଥିବା ପ୍ରମୁଖ ପଦକ୍ଷେପ ସମ୍ପର୍କରେ ବୈଠକରେ ଅବତାରଣା କରିଥିଲେ।

## ମହିଳାଙ୍କୁ ଦଳିଦେଲା...

ଚାର୍ମେଇ ଶାଳ ଛାଲି ଦଉଡ଼ି ଆଣିବାକୁ ପୁଅକୁ ଧରି ଗାଁ ନିକଟ ଜଙ୍ଗଲକୁ ଯାଇଥିଲେ। ପୁଅକୁ ବସାଇଦେଇ ଦଉଡ଼ି ସଂଗ୍ରହ କରୁଥିବା ବେଳେ ହଠାତ୍ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ହାତୀଟି ଚାର୍ମେଇଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ପରେ ପାଦରେ ଦଳି ଦେଇ ଜଙ୍ଗଲ ଭିତରକୁ ପଳାଇଥିଲା। ଏଥିରେ ଘଟଣାସ୍ଥଳରେ ଚାର୍ମେଇଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କର ବର୍ଷକର ପୁଅ ଅଳ୍ପକେ ରକ୍ଷା ପାଇଯାଇଥିଲା। ଶିଶୁପୁତ୍ରଟିର କାନ୍ଦ ଶୁଣି ମଧ୍ୟାହ୍ନରେ କିଛି ସ୍ଥାନୀୟ ଲୋକେ ତାକୁ ଜଙ୍ଗଲରୁ ଉଦ୍ଧାର କରିଥିଲେ।

ଖବର ପାଇ ବନାଞ୍ଚଳ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସିଂ, ଏସିଏଫ୍ ଧରିତ୍ରୀ ମୁର୍ମୁ, ବନପାଳ ପ୍ରଭାତ ରଞ୍ଜନ ମହାନ୍ତ, ବନପାଳ ଶୁଭଲକ୍ଷ୍ମୀ ପାତ୍ର ପ୍ରମୁଖ ପହଞ୍ଚି ତଦନ୍ତ କରିଥିଲେ। ବିଶୋଇ ତହସିଲଦାର ସତ୍ୟବାନ ନାଏକଙ୍କ ଉପସ୍ଥିତିରେ ଶବକୁ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଯୋଡ଼ିଆ ପଞ୍ଚାୟତ ସରପଞ୍ଚ ସାବିତ୍ରୀ ସୋରେନ ଓ ପଞ୍ଚାୟତ ସମିତି ସଦସ୍ୟ ଚାନ୍ଦ୍ରାୟ ସୋରେନ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପ୍ରଦାନ କରିଛନ୍ତି।


**AFFIDAVIT**

I, Alema Parween, W/o- Shaikh Riyazuddin, resident of Chandpur, Po/Ps- Brahmabarada, Dist-Jajpur, Pin-755005 Odisha decl-are by this affidavit No.4672 dtd.-21/05/2025 that now onw-ards I shall be known as ALEMA BIBI for all future purposes.

**SALE**

Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.

Contact

GADHWAL GROUP

M.: 9437015112

**AFFIDAVIT**

I, Sraban Kumar Budankailu Subudhi, S/o- Purna Chandra Subudhi, resident of Flat No. B-904, Z1 Vyom Apartment, Nandankanan Road, Raghunathpur, Dist.- Khordha, Odisha- 751024 declare by this affidavit No. 69 dated 04.11.2024 that now onwards I shall be known as **SRABAN KUMAR SUBUDHI** for all future purposes.

**AFFIDAVIT**

By virtue of an affidavit No.6238, Dtd.19.05.2025 sworn before the Executive Magistrate, Balasore, I, Sasmita Parida, D/o. Tulasi Parida, At./Po.: Mirjapur, Ps.- Khaira, Dist. Balasore, Odisha, declare that in my Adhar vide no. 977696737445 and Enrollment No. 1092/10221/06604, my sister's photo i,e. Jharana Parida is attached by the concern authority. Henceforth, this Affidavit is required for attached myself photo in my Adhar card.

**NOTICE**

By virtue of an affidavit sworn before The Notary Public, Keonjhar dated 02.05.2025, I, Lahari Munda, Address: At-Trilochanpur, Po-Nischintapur, Ps-Jhumpura, Dist-Keonjhar, Pin-758047, Odisha declare that I have changed my name from Pande Purty to Lahari Munda. Henceforth, I shall be known as Lahari Munda for all purposes.

LAHARI MUNDA

**AFFIDAVIT**

By virtue of an affidavit sworn before (Executive Magistrate) Koraput, 23-05-2025 I, Satyanarayan Jalli Banabharati Colony, Koraput declare that I have changed the name of my son from Santosh Jalli to Sandesh Kumar Jalli Henceforth,he shall be known as Sandesh Kumar Jalli for all purposes.

Satyanarayan Jalli

**AFFIDAVIT**

By virtue of an affidavit sworn before the Executive Magistrate, Baripada, Mayurbhanj; I Ramakanta Patra, S/O Gradadhara Patra, resident At-Dharampur, P.O - Brundabanachandrapur, P.S - Khunta, Dist - Mayurbhanj, Pin - 757087, declare that this affidavit no - 3371, dated - 23.05.2025.That I have changed my daughter's name from Gunman Patra to Gunjan Patra; henceforth, she shall be known as Gunjan Patra for all purposes.

Sd/- Ramakanta Patra

**AFFIDAVIT**

By virtue of an affidavit sworn before Notary Public Titilagarh, dated 23/05/2025 I, Ipsita Sarangi , Address At- Hatpada Pada, Po/Ps- Titilagarh, Dist- Balangir, Odisha Pin- 767033 declare that I have changed my name from Sushree Ipsita Sarangi to Ipsita Sarangi. Henceforth, I shall be known as Ipsita Sarangi for all purposes.

Ipsita Sarangi

**AFFIDAVIT**

By virtue of an affidavit sworn before Notary Public Titilagarh, dated 23/05/2025 I, Dingara Chhatara , Address At/Po- Ghantabahali, Ps- Titilagarh, Dist- Balangir, Odisha, Pin- 767033 declare that I have changed my daughter's name from Tapaswani Chhatar to Tapaswini Chhatar. Henceforth, she shall be known as Tapaswini Chhatar for all purposes.

Dingara Chhatara

**AFFIDAVIT**

By virtue of an affidavit sworn before Notary Public Titilagarh, dated 21/05/2025 I, Pabitra Majhi, Address At- Kharsel Pada, Po- Kuskela, Ps- Sindhekela, Dist- Balangir, Odisha, Pin- 767066 declare that I have changed my name from Krushna Chandra Majhi to Pabitra Majhi. Henceforth, I shall be known as Pabitra Majhi for all purposes.

Pabitra Majhi

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-13, ତା.19.05.2025ରିଖ

କାର୍ଯ୍ୟର ନାମ: ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳରେ ଟ୍ରାକ୍ସନ ବିତରଣ ପ୍ରବନ୍ଧନ ପ୍ରଣାଳୀ (TDMS) ଏବଂ ୟୁଜର ଡିପୋ ମଡ୍ୟୁଲ (UDM) ପାଇଁ ଇନ୍‌ଷ୍ଟ୍ରକ୍ଚର ର ବ୍ୟବସ୍ଥା ସମ୍ବନ୍ଧରେ ସମ୍ବଲପୁର ମଣ୍ଡଳର 13 ସଂଖ୍ୟକ ଡିପୋ (ବଲଙ୍ଗା, ରେଢ଼ାଖୋଲ, ସମ୍ବଲପୁର ସିଟୀ, ରେଙ୍ଗାଲି, ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼, ରୂପ୍ରା ରୋଡ୍, ମୁନିଗୁଡ଼ା, ଭବାନୀପାଟଣା, କଣ୍ଟାବାଞ୍ଜି, ଖରିଆର ରୋଡ୍ ଏବଂ ମହାସମୁନ୍ଦ) ଏବଂ 06 ସଂଖ୍ୟକ PSI ଡିପୋ (ରେଢ଼ାଖୋଲ, ସମ୍ବଲପୁର ସିଟୀ, ଖରିଆର ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼ ଏବଂ ମୁନିଗୁଡ଼ା) ପର୍ଯ୍ୟନ୍ତ ରେଲନେଟ୍ ର ବିସ୍ତାର।

ଟେଣ୍ଡର ମୂଲ୍ୟ: ₹ 68,30,702.89, ବିଡ୍ ସିକ୍ୟୁରିଟୀ: ₹ 1,36,600/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.10.06.2025ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଥବା ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ର ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (ଟେଲି), ସମ୍ବଲପୁର

PR-164/Q/25-26

**AFFIDAVIT**

By virtue of an affidavit No.6237, Dtd.19.05.2025 sworn before the Executive Magistrate, Balasore I, Jharana Parida, D/o.Murali Parida, At./Po.: Mirjapur, Ps.- Khaira, Dist. Balasore, Odisha, declare that in my Adhar vide no. 711281800140 and Enrollment No. 1092/20226/02244, my sister's photo i,e. Sasmita Parida is attached by the concern authority. Henceforth, this Affidavit is required for attached myself photo in my Adhar card.

**AFFIDAVIT**

By virtue of an affidavit sworn before Notary Public Titilagarh, dated 24/05/2025 I, Pradyumna Tandi, Address At/Po- Haldi, Ps- Muribahal, Dist- Balangir, Odisha, Pin- 767037 declare that I have changed my name from Nila Madhaba Tandi to Pradyumna Tandi. Henceforth, I shall be known as Pradyumna Tandi for all purposes.

Pradyumna Tandi

**ADMISSION NOTICE**

**ROURKELA LAW COLLEGE, ROURKELA**

(Affiliated to Madhusudan Law University & BCI. Accredited by NAAC)

Admission into 1st Semester of 3 years LL.B. Degree Course (CBCS System) for the session 2025-2026

ELIGIBILITY: - 45% in Graduation or equivalent for General Candidates and 40% for ST/SC Candidates.

Application form will be available in the College Office from 8.30 A.M to 10.30 A.M from 26.05.2025 on payment of Rs. 500/- on cash by hand and Rs. 800/- by Registered Post or download from college website www.rourkelalawcollege.in and submit along with a Demand Draft of Rs. 500/-

In Campus Hostel available for Girls only.

For Admission Contact:- Mobile No.: 9439025508, 8249701300, 8249872894, 7992799527, 7606882907, 9937129994 and Mobile No.: 9337796064.

Sd/-
Principal

**AFFIDAVIT**

I, Kumar Aryan, S/O- Paiticheti Anjan Subudhi, resident of Plot No-70, Madhusudan Nagar, Unit-4, Ps- Kharavela Nagar, Bhubaneswar, Dist- Khordha, Odisha, Pin- 751001 declared by this affidavit No. 1067, dtd. 24/05/2025 that now onwards I shall be known as **KUMAR ARYAN SUBUDHI** for all future purposes.

**AFFIDAVIT**

I, Priyadarsini Pattnaik, W/o- Sovan Pattnaik, resident of Plot No. PP-30, Pandav Nagar, Road No-4, PO- Badagada BRIT Colony, PS- Badagada, PIN- 751018, Odisha declared by this affidavit No. 951, dtd- 30/04/2025 that now onwards I shall be known as **PRIYADARSINI DAS** for all future purposes.

## ଅବ୍ୟବସ୍ଥାରେ ଡ୍ରେନେଜ୍ କାର୍ଯ୍ୟାଳୟ

# ଲୋକେ ହନ୍ତସନ୍ତ, ଆସୁନାହାନ୍ତି କର୍ମଚାରୀ

ସିମୁଳିଆ,୨୪।୫(ସମିସ)



ସିମୁଳିଆ ଡ୍ରେନେଜ୍ କାର୍ଯ୍ୟାଳୟ ଅଛି ହେଲେ ଖୋଲା ହେଉନି। କର୍ମଚାରୀମାନେ ମନଇଚ୍ଛା କାମ କରୁଥିବାବେଳେ ଘର ପରିତ୍ୟକ୍ତ ଅବସ୍ଥାକୁ ଚାଲି ଆସିଲାଣି। ବାଲେଶ୍ୱର ଜିଲ୍ଲା ମାର୍କୋଣାରେ ରହିଛି ସବ୍‌ଡିଭିଜନ୍ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଡ୍ରେନେଜ୍ କାର୍ଯ୍ୟାଳୟ। ୧୬ ନମ୍ବର ଜାତୀୟ ରାଜପଥଠାରୁ ୧୦୦ ମିଟର ଦୂରରେ ଥିବା ସାଳନ୍ଦୀ ଜଳସେଚନ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପାଶ୍ୱର୍ରେ ଏହା ଅବସ୍ଥିତ। ଏଠାରେ କର୍ମଚାରୀମାନଙ୍କ ମନମୁଖୀ କାମ ଦେଖିବାକୁ ମିଳୁଛି। ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ଜନ୍ମେଞ୍ଜୟ ଦତ୍ତ ନିଯୁକ୍ତ ହୋଇଥିବା ବେଳେ କନିଷ୍ଠ ଯନ୍ତ୍ରୀ ଭାବେ ଅଜିତ ବେହେରାଙ୍କ ସହ ଅନ୍ୟ ଦୁଇଜଣ ଏବଂ ଜଣେ ଯନ୍ତ୍ରୀ ଅଛନ୍ତି। ସେହିପରି ଠିକା ପିଅନ ଡାଇମଣ୍ଡ କାମ କରୁଛନ୍ତି। ତେବେ ପିଅନଙ୍କୁ ଛାଡ଼ି ନିର୍ବାହୀ ଯନ୍ତ୍ରୀ ସପ୍ତାହକୁ ଥରେ କାର୍ଯ୍ୟାଳୟ ଆସୁଥିବାବେଳେ ଯନ୍ତ୍ରୀମାନେ ଜମାରୁ କାର୍ଯ୍ୟାଳୟ ଆସନ୍ତିନି। କାମରେ ଆସୁଥିବା ଲୋକମାନେ ନିର୍ବାହୀ ଯନ୍ତ୍ରୀ ଓ ଯନ୍ତ୍ରୀମାନଙ୍କ ଭେଟ ନ ପାଇ ହଇରାଣ ହେଉଛନ୍ତି। କେହି ପଚାରିଲେ କହନ୍ତି, ଫିଲ୍ଡ ଡ୍ୟୁଟିରେ ଅଛନ୍ତି। କାର୍ଯ୍ୟାଳୟ ତ ଆସୁ ନାହାନ୍ତି, ପଞ୍ଚାୟତ ସମିତି ବୈଠକ ହେଉ କିମ୍ବା ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ହେଉ; ସେଠାରେ ମଧ କାହାର ଦେଖାଦର୍ଶନ ମିଳୁନି। ଅନ୍ୟପଟେ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ କାର୍ଯ୍ୟାଳୟର କବାଟ ଓ ଝରକା ଭାଙ୍ଗି ଗଲାଣି। କାର୍ଯ୍ୟାଳୟ ପରିସର ଅନାବନା ଗଛରେ ଭରିଗଲାଣି। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ନାରୀନେତ୍ରୀ ଭାରତୀ ମଲ୍ଲିକ କହିଛନ୍ତି, କର୍ମଚାରୀମାନେ କାମ କରୁ ନାହାନ୍ତି। ସବୁବେଳେ ଠକୁଛନ୍ତି। ଏନେଇ ତଦନ୍ତ ହେଉ ଏବଂ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଅଭିଯୋଗ ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ଦତ୍ତଙ୍କୁ ପଚରାଯାଇଥିଲା ସେ କହିଛନ୍ତି, ଭଦ୍ରକ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମୋର ଅଧିକାଂଶ ସମୟ କାମ। ତା'ଛଡ଼ା ମାର୍କୋଣା କାର୍ଯ୍ୟାଳୟର ଭଲ ଘରନାହିଁ। ସେଠାରେ କାମ କେମିତି ହେବ? ନୂଆ ଘର ପାଇଁ ଯନ୍ତ୍ରୀମାନଙ୍କୁ ଏଷ୍ଟିମେଟ ଦେବାକୁ କୁହାଯାଉଛି। ହେଲେ ସେମାନେ ଦେଉ ନାହାନ୍ତି। ସେହିପରି ଯନ୍ତ୍ରୀ ଶ୍ରୀ ବେହେରାଙ୍କ ପ୍ରତିକ୍ରିୟା ନିଆଯାଇଥିଲା। ସେ କହିଛନ୍ତି, ଆମେ ଫିଲ୍ଡ ଷ୍ଟାଫ୍। ବାହାରେ ରହି କାମ କରୁଛୁ। କାର୍ଯ୍ୟାଳୟ ନାହିଁ ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ଆସୁ ନାହାନ୍ତି। ଆମେ ଯାଇ ସେଠାରେ କ'ଣ କରିବୁ?

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

ଜଳେଶ୍ୱର ବ୍ଲକ୍,୨୪।୫(ସମିସ): ଜଳେଶ୍ୱର ବ୍ଲକ୍ ଶ୍ୟାମନଗର ପଞ୍ଚାୟତର ଜଣେ ନାବାଳିକାକୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ମାନସିକ ବିକାରଗ୍ରସ୍ତ ନାବାଳିକାଟି ଶୁକ୍ରବାର ସକାଳ ସମୟରେ ଘରୁ ପାଇଖାନା କହି ଘରୁ କୁଆଡେ ପଳେଇ ଯାଇଥିଲେ। ଘର ଲୋକ ବହୁ ଖୋଜା ଖୋଜି କରିଥିଲେ କିନ୍ତୁ ପାଇ ନ ଥିଲେ। ଶନିବାର ସକାଳେ ଉକ୍ତ ଝିଅକୁ ଗୋବରଘଟା ପଞ୍ଚାୟତର ସିଟ୍ ଛକଠାରେ ବସିଥିବା ଦେଖିବାକୁ ପାଇ କିଛିଲୋକ ତାକୁ ଘରେ ଆଣି ଛାଡ଼ିଥିଲେ। ନାବାଳିକା ପେଟରେ ଅତ୍ୟଧିକ ଯନ୍ତ୍ରଣା ଅନୁଭବ କରିବାରୁ ନାବାଳିକାର ମା'ତାଙ୍କୁ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ନାବାଳିକାକୁ ଦେଖି ଦୁଷ୍କର୍ମ ଆଶଙ୍କା କରି ରାଇବଣିଆ ଥାନାର ଦ୍ୱାରସ୍ଥ ପାଇଁ କହିଥିଲେ। ସେ ରାଇବଣିଆ ଥାନାର ଦ୍ୱାରସ୍ଥ ପରେ ରାଇବଣିଆ ଥାନା ଅଧିକାରିଣୀ ଓ ନାବାଳିକାଙ୍କ ପରିବାରଲୋକ ଅଧିକ ତଦନ୍ତ ପାଇଁ ନାବାଳିକା ମିଳିଥିବା ସ୍ଥାନକୁ ଯାଇଥିଲେ।

## ଭାରସାମ୍ୟ ହରାଇ ଓଲଟିଲା ପିକ୍‌ଅପ୍

ଖଇରା,୨୪।୫(ସମିସ): ସେବାଶ୍ରମ ବିଦ୍ୟାଳୟକୁ ଚାଉଳ ନେଇ ଯାଉଥିବା ପିକଅପ୍ ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡିଥିବା ବେଳେ ଗାଡିରେ ଥିବା ଶ୍ରମିକ ଓ ଡ୍ରାଇଭର ଅଳ୍ପକେ ବର୍ତ୍ତୀ ଯାଇଛନ୍ତି। ସୂଚନା ଅନୁଯାୟୀ ଖଇରା ବ୍ଲକ୍‌ର ଗଗୁଆ ଓ କବର ସେବଶ୍ରମକୁ ଚାଉଳ ନେଇ ସୋର-କୁପାରୀ ରାସ୍ତାରେ ଯାଉଥିବା ପିକଅପ୍ ନନ୍ଦପୁର ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଚାଉଳକୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରାଯାଇ ଗୋଦାମକୁ ଅଣାଯାଇଥିବାବେଳେ ଗାଡ଼ିର ଡ୍ରାଇଭର ଓ ଅନ୍ୟମାନେ ଅଳ୍ପକେ ବଡ଼ ଦୁର୍ଘଟଣାରୁ ରକ୍ଷା ପାଇଛନ୍ତି।

## ଶ୍ରମିକ ପାଉନାହାନ୍ତି; ମେସିନ୍ କରୁଛି ମନରେଗା କାମ

ଲଙ୍ଗଳେଶ୍ୱର,୨୪।୫(ସମିସ): ଗ୍ରାମାଞ୍ଚଳରେ ଗରିବ ଲୋକଙ୍କୁ କାମ ଯୋଗାଇବାକୁ କେନ୍ଦ୍ରସରକାର ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ବା ମନରେଗା ଯୋଜନା ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ମଞ୍ଜୁର ହୋଇଥିଲା। କିନ୍ତୁ ପ୍ରଥମରୁ ଶ୍ରମିକ ବଦଳରେ ଜେସିବିରେ ପୋଖରୀ ଖୋଳା ହେଉଛି। ଏ ପଟେ ଶ୍ରମିକ ମାନେ କାମ କରିଛନ୍ତି। କିନ୍ତୁ କିଛି ନ୍ୟସ୍ତସ୍ୱାର୍ଥ ସରକାରୀ କର୍ମଚାରୀ ଓ ନେତା ମିଶି ଶ୍ରମିକମାନଙ୍କୁ କାମଦେବା ପରିବର୍ତ୍ତେ ମେସିନ ଦ୍ୱାରା କାମ କରୁଛନ୍ତି। ଏଭଳି ଏକ ଘଟଣା ଘଟିଛି ସଦର



ବ୍ଲକ୍ ଅଧୀନ ସାର୍ଥା ଗ୍ରାମରେ। ଗ୍ରାମରେ ଥିବା ଖଜୁରୀ ପୋଖରୀ ଓ ଲୁଣା ପୋଖରୀ ଦୁଇଟି ଦୀର୍ଘବର୍ଷ ଧରି ପୁନରୁଦ୍ଧାର ନ ହୋଇ ବ୍ୟବହାର କ୍ଷମ ନ ହୋଇ ପଡ଼ିଥିଲା। ଏବେ ଏଇ ଦୁଇ ପୋଖରୀକୁ ପ୍ରଧାନମନ୍ତ୍ରୀ ଅମୃତ ସରୋବର ଯୋଜନାରେ ସାମିଲ କରାଯାଇ ଶ୍ରମିକ ମାନଙ୍କ ଶସକ୍ତ କରିବାର ଯୋଜନା ହୋଇଥିଲା। କିନ୍ତୁ ଏଠାରେ ଓଲଟାଫଳ ହେବାର ଅଭିଯୋଗ ହୋଇଛି। ୧୦ଲକ୍ଷ ଟଙ୍କା ଲେଖାଏଁ ଦୁଇଟି ପୋଖରୀ ଖୋଳିବାକୁ ୨୦ଲକ୍ଷ ଟଙ୍କା ପାଉନଥିବା ଅଭିଯୋଗ କରିଥିଲେ ହେଁ ସେମାନଙ୍କ ଅଭିଯୋଗକୁ କେହି ଗୁରୁତ୍ୱ ଦେଉ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଏ ବାବଦରେ ସରପଞ୍ଚ ଧନଞ୍ଜୟ ପାତ୍ରଙ୍କୁ ପଚାରିବାରୁ ସେ ଦୁଇଟି ଅମୃତ ସରୋବର କାର୍ଯ୍ୟ ଚାଲିଛି ବୋଲି ସ୍ୱୀକାର କରିଥିଲେ ହେଁ ମେସିନ କାମ କରୁଛି ଜାଣିନାହାନ୍ତି ବୋଲି ସେ କହିଥିଲେ। ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲାପାଳ ଖୁବଶୀଘ୍ର ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମର ଜବକାର୍ଡ ଧାରୀମାନେ ଦାବି କରିଛନ୍ତି।

## ବାଇକ୍ ଚୋରି ଘଟଣାରେ ତିନି ଗିରଫ, ୧୨ ବାଇକ୍ ଉଦ୍ଧାର

ସୋର,୨୪।୫(ସମିସ): ସୋର ବ୍ଲକ୍ ଗୋପୀନାଥପୁର ପଞ୍ଚାୟତ ନରସିଂନଗର ଗ୍ରାମରୁ ଏକ ବାଇକ୍ ଚୋରି ଘଟଣାରେ ସୋର ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ପୁଲିସ ସେମାନଙ୍କ ନିକଟରୁ ୧୨ ଟି ବାଇକ ଜବତ କରିଛି। ନରସିଂନଗର ଗ୍ରାମର ଅନନ୍ତ ବିଶ୍ୱାଳଙ୍କ ଗ୍ଲେମର ବାଇକ୍‌ଟି ଗତ ୧୪ ତାରିଖ ଦିନ ଚୋରି ହୋଇଥିଲା। ଏ ବାବଦରେ ଅନନ୍ତ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୁଲିସ ପାଖର ଗ୍ରାମର ଅଭିଷେକ କର (୨୧), ଉତ୍ତରେଶ୍ୱର ଗ୍ରାମର ସୌରୀଶ ପ୍ରସାଦ କର (୨୧) ଏବଂ ସବିରା ରାଧିକା ନଗର ଗ୍ରାମର ମୁନା ଜେନା (୨୦) କୁ ଉଠାଇ ଆଣି ପଚରିବା ପରେ ଅନନ୍ତଙ୍କ ବାଇକ୍ ସମେତ ମୋଟ ୧୨ ଟି ବାଇକକୁ ପୁଲିସ ସେମାନଙ୍କ ନିକଟରୁ ଜବତ କରିଥିଲା। ଫଳରେ ପୁଲିସ ୩ ଜଣଙ୍କୁ ଗିରଫ କରିଥିଲା। ଶନିବାର ଅପରାହ୍ଣରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ପୁଲିସ ସମସ୍ତଙ୍କୁ କୋର୍ଟଚାଲାଣ କରି ଅଧିକ ତଦନ୍ତ ଆରମ୍ଭ କରିଛି।

## ବାଲି ବୋଝେଇ ହାଇୱା ଦୁର୍ଘଟଣାଗ୍ରସ୍ତ, ଚାଳକ ଗୁରୁତର

ସୋର,୨୪।୫(ସମିସ): ସୋର ଥାନା ୧୬ ନମ୍ବର ଜାତୀୟରାଜପଥ ତଳନଗର ନିକଟରେ ଏକ ବାଲି ବୋଝେଇ ହାଇୱା ଦୁର୍ଘଟଣା ହୋଇଥିବା ବେଳେ ଏହାର ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଶନିବାର ସକାଳେ ବାଲି ବୋଝେଇ ହାଇୱାଟି ଭଦ୍ରକରୁ ସୋର ଅଭିମୁଖେ ଆସୁଥିଲା। ଏହି ସମୟରେ ତଳନଗର ନିକଟ ଷ୍ଟାର୍ ହୋଟେଲ ସମ୍ମୁଖରେ ଜାତୀୟ ରାଜପଥ ଉପରେ ହୋଇଥିବା ହମ୍ପ କାରଣରୁ ଆଗରେ ଯାଉଥିବା ଏକ ଟ୍ରକ ହଠାତ୍ ବ୍ରେକ ମାରିବାରୁ ହାଇୱା ଚାଳକ ଜଣଙ୍କ ଭାରସାମ୍ୟ ହରାଇ ଟ୍ରକ୍ ପଛରୁ ଧକ୍କା ଦେଇଥିଲା। ଫଳରେ ହାଇୱା ଚାଳକ ଗୁରୁତର ଆହତ ହୋଇଥିଲେ। ଖବର ପାଇ ସୋର ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କ୍ରେନ୍ ମାଧମରେ ଚାଳକକୁ ଉଦ୍ଧାର କରି ସୋର ଡାକ୍ତରଖାନକୁ ନେଇଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଖବରପାଇ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରି ଥାନାକୁ ଆଣି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## ଅଙ୍ଗନବାଡ଼ି କେନ୍ଦ୍ରରୁ ଚୋରି

ସୋର,୨୪।୫(ସମିସ): ସୋର ବ୍ଲକ୍ ନଦୀଗାଁ ପଞ୍ଚାୟତ ଗୁହାଳଡ଼ିହ ଅଙ୍ଗନବାଡ଼ି କେନ୍ଦ୍ରରୁ ଚୋରି ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ଖରାଛୁଟି ଚାଲିଥିବାବେଳେ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦଥିବାରୁ ପିଲାମାନଙ୍କୁ ସପ୍ତାହରେ ଥରେ ଖାଦ୍ୟ ବଣ୍ଟନ କରାଯାଉଛି। ଗତ ୨୨ ତାରିଖ ଦିନ କେନ୍ଦ୍ରର କର୍ମଚାରୀ ନନ୍ଦିନୀ ଜେନା ପିଲାମାନଙ୍କୁ ଖାଦ୍ୟ ବାଣ୍ଟିବା ପରେ ସମସ୍ତ ଆସବାବପତ୍ର କେନ୍ଦ୍ରରେ ରଖି ଚାବି ଦେଇ ଘରକୁ ଯାଇଥିଲେ। ଶନିବାର ସକାଳେ କିଛିଲୋକ କେନ୍ଦ୍ର ନିକଟରେ ଥିବା ଏକ ସମରସିବଲ ମୋଟର ଚୋରିହୋଇଥିବା ଜାଣିବାକୁ ପାଇଥିଲେ। ପରେ ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ରର ଚାବି ଭଙ୍ଗା ଯାଇ ଏକ ଗ୍ୟାସ୍ ଟାଙ୍କି ,୪୫ କିଲୋଚାଉଳ ସମେତ ଅନ୍ୟ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ କର୍ମଚାରୀ ନନ୍ଦିନୀ ଜେନା ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ଏ-୧ ପାଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଜଳେଶ୍ୱର ବ୍ଲକ୍,୨୪।୫(ସମିସ): ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଜଳେଶ୍ୱର ରାଇବଣିଆ ମଣ୍ଡଳ ପକ୍ଷରୁ ଏ-୧ ଛାତ୍ର ଛାତ୍ରୀମାନଙ୍କୁ ନେଇ ଓଷ୍ଟା ଜଳେଶ୍ୱରର ସଭାପତି ସୁକୁମାର ମିଶ୍ରଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସମାରୋହ ଜଳେଶ୍ୱର ନୂଆ ବଜାର ସ୍ଥିତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ସଙ୍କଳ୍ପ ହେଉଛି ସେହି ଶକ୍ତି ଯାହା ଆମକୁ ଆମର ସମସ୍ତ ନିରାଶା ଏବଂ ବାଧାବିଘ୍ନକୁ ଦୂର କରିଥାଏ। ଏହା ଆମର ଇଚ୍ଛାଶକ୍ତି ନିର୍ମାଣରେ ସାହାଯ୍ୟ କରେ ଯାହା ସଫଳତାର ଆଧାର ହୋଇଥାଏ ବୋଲି ଏହି ସମ୍ବର୍ଦ୍ଧନା ସଭାରେ ବିଧାୟକ ଅଶ୍ୱନୀ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଇଓ ଜଗବନ୍ଧୁ ଜେନା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରାକ୍ତନ ପ୍ରଧାନଶିକ୍ଷକ ତଥା ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକର ବିଇଓ କୁଞ୍ଜ ବିହାରୀ ପ୍ରଧାନ, ଜିଲ୍ଲା ପରିଷଦ ଉପାଧକ୍ଷା ଅନୁଷୟା ପ୍ରଧାନ, ଏବିଇଓ ଜ୍ୟୋସ୍ନାରାଣୀ ପ୍ରଧାନ, ଏବିଇଓ ତଥା ବି. ଆର୍ ସିସି ଶୁଶାନ୍ତ କୁମାର ଜେନା, ଓଷ୍ଟା ବ୍ଲକ ସମ୍ପାଦକ ହରେକୃଷ୍ଣ ଜେନା, ଜିଲ୍ଲା ଓଷ୍ଟା ସଭାପତି ମନୋରଞ୍ଜନ ଦାସ, ରାଇବଣିଆ ମଣ୍ଡଳର ସଭାପତି ଓଷ୍ଟା ହରମୋହନ ମହନ୍ତ, ସ୍କୁଲ କମିଟିର ସଭାପତି ଜୟନାରାୟଣ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁନୀଲ ନାୟକ, ପ୍ରକ୍ତନ ପ୍ରଧାନଶିକ୍ଷକ ସୁଦର୍ଶନ ପ୍ରଧାନ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ମୂରଲୀ ମୋହନ ପ୍ରଧାନ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶଶିକାନ୍ତ ପ୍ରଧାନ, ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରାଣକୃଷ୍ଣ ଗିରି, ପ୍ରାକ୍ତନ ପ୍ରଧାନଶିକ୍ଷକ ମନୋଜ କୁମାର ମାହାନ୍ତି, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ମାହାନ୍ତି, ପ୍ରଧାନଶିକ୍ଷକ ଡ. ଅଜିତ କୁମାର ମାହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ। ଜିଲ୍ଲାର ଚତୁର୍ଥ ତଥା ଜଳେଶ୍ୱର ବ୍ଲକ୍ ଟପ୍ପର ଏ-୧ ପାଇଥିବା ଛାତ୍ରୀ ଶିକ୍ଷ୍ୟାଦର୍ଶିନି ପରିଡ଼ା, ବ୍ଲକ୍‌ର ଅଷ୍ଟମ ଅମ୍ରିତା ଜେନା ଓ ବ୍ଲକର ଦ୍ୱିତୀୟ ଜ୍ୟୋତିରାଦିତ୍ୟ ପତି ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ସରୋଜ ପାଣିଗ୍ରାହୀ ମଞ୍ଚ ଆହ୍ୱାନ ସହ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲାବେଳେ ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅର୍ଜୁନ ଚନ୍ଦ୍ର ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ। ମୋଟ ଜଳେଶ୍ୱର ବ୍ଲକର ଏ-୧ ପାଇଥିବା ୩୬ ଜଣ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯାଇ ଥିଲା। ଜଳେଶ୍ୱର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ପରିଚାଳନା କରିଥିଲେ।

## 'ଆମେ ଆପଣଙ୍କ ସେବାରେ' ପକ୍ଷରୁ ସଡ଼କ ସଫେଇ



ଜଳେଶ୍ୱରବ୍ଲକ,୨୪।୫(ସମିସ): ଜଳେଶ୍ୱର ବ୍ଲକ୍ ଖାଲିନା ପଞ୍ଚାୟତ ଅଧୀନ ଖାଲିନା ଠାରୁ ନାମ୍ପ ପର୍ଯ୍ୟନ୍ତ ଗ୍ରାମ୍ୟ ସଡ଼କ କାଦୁଅ ପଚପଚ ହୋଇ ବିପତ୍ତିର କାରଣ ପାଲଟିଛି। ସୂଚନା ଅନୁସାରେ ବ୍ୟାପକ ପରିମାଣରେ ହେଉଥିବା ରବୀ ଧାନ ଚାଷ ଅମଳ ଲାଗି ଏକ ସଡ଼କକୁ ବ୍ୟାପକ ବ୍ୟବହାର କରାଯାଏ। ବିଶେଷ କରି ହାରଭେଷ୍ଟର, ଟ୍ରାକ୍ଟର ଚକା ମାଧ୍ୟମରେ କ୍ଷେତରୁ ଆସୁଥିବା ଗଦାଗଦା କାଦୁଅ ରାସ୍ତାରେ ଜମା ହୋଇ ପିଚୁ ରାସ୍ତାକୁ ମାଟି ରାସ୍ତାର ଭ୍ରମ ସୃଷ୍ଟି କରିଛି। କେହି ସଫା କରିବାକୁ ନଥିବା ବେଳେ ତାହା ଶୁଖି, ପିଚୁ ସଡ଼କରେ ଲାଖି ରହିଥିଲା। ମୌସୁମୀ ବର୍ଷାରେ ରାସ୍ତା କାଦୁଅ ହୋଇ ଚଳାଚଳ ରେ ଲୋକେ ବହୁତ ଅସୁବିଧା ରେ ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ଏହା ଏକମାତ୍ର ସଡ଼କ ହୋଇଥିବାବେଳେ କାଦୁଅ ଯୋଗୁଁ ଲୋକେ ସାଇକେଲ, ମଟର ସାଇକେଲ,କୁ ଦୁରରେ ରଖି ଚାଲି ଚାଲି ଯିବାକୁ ବାଧ ହେଉଛନ୍ତି । ଏପରିକି ଖାଲି ପାଦରେ ଯିବା ମଧ କଷ୍ଟସାଧ ହେଉଛି। ଛାତ୍ରଛାତ୍ରୀମାନେ ବିଦ୍ୟାଳୟ, କଲେଜ, କୋଚିଂସେଣ୍ଟର, ଟିୟୁସନ ଯିବାରେ ଘୋର ଅସୁବିଧା ଉପୁଜିଛି। ତେଣୁ ଏହାକୁ ଆଖୀ ଆଗରେ ରଖି "ଆମେ ଆପଣଙ୍କ ସେବାରେ ସଂଗଠନ "ର ସଭାପତି -ଗୋପାଳ କୃଷ୍ଣ ପାତ୍ର, ଜୟନାରାୟଣ ସାହୁ, ଦେବବ୍ରତ ପାଠୀ, ସତ୍ୟବ୍ରତ ଦେ ସର୍ବପ୍ରଥମେ ରାସ୍ତା ସଫେଇ ପାଇଁ ଆଗେଇ ଆସିଥିଲେ। ଗ୍ରାମ ପରିଚାଳନା କମିଟି ର-ନଗେନ୍ଦ୍ର ଦେ, ସଞ୍ଜୟ କର, ବୁଦ୍ଧଦେବ ଦେ, ଭୂପେନ ଦେ, ନୟନ କୁମାର ପାଠୀ ଭୁବନ ଦାସ, ଜୀବନ କୁମାର ପାଠୀ, ଘନଶ୍ୟାମ ପାତ୍ର, ମାନସ ପାତ୍ର, ଅଞ୍ଜନ କୁମାର କର, ଅଶୋକ ଭଞ୍ଜ ଘନଶ୍ୟାମ ବେହେରା, ସପନ କୁମାର ଦେ, ଜୟନ୍ତ କର, ରମେଶ ମହାପାତ୍ର, ଗିରିଶ ଚନ୍ଦ୍ର କର, ଦିଲ୍ଲୀପ କୁମାର ଦେ, ରଜନୀ କାନ୍ତ କର, ତପନ ରାଉଳ, ବିପିନ ବଡ୍ଡୁ, ପ୍ରମୁଖ ତୁରନ୍ତ ସଡ଼କ ସଫା କରିବା ପାଇଁ ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି।

## ସାହିତ୍ୟ ସଂସଦ ପକ୍ଷରୁ ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ଖଇରା,୨୪।୫(ସମିସ): ଖଇରାସ୍ଥିତ ମୋ ଅନୁଷ୍ଠାନ ସାହିତ୍ୟ ସଂସଦ ପକ୍ଷରୁ ଖଇରା ବ୍ଲକ୍‌ର ଏ-୧ ପାଇଥିବା ୨୫ଜଣଙ୍କ ମଧ୍ୟରୁ ୨୨ଜଣ ଛାତ୍ରଛାତ୍ରୀଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଖଇରା ଶିକ୍ଷକ ଭବନ ପରିସରରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଅଧକ୍ଷ ମୁକ୍ତିକାନ୍ତ ଶତପଥୀ ପୌରୋହିତ୍ୟ କରିଥିଲେ। ଖଇରା ବ୍ଲକ୍ ଅଧକ୍ଷା ଅଭିଲିପ୍ସା ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଦାମଚରଣ ରାଉତ ମୁଖ୍ୟବକ୍ତା, ଆଇନ୍‌ଜୀବୀ ବସନ୍ତ କୁମାର ବାରିକ, ରଘୁନାଥ ପତ୍ରୀ, ବୁଦ୍ଧିରାମ ପାଣିଗ୍ରାହୀ, ଭରତ ଚନ୍ଦ୍ର ଦାସ, ମୁକ୍ତିକାନ୍ତ ପାଣିଗ୍ରାହୀ, ଶିକ୍ଷକ ନେତା ବିଷ୍ଣୁପ୍ରସାଦ ମିଶ୍ର, ଜଗନ୍ନାଥ ମହାପାତ୍ର, ନାରାୟଣ ମହାପାତ୍ର ଓ କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏଭଳି ସମ୍ବର୍ଦ୍ଧନା ପିଲାମାନଙ୍କୁ ଆଗକୁ ବଢିବାକୁ ପ୍ରେରଣା ଯୋଗାଇବ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ। ପରେ ଅତିଥିଙ୍କ ଦ୍ୱାରା ଉପସ୍ଥିତ ପ୍ରତିଭାଧାରୀ ଟପ୍ପର ଛାତ୍ରୀଛାତ୍ର ମାନଙ୍କୁ ପ୍ରତିଭା ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି କୁଞ୍ଜଲତା ମାହୁନ୍ତ ଅତିଥି ପରିଚୟ, ବୁଦ୍ଧିରାମ ପାଣିଗ୍ରାହୀ ବେଦପାଠ ଓ ସମ୍ପାଦକ ନରେନ୍ଦ୍ର ପ୍ରସାଦ ବେହେରା ବିବରଣୀ ପାଠ କରିଥିଲେ। ଏଥିସହ ସଭାପତିଙ୍କ ସମେତ ସଦସ୍ୟା ଶ୍ରଦ୍ଧାଞ୍ଜଳି ଖମାରୀ,ସଦସ୍ୟ ହେମନ୍ତ କୁମାର ନାୟକ, ସମ୍ଭୁନାଥ ସେଠୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା।

## ମାଗଣା ମୋତିଆବିନ୍ଦୁ ଚିହ୍ନଟ ଓ ଅସ୍ତ୍ରୋପଚାର ଶିବିର

ନୀଳଗିରି, ୨୪।୫(ସମିସ): ଶିଶିର ମହାପାତ୍ର ଫାଉଣ୍ଡେସନ ଏବଂ ବାଲେଶ୍ୱର ଲାୟନସ୍ ଆଇ ହସ୍ପିଟାଲ ମିଳିତ ଆନୁକୂଲ୍ୟରେ ମାଗଣା ମୋତିଆବିନ୍ଦୁ ଚିହ୍ନଟ ଏବଂ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ୬୮ ଜଣ ଚକ୍ଷୁ ରୋଗୀ ପରୀକ୍ଷା ପାଇଁ ଆସିଥିବା ବେଳେ ଉପସ୍ଥିତ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ ନେଇ ପରୀକ୍ଷା କରିଥିଲେ। ସେଥିମଧ୍ୟରୁ ୨୮ ଜଣ ରୋଗୀଙ୍କର ମୋତିଆ ବିନ୍ଦୁ ଚିହ୍ନଟ କରାଯାଇ ତାଙ୍କୁ ଅସ୍ତ୍ରପ୍ରଚାର ପାଇଁ ବାଲେଶ୍ୱରକୁ ପଠାଯାଇଥିଲା। ଉକ୍ତ ଶିବିରକୁ ଶିଶିର ମହାପାତ୍ର ଫାଉଣ୍ଡେସନ ର ପ୍ରତିଷ୍ଠାତା ସବ୍ୟସାଚୀ ମହାପାତ୍ର , ଏନଏସି ୬ ନମ୍ବର ୱାର୍ଡ କାଉନସିଲର ପ୍ରତାପ ସେଠୀ, ସମାଜସେବୀ ନିଗମ ରାଉତ,ଜଗନ୍ ରାଉତ ,ଭରତ ଦାସ ,ରମେଶ ଚନ୍ଦ୍ର ପାତ୍ର , ଭାସ୍କର ବିଶ୍ୱାଳ ,ଦେବାଶିଷ ଦାସ ଏବଂ ଚିନ୍ମୟ ଶରଣ ରାଉତ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୨୪।୫(ସମିସ): ବାଲେଶ୍ୱରରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲ୍ଲା ସଭାପତି ସିମନ ଦାସ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏହି ଶିବିରକୁ ଉଦ୍‌ଘାଟନ ସହିତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ପ୍ରତି ବାଲେଶ୍ୱର ଜିଲ୍ଲାରେ ଦେଖାଦେଉଥିବା ରକ୍ତର ଅଭାବ ପୂରଣରେ ବିଜୁ ଛାତ୍ର ଜନତା ଦଳଙ୍କ ଭଳି ସଙ୍ଗଠନଙ୍କ ପ୍ରୟାସ ବେଶ ପ୍ରଶଂସନୀୟ ତଥା ପ୍ରେରଣାଦାୟୀ ବୋଲି ସେ କହିଥିଲେ। ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ବାଲେଶ୍ୱର ପୌରଧକ୍ଷା ସବିତା ସାହୁ, ବାଲେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ସଭାପତି ସୂର୍ଯ୍ୟକାନ୍ତ କର, ଯୁବ ସଙ୍ଗଠକ ସାହିରୁଲ ହକ୍, ଭାଗବତ ସାହୁ, ଅସିତ ଦାସ, ଇନ୍ତେକାବ ଅଲି ଖାନ, ଶ୍ରୀମନ୍ତ ମାଝୀ, ସମାଜସ୍ୱୀ ଆଶ୍ରିତା ତରେଇ, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଓମପ୍ରକାଶ ମହାପାତ୍ର, ସୀମନ ସାମଲ, ସାମାଜିକ କର୍ମୀ ହ୍ରିତିକ ନାୟକ,ସୁଶୀଲ ପଣ୍ଡା ପ୍ରମୁଖ ଏଥିରେ ଯୋଗ ଦେଇ ଥିଲେ। ବିଜୁ ଛାତ୍ର ଜନତା ଦଳର ଛାତ୍ର ନେତା ଗଜେନ୍ଦ୍ର ନାୟକ ଏଥିରେ ଉପସ୍ଥିତ ରହି ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଶିବିରରେ ବାଲେଶ୍ୱର ସ୍ଥାନୀୟ ଅଞ୍ଚଳର ବହୁ ଯୁବକ ଯୁବତୀ ରକ୍ତଦାନ କରିଥିଲେ। ଜିଲ୍ଲା ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ। ନରୋତ୍ତମ ଦାସ, ଚିନ୍ମୟ ମହାନ୍ତି, ଜୀବନ ସଂଗ୍ରାମ ମିଶ୍ର, ଶୁଭମ ନାୟକ, ସୁରଜ ସାହୁ, ଜାକବ ସିଂ, ଦେବରାଜ ଦେ, ମୋନାଲିସା ମହାନ୍ତି, ଅମିତ ମହାନ୍ତି, ପ୍ରିତମ ସ, ଜୁବେର ଅଲି, ଓମକାର ରାଜ, ଓମକାର ନାୟକ ପ୍ରମୁଖ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ।



## ଫକୀରମୋହନଙ୍କ ଗଳ୍ପ 'ରାଣ୍ଡୀପୁଅ ଅନନ୍ତା'ର ଶବ୍ଦ ବ୍ୟବଚ୍ଛେଦକୁ ବିରୋଧ

ବାଲେଶ୍ୱର,୨୪।୫(ସମିସ)




ବ୍ୟାସକବି ଫକୀରମୋହନଙ୍କ କାଳଜୟୀ ଗଳ୍ପ ରାଣ୍ଡୀପୁଅ ଅନାନ୍ତାକୁ ନେଇ ନିର୍ମାଣ ହୋଇଥିବା ଚଳଚ୍ଚିତ୍ରକୁ ଏବେ ବିରୋଧର ସ୍ୱର ଶୁଣିବାକୁ ମିଳିଛି। ଏହି ଚଳଚିତ୍ରର ପ୍ରଯୋଜକ ନାମକରଣର ଛେଦନ କରି କେବଳ ଅନନ୍ତା ରଖିଛନ୍ତି। ଏଥିପାଇଁ ଓଡ଼ିଶାର ସହିତ୍ୟ ପ୍ରେମୀମାନଙ୍କ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଊନବିଂଶ ଶତାବ୍ଦୀରେ ଫକୀରମୋହନଙ୍କ ଦ୍ୱାରା ରଚିତ ଏଇ କାହାଣୀ ଶିରୋନାମାରେ ଥିବା ଶୀର୍ଷ ଲେଖାରେ ରାଣ୍ଡୀ ଶବ୍ଦଟିକୁ କାଟି ଦିଆ ଯାଇ ଏକ ପ୍ରାୟୋଜିତ ଚଳଚ୍ଚିତ୍ର କରାଯାଇଛି। ଏହାକୁ ପ୍ରତିବାଦ କରି ଫକୀର ମୋହନଙ୍କ ଜନ୍ମ ପୀଠ ବାଲେଶ୍ୱର ମାଟିରୁ ବିରୋଧର ସ୍ୱର ଉଠିଛି। ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ପାଇଁ ଯେଉଁ ମଣିଷଟି ଭାଷା ସାହିତ୍ୟର କୁରୁକ୍ଷେତ୍ରରେ ନିଜେ ସବ୍ୟସାଚୀର ଭୂମିକା ନିର୍ବାହ କରିଥିଲେ, ତାଙ୍କ ସର୍ଜନା ଶିଳ୍ପର ନାଁକୁ ବ୍ୟବଚ୍ଛେଦ କରିବା କେଉଁ ଅସ୍ମିତା ବୋଲି ଅନେକ ସାହିତ୍ୟିକ ପ୍ରଶ୍ନ ଉଠାଇଛନ୍ତି। ଅତୀତରେ ରାଣ୍ଡୀପୁଅ ଅନନ୍ତା କାହାଣୀ ଉପରେ ବିଶିଷ୍ଟ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତି ଗୀତଗାନ କରି ବେଶ ଲୋକପ୍ରିୟତା ହାସଲ କରିଥିଲେ। ସେ ସମୟରେ ସେ ଗୀତକୁ ଶୁଣିବା ମାତ୍ରେ ଫକୀର ମୋହନଙ୍କ ସାହିତ୍ୟର ସ୍ପନ୍ଦନ ସଭିଙ୍କ ଦେହରେ ଖେଳି ଯାଉଥିଲା। ମାତ୍ର ଆଜି ଦିନରେ ଫକୀରମୋହନଙ୍କ କଳାଶିଳ୍ପକୁ ନେଇ ଯେଉଁଭଳି "ମୁଷ୍ଟିମେୟ ପ୍ରଯୋଜକ ଖେଳଖେଳ ଖେଳୁଛନ୍ତି ତାହା ଏବେ ଉଦ୍‌ବେଗର ବିଷୟ ହେଇଛି। ଯଦି ଅନ୍ୟ ରାଜ୍ୟର ଏପରି କେହି କରି ଥାଆନ୍ତେ, ତେବେ ବିଭିନ୍ନ ଆଡ଼ୁ ବିବାଦ ତଥା ବିରୋଧର ସାମ୍ନା କରିବାକୁ ପଡ଼ିଥାନ୍ତା। ତେବେ ଏଭଳି ଘଟଣା ଓଡ଼ିଶାରେ ଘଟିବାକୁ ନେଇ ସାହିତ୍ୟ ପ୍ରେମିଙ୍କ ମନରେ ଆଘାତ ଲାଗିଛି। ବାଲେଶ୍ୱରର ବିଶିଷ୍ଟ ସାହିତ୍ୟିକ ଡ.ରାଧାରଞ୍ଜନ ପଟ୍ଟନାୟକ, ଡ.ବଂଶୀଧର ଚୌଧୁରୀ, କବି ଅଭୟ ଦାସ, କବି ସମରେନ୍ଦ୍ର ମହାପାତ୍ର, କୃଷ୍ଣ କୁମାର ମହାନ୍ତି, ଡ. ସନ୍ତୋଷ ନାୟକ, ଡ. ଅନ୍ତର୍ଯ୍ୟାମୀ ପଣ୍ଡା, କବି ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ଡା .ଅଭିମନ୍ୟୁ କାନୁନଗୋ ପ୍ରମୁଖ ସାରସ୍ୱତ ସ୍ରଷ୍ଟା ମାନେ ବିରୋଧ କରିଛନ୍ତି। ଏବେ ଶୁଣିବାକୁ ମିଳୁଛି ,ଫକୀର ମୋହନଙ୍କ କାହାଣୀ କୁ ନେଇ ଟେଲିଫିଲ୍ମ ବା ଚଳଚିତ୍ର ନିର୍ମାଣ କରାଯାଇ ନାହିଁ। ବରଂ ସବ୍ୟସାଚୀ ମହାପାତ୍ର ଫକୀର ମୋହନଙ୍କ ରାଣ୍ଡୀପୁଅ ଅନନ୍ତା ଅବଲମ୍ବନରେ ଅନନ୍ତା ଫିଚର ଫିଲ୍ମ କରିଛନ୍ତି। ଯଦି ଏହା ଭିତରେ ଫକୀର ମୋହନଙ୍କ ମୂଳ ଗଳ୍ପର କାହାଣୀ ନ ରହି କଳ୍ପନାର କାହାଣୀ ଥାଏ , ତେବେ ଏଥିରେ ପ୍ରତିବାଦ କରିବାର କାରଣ ନାହିଁ। ମାତ୍ର ଯଦି ଅବିକଳ ଫକୀର ମୋହନଙ୍କ କାହାଣୀକୁ ନେଇ ଫିଚର ଧର୍ମୀ ଫିଲ୍ମ ପ୍ରସ୍ତୁତ ହୋଇଥାଏ, ତେବେ ତାହା ଫକୀରମୋହନଙ୍କ ପ୍ରତି ଅପମାନ ଧରାଯିବ ବୋଲି ମତ ପ୍ରକାଶ ପାଇଛି।

### ଠିକାଦାରଙ୍କ ମନମାନି; ଆରଡି ବିଭାଗ ନିରବ

# ବାଲିପାଳ-ବରମାଳ ରାସ୍ତାରେ ଅନିୟମିତତା

ରାମଚନ୍ଦ୍ରପୁର,୨୪।୫(ସମିସ): ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସାଢେ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ରାସ୍ତା କାମ ନିମ୍ନମାନର ହେଉଥିବା ଏବଂ ଏଥିରେ ବ୍ୟାପକ ଅନିୟମିତତା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ଯୁବକମାନେ ଆଗାମୀ ଦିନରେ ସ୍ୱର ଉତ୍ତୋଳନ କରିବାକୁ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ, ଘସିପୁରା ବ୍ଲକ ଦରଡିପାଳ ପଞ୍ଚାୟତ ବାଲିପାଳଠାରୁ ବରମାଳ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ପାଇଁ ଗତ ନଭେମ୍ବରରେ ବିଜ୍ଞପ୍ତି ହୋଇଥିଲା। ଗତ ଫେବୃଆରୀରେ ଅମନ ଇନଫ୍ରା ନାମକ ଏକ ସଂସ୍ଥା ନାମରେ କାମ ଧାର୍ଯ୍ୟ ହୋଇଥିଲା। ପରବର୍ତ୍ତୀ ସମୟରେ ନିର୍ମାଣକାରୀ ଠିକାସଂସ୍ଥା ମାର୍ଚ୍ଚ ଆରମ୍ଭରୁ ବିନା ସୂଚନା ଫଳକରେ ରାସ୍ତା କାମ ଆରମ୍ଭ କରିବା ସହ ରାସ୍ତାର ଉଭୟ ପାର୍ଶ୍ୱକୁ ଏକା ସାଙ୍ଗରେ ତାଡ଼ି ଦେଇଥିଲା, ଯଦ୍ୱାରା ସେହି ରାସ୍ତାରେ ଯାତାୟାତରେ ସାଧାରଣ ଲୋକେ



ଘୋର ଅସୁବିଧା ସମ୍ମୁଖୀନ ହୋଇଥିଲେ। ଅଧପନ୍ତରିଆ ତଥା ନିମ୍ନମାନର କାମକୁ ନେଇ ସ୍ଥାନୀୟ ଲୋକେ ସୂଚନା ଅଧିକାର ଆଇନରେ ତଥ୍ୟ ହାସଲ କରିବା ପରେ ଠିକାସଂସ୍ଥା ଅପ୍ରେଲ ୧୯ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହ ରାସ୍ତା ନିର୍ମାଣ ପାଇଁ ଚୁକ୍ତି କରିଥିବା ଜଣାପଡିଥିଲା; କିନ୍ତୁ ରାସ୍ତା ନିର୍ମାଣକାରୀ ଠିକା ସଂସ୍ଥା ବିନା ଚୁକ୍ତିରେ ଦୁଇ ମାସ ପୂର୍ବରୁ କିପରି କାମ ଆରମ୍ଭ କଲା ସେଥିନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏଭଳି ଅନିୟମିତତା ହୋଇଥିବା ବେଳେ ରାସ୍ତା କାମ ଅତ୍ୟନ୍ତ ନିମ୍ନମାନର ହେଉଥିବା ଏବଂ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ନେଇ ଅଭିଯୋଗ ହେଉଛି। ରାସ୍ତା ନିର୍ମାଣରେ ଅତି ନିମ୍ନମାନର ପଟୁବାଲି ବ୍ୟବହାର ହୋଇଥିବା ମଧ୍ୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଏହାର ଦୃଢ ପ୍ରତିବାଦ କରିବା ସହ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆବଶ୍ୟକ ପଡିଲେ ଏଥିନେଇ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

## ପୁଲିସ ପାଟ୍ରୋଲିଂର ଅଭାବ; ବ୍ୟାପୁଛି ନିଶା କାରବାର, ପଥଭ୍ରଷ୍ଟ ଯୁବପିଢ଼ି

ଆନନ୍ଦପୁର, ୨୪।୫ (ସମିସ): ଆନନ୍ଦପୁର ଉପଖଣ୍ଡରେ ବଢ଼ିଲାଣି ଅସାଧୁଙ୍କ ନିଶା କାରବାର। ଏଥିରେ ପଥଭ୍ରଷ୍ଟ ହୋଉଛନ୍ତି ଯୁବପିଢ଼ି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସହରର ବିଭିନ୍ନ ସାହି ବସ୍ତିଠୁ ଆରମ୍ଭ କରି ଖୋଦ ଟାଉନର ବିଭିନ୍ନ ଛକରେ ଚାଲୁଛି ବେଧଡକ ଚୋରା ଦେଶୀ ବିଦେଶୀ ମଦ ସହ ଗଞ୍ଜେଇ ଭଳି ବିଭିନ୍ନ ନିଶାଦ୍ରବ୍ୟର ବେପାର। ଛୋଟବଡ ବେପାର ନାଁରେ ଚଳେଇଛନ୍ତି ନିଶାର କାରବାର। ଯୁବକମାନେ ନିଶା ଖାଇ ଅଞ୍ଚଳରେ ବିଭିନ୍ନ ଅସାମାଜିକ କାମରେ ଲିପ୍ତ ରହିବା ସହ ବାଟ ଘାଟରେ ପିଟାମରା କରି ଜୋରଜବରଦସ୍ତ ଟଙ୍କା ମାଗୁଛନ୍ତି। ଏପରିକି ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି। ଅନେକ ସମୟରେ ପରିବାର ସଦସ୍ୟମାନେ ଥାନାର ଦ୍ୱାରସ୍ଥ ହୋଉଛନ୍ତି। ସଞ୍ଜ ନଇଁଲେ ଛକରେ ଜମୁଛି ବେପାରୀଙ୍କ ଆଡା। ଛକ ବଜାରର ଦୋକାନରେ ଖୁଲମ ଖୋଲା ଚାଲିଛି ବେପାର। କେତେକ ବ୍ୟବସାୟୀ ଗଞ୍ଜେଇକୁ ସିଗାରେଟ୍‌ରେ ଭରି କରି ବିକ୍ରି କରୁଥିବାବେଳେ କେତକ ଅସାଧୁ ଯୁବକମାନେ ସିଗାରେଟରେ ପାଉଡର ଭଳି ମାଦକ ଦ୍ରବ୍ୟ ମିଶାଇ ସେବନ କରି ବାଟ ଘାଟରେ ସାଧାରଣ ଲୋକମାନଙ୍କ ସହ ଅସଭ୍ୟ ବ୍ୟବହାର କରୁଛନ୍ତି। ସନ୍ଧ୍ୟା ହେଲେ ଆନନ୍ଦପୁର ଟାଉନର ବ୍ରିଜ ଛକ, ବାଦାମବାଡି ରୋଡ, ରିଙ୍ଗ ରୋଡ଼, କଲେଜ ଛକ, ସିନେମା ହଲ ଛକ, କଲେଜ ପଛ ପଟ, ପଦ୍ମପୁର ଗେଟ ଛକ ବ୍ୟାରେଜ ଛକ, ଶାଳପଡା ସମେତ ଘସିପୁରା, ଶୈଳଙ୍ଗ, ହାଟଡିହି, ଛେନାପତି, ବେଲବାହାଳି, ଗୋହିରା ସମେତ ବିଭିନ୍ନ ସ୍ଥାନରେ ଅବାଧରେ ଚାଲିଛି ନିଶା କାରବାରର ଖୁଲମ ଖୁଲା ବେପାର ସାମ୍ରାଜ୍ୟ। ଏବେ ପୁଲିସ ପକ୍ଷରୁ କୌଣସି ପଦକ୍ଷେପ ନଜରକୁ ଆସୁ ନାହିଁ। ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣରେ ଏହାକୁ ଘୋର ନିନ୍ଦା କରାଯାଇଛି। ନିଶା କବଳରୁ ଯୁବ ସମାଜକୁ ରକ୍ଷା କରିବା ଏବଂ ନିଶା ଯୋଗୁଁ ଘରୋଇ କଳହକୁ ବନ୍ଦ କରିବା ପାଇଁ କଡ଼ା ଆଇନ ବ୍ୟବସ୍ଥା ଲାଗୁ କରିବାକୁ ମତ ପ୍ରକାଶ ପାଇଛି। ପୁଲିସ ପାଟ୍ରୋଲିଂ କରିବା ସହ ଚୋରା ବେପାରୀ ଏବଂ ଏଭଳି କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକଙ୍କ ପକ୍ଷରୁ ଦାବି ହୋଇଛି।

## ଅନାମ ମହାନ୍ତଙ୍କ ପରଲୋକ



ଡୁରୁମୁଙ୍ଗା, ୨୪।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଖିରେଇଟାଙ୍ଗିରୀ ଗ୍ରାମର ଧର୍ମପରାୟଣ ବ୍ୟକ୍ତି ଅନାମ ମହାନ୍ତଙ୍କ ଶୁକ୍ରବାର ରାତି ୫୦ ବର୍ଷ ବୟସରେ ବିୟୋଗ ଘଟିଛି। ଶ୍ରୀ ମହାନ୍ତ ଦୀର୍ଘଦିନ ହେବ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବିଜେପି ନେତା ରାଧାକାନ୍ତ ମହାନ୍ତ, ଖିରେଇଟାଙ୍ଗିରୀ ସରପଞ୍ଚ ସଞ୍ଜୁଲତା ନାଏକ ପୂର୍ବତନ ସରପଞ୍ଚ ବନଜ ନାଏକ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଶନିବାର ସକାଳେ ଗାଁ ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ କ୍ଷେତ୍ରବାସୀ ମହାନ୍ତ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ ଶୋକ ପ୍ରକାଶ କରିଛନ୍ତି।

## ରାସନ କାର୍ଡ ପାଇଁ ଟଙ୍କା ଆଦାୟ

ହାଟଡ଼ିହୀ,୨୪।୫(ସମିସ): ରାସନ କାର୍ଡରେ ନାମ ପଞ୍ଜୀକରଣ ପାଇଁ ବ୍ଲକ କର୍ମଚାରୀ କହି ଟଙ୍କା ଆଦାୟ ହେଉଥିବା ଅଭିଯୋଗ ହୋଇଛି। ସୋସୋ ପଞ୍ଚାୟତ କାନପୁର ଗ୍ରାମର ବିଶ୍ୱନାଥ ଖମାରୀ ଏଭଳି ଏକ ଅଭିଯୋଗ ବିଡିଓଙ୍କଠାରେ କରିଛନ୍ତି। ସେ ନିଜ ପରିବାର ଲୋକଙ୍କ ନାମ ଯୋଡ଼ିବା ପାଇଁ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ସାଇଟ ଖୋଲୁ ନଥିବାରୁ ମୋ ନମ୍ବର ନେଇଯାଅ କଥା ହେବ, ଯେଉଁ ଦିନ ସାଇଟ୍ ଖୋଲିବ ଆସିବ ବୋଲି ଯୋଗାଣ ବିଭାଗର ଡିଇଓ କହିଥିଲେ। ବିଶ୍ୱନାଥ ଅଫିସ ସମ୍ମୁଖରେ ଲେଖାଥିବା ଏକ ମୋବାଇଲ୍ ନମ୍ବର ନେଇଯାଇଥିଲେ; କିନ୍ତୁ ଏହି ନମ୍ବରଟି ଅନ୍ୟ ଜଣେ ଲୋକର ଥିଲା। ସେ ତାଙ୍କୁ ଫୋନ କରିବାରୁ ସେ ଜଣ ପ୍ରତି ଶହେ ଟଙ୍କା ଲେଖାଏଁ ପଡ଼ିବ ବୋଲି କେହି ଫୋନ-ପେ ମାଧ୍ୟମରେ ଟଙ୍କା ଆଦାୟ କରିଥିଲା। ନାମ ଦରଜ କାହିଁକି ହେଲାନି ବୋଲି ପଚାରିବାରୁ ଆଉ ତିନିଶହ ଦିଅ ହେବ ବୋଲି କହିବାରୁ ବିଶ୍ୱନାଥଙ୍କ ମନରେ ସନ୍ଦେହ ଉପୁଜିଥିଲା। ସେ ଆଜି ବ୍ଲକ କାର୍ଯ୍ୟାଳୟକୁ ଆସି ବୁଝିବା ପରେ ଠକାମିର ଶିକାର ହୋଇଥିବା ଜାଣିଥିଲେ। ଯୋଗାଣ ବିଭାଗ କର୍ମଚାରୀ ଜଣକ ଏନେଇ ସଙ୍ଗେ ସଙ୍ଗେ ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଯୋଗ ଅଲିମ୍ପିଆଡ଼ ପ୍ରତିଯୋଗିତାରେ କ୍ରିଷ୍ଣା ତୃତୀୟ



ବାରିପଦା, ୨୪।୫(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ସୂଚନା ଅନୁଯାୟୀ ଗତ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଥିବା ରାଜ୍ୟସ୍ତରୀୟ ଯୋଗ ଅଲିମ୍ପିଆଡ଼ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲା ବାରିପଦା ପୁଲିସ ସରକାରୀ ଉଚ୍ଚ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀର ଛାତ୍ର କ୍ରିଷ୍ଣା ଦାସ ୧୪ ବର୍ଷରୁ କମ ବାଳକ ବିଭାଗରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେ ଏହି ସଫଳତା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଶୁଭେଚ୍ଛା ଜଣାଇଛନ୍ତି।

## +୨ରେ ଖୁଣ୍ଟା ବ୍ଲକର ପାସ୍‌ହାର ୬୯ ପ୍ରତିଶତ

କୁଆମରା,୨୪।୫(ସମିସ): ଚଳିତବର୍ଷ ଯୁକ୍ତଦୁଇ କଳା, ବିଜ୍ଞାନ ଓ ବାଣିଜ୍ୟରେ ପରୀକ୍ଷା ଫଳ ଖୁଣ୍ଟା ବ୍ଲକରେ ୬୯ ପ୍ରତିଶତ ପାସହାର ରହିଛି। ଡୁକୁରା ଭଞ୍ଜଭୂମି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନରେ ୧୮୦ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ପାସ ହାର ଶତପ୍ରତିଶତ ରହିଛି। ପ୍ରିୟମ୍ବଦା ପ୍ରିୟଦର୍ଶୀ ଦେ ସର୍ବାଧିକ ୫୩୨ ନମ୍ବର ରଖିଛନ୍ତି। ସେହିପରି କଳାରେ ୧୯୬ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୮୭ ପାସ ହୋଇଛନ୍ତି। ଗୀତାଞ୍ଜଳି ବାରିକ ସର୍ବାଧିକ ୪୮୨ ନମ୍ବର ରଖିଛନ୍ତି। ବାଣିଜ୍ୟରେ ୯୩ ଜଣ ପରୀକ୍ଷା ଦେଇଥିବାବେଳେ ୭୬ ଜଣ ପାସ୍ କରିଛନ୍ତି। ବିଷ୍ଣୁପଦ ଲେଙ୍କା ସର୍ବାଧିକ ୪୪୧ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଧାନଘେରା ଯୁକ୍ତ ଦୁଇ କଲେଜର କଳାରେ ୧୪୭ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୩୫ ଜଣ ପାସ୍ କରିଛନ୍ତି। ଖୁଣ୍ଟା କଲେଜରେ କଳାରେ ୨୩୫ ଜଣ ପରୀକ୍ଷା ଦେଇଥିବାବେଳେ ୧୫୫ ଜଣ ପାସ୍ କରିଛନ୍ତି। ବାସନ୍ତୀ ମୁର୍ମୁ ସର୍ବାଧିକ ୪୪୬ ନମ୍ବର ରଖି ପ୍ରଥମ ସ୍ଥାନ ପାଇବାରେ ସଫଳତା ଅର୍ଜନ କରିଛନ୍ତି। ବିଜ୍ଞାନରେ ୮୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୭୬ ଜଣ ପାସ୍ କରିଛନ୍ତି। ପ୍ରିୟବ୍ରତ ଘଡେଇ ସର୍ବାଧିକ ୫୦୫ ନମ୍ବର ରଖିଛନ୍ତି।

### ■ ଓଡ଼ିଶା ସିନେୱାର୍କର ଆସୋସିଏସନ୍ ପକ୍ଷରୁ ସମ୍ବର୍ଦ୍ଧନା ସଭା

## କାର୍ତ୍ତିକ ମହାନ୍ତଙ୍କୁ 'ଉତ୍କଳ କଳାନିଧି ସମ୍ମାନ'



ମୋରଡା,୨୪।୫(ସମିସ): ଓଡିଶା ସିନେୱାର୍କର ଆସୋସିଏସନ୍ ତରଫରୁ ୧୧ତମ ଚଳଚ୍ଚିତ୍ର, କବି, କଳାକାର, ପୁରସ୍କାର -୨୦୨୫ ଉତ୍ସବ ଗତ ୨୨ ତାରିଖରେ ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ସମସ୍ତ କଳାକାରଙ୍କୁ ଯୋଗ୍ୟତା ପ୍ରମାଣପତ୍ର ସହ ସମ୍ବର୍ଦ୍ଧିତ କରାଯାଇଛି। କାର୍ଯ୍ୟକ୍ରମରେ ମୋରଡା ବ୍ଲକର ପଳାଶବଧା ଛଉନୃତ୍ୟ ଅନୁଷ୍ଠାନର ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ମହାନ୍ତଙ୍କୁ 'ଉତ୍କଳ କଳାନିଧି ସମ୍ମାନ'ରେ ସମ୍ମାନିତ କରାଯାଇଛି। ଅମିନ ମହାନ୍ତ, ରହିନି ମହାନ୍ତ, କବିତା ମହାନ୍ତ ଏବଂ ଫୁଲେଶ୍ୱରୀ ମହାନ୍ତଙ୍କୁ ମଧ୍ୟ ପ୍ରମାଣପତ୍ର ପ୍ରଦାନ କରାଯାଇଛି। କାର୍ତ୍ତିକ ମହାନ୍ତ ଦୀର୍ଘ ବର୍ଷ ଧରି ପଳାଶବଧା ଛଉ ନୃତ୍ୟ ଅନୁଷ୍ଠାନର ସଂପାଦକ ଭାବେ କାର୍ଯ୍ୟକରି ଆସୁଛନ୍ତି। ତାଙ୍କ ନେତୃତ୍ୱରେ ସରକାରୀ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରେ ପଳାଶବଧା ଛଉ ନୃତ୍ୟ କଳାକାରଙ୍କୁ ନେଇ ନୃତ୍ୟ ପରିବେଷଣ କରିବାରେ ସେ ସଫଳ ଭୂମିକା ଗ୍ରହଣ କରିଆସୁଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା ଛୁଟିବାରେ ଲାଗିଛି।

## ପାଣିରେ ବୁଡ଼ି ଶିଶୁପୁତ୍ର ମୃତ

କୁଆମରା, ୨୪।୫(ସମିସ): ଖୁଣ୍ଟା ଥାନା ତଥା ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ବଗବସା ଗ୍ରାମରେ ଶନିବାର ମଧ୍ୟାହ୍ନରେ ପାଣିରେ ବୁଡ଼ି ଏକ ୪ ବର୍ଷ ଶିଶୁ ପୁତ୍ରର ମୃତ୍ୟୁ ଘଟିଛି। ମୃତ ଶିଶୁ ହେଉଛି ରାମଚନ୍ଦ୍ର ବିନ୍ଧାଣୀଙ୍କ ପୁଅ ସନ୍ଦୀପ। ଘର ନିକଟରୁ କିଛି ଦୂରରେ ଏକ ପୋଖରୀରେ ମାଛ ଧରା ହେଉଥିବା ବେଳେ ଉକ୍ତ ଶିଶୁଟି ଉପସ୍ଥିତ ଲୋକଙ୍କ ଅଜ୍ଞାତରେ କେତେବେଳେ ଗଭୀର ପାଣି ମଧ୍ୟକୁ ପଶି ଯାଇ ବୁଡି ଯାଇଥିଲା। ତେବେ ମାଛ ଧରା ସରିବା ପରେ ପାଣିରେ କ'ଣ ଭାସୁଥିବାର ଦେଖିବାକୁ ଯାଇ ଶିଶୁଟିକୁ ଉଦ୍ଧାର କରିଥିଲେ। ବଡସାହି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ଯାଇଥିଲା। ମାତ୍ର ଡାକ୍ତର ସେଠାରେ ସନ୍ଦୀପକୁ ମୃତ ଘୋଷଣା କରିଥିଲେ। ଖବର ପାଇ ଆଜି ସନ୍ଧ୍ୟାରେ କୁଆମରା ଫାଣ୍ଡି ପୁଲିସ ପହଞ୍ଚିଛି ଡାକ୍ତରଖାନାରେ।

## ଦୁଷ୍କର୍ମ ଅଭିଯୁକ୍ତ ଗିରଫ

କେନ୍ଦୁଝର,୨୪।୫(ସମିସ): ଦୁଷ୍କର୍ମ ଅଭିଯୋଗରେ କେନ୍ଦୁଝର ସଦର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲା ଝୁମ୍ପୁରା ଗ୍ରାମର ଶିବୁ ଲୋହାର। ସେ ୨୦୨୪ରେ ସଦର ଅଞ୍ଚଳର ଜଣେ ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ରଖି ଦୁଷ୍କର୍ମ କରିଥିଲା। ଏନେଇ ପରିବାର ପକ୍ଷରୁ ଅଭିଯୋଗ ପରେ ୬୬୦/୨୪ରେ ଏକ ପୋକ୍ସୋ ମାମଲା ରୁଜୁ ହୋଇଥିଲା। ଶିବୁ ସେହିଦିନଠାରୁ ଫେରାର ଥିଲା ବେଳେ ଶନିବାର ସଦର ଏସଆଇ ସୁସ୍ମିତା ହର ଖବର ପାଇ ଅଭିଯୁକ୍ତକୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ସଡ଼କ ଦୁର୍ଘଟଣାରେ ଯୁବ ଆଇନଜୀବୀଙ୍କ ମୃତ୍ୟୁ



କରଞ୍ଜିଆ, ୨୪।୫(ସମିସ): କରଞ୍ଜିଆ ସହରର (ଗଡ଼ସାହି) ନିବାସୀ ତଥା ଯୁବ ଆଇନଜୀବୀ ସୌମେନ୍ଦ୍ର ମହାନ୍ତି ଓରଫ ବୁଲୁଙ୍କ ଶୁକ୍ରବାର ସାଢେ ୧୧ଟା ରାତିରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ଏକ କାମରେ ଆନନ୍ଦପୁର ଯାଇଥିଲେ। ରାତିରେ କାର ଯୋଗେ ଫେରୁଥିବାବେଳେ ଭାରସାମ୍ୟ ହରାଇ କାଦଡ଼ିହା ଗ୍ରାମ ଛକରେ ଏକ ଗଛକୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁବେଳକୁ ତାଙ୍କୁ ମାତ୍ର ୪୦ ବର୍ଷ ହୋଇଥିଲା। ଶବ ବ୍ୟବଚ୍ଛେଦ ପରେ ମରଶରୀରକୁ କରଞ୍ଜିଆ ବାର ଓ ନୂତନ ବସଷ୍ଟାଣ୍ଡକୁ ନିଆଯାଇଥିଲା। ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ କରଞ୍ଜିଆ ନିଉଡି ଶ୍ମଶାନ ଘାଟରେ ଶେଷକୃତ୍ୟ ସଂପନ୍ନ ହୋଇଛି। ତାଙ୍କର ସ୍ତ୍ରୀ, ଦୁଇ ନାବାଳକ ପୁଅ ଅଛନ୍ତି। ସେ ଜଣେ ମେଳାପୀ ସରଳ ଓ ଅମାୟିକ ବ୍ୟକ୍ତି ଭାବରେ ଅତିପ୍ରିୟ ଥିଲେ। ଅଳ୍ପ ବୟସରୁ ଓକିଲାତି ଆରମ୍ଭ କରିବା ସହିତ କରଞ୍ଜିଆରୁ ବିଭିନ୍ନ ଅଞ୍ଚଳକୁ ବସ ଚଳାଚଳ କରି ବ୍ୟବସାୟ କରୁଥିଲେ। ତେବେ ଘଟଣାର ଅଧିକ ତଦନ୍ତ କରିବାକୁ କରଞ୍ଜିଆବାସୀ ଦାବି କରୁଛନ୍ତି।

## ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଯୋଗଦାନ



ଉଦଳା, ୨୪।୫(ସମିସ): ବୁଧବାର ଉଦଳା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବରେ ଦୀପକ କୁମାର ମିଶ୍ର ଯୋଗଦାନ କରିଛନ୍ତି। ସେ ପୂର୍ବରୁ କପ୍ତିପଦା ବ୍ଲକରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବର ପୂର୍ବରୁ କାର୍ଯ୍ୟ କରୁଥିଲେ। ଏଠାରେ କାର୍ଯ୍ୟ କରୁଥିବା ଶିକ୍ଷା ଅଧିକାରୀ ନୀତିଶ କୁମାର ଘୋଷ ମଧ୍ୟ ଆଜି ଏଠାରୁ ରିଲିଫ ହୋଇ ନିଜର ନୂତନ କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ଉଦଳା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ତାଙ୍କୁ ଶିକ୍ଷକ ଏବଂ ଶିକ୍ଷୟିତ୍ରୀମାନେ ଉତ୍ତରୀୟ, ଫୁଲତୋଡ଼ା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସ୍ୱାଗତ କାର୍ଯ୍ୟକ୍ରମରେ ରେଗୁଲାର, ଏକ୍ସ କେଡର, ଏନ.ପିଏସ ସମସ୍ତ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ଯୁକ୍ତ ଦୁଇ ବିଜ୍ଞାନରେ ସମୀକ୍ଷାରାଣୀଙ୍କ ସଫଳତା



ବେଲବାହାଳି, ୨୪।୫ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଟୋଲଙ୍କପଡା ଗ୍ରାମର ଦୁଷ୍ମନ୍ତ ସାହୁ ଓ ବାସନ୍ତୀ ସାହୁଙ୍କ ଝିଅ ସମୀକ୍ଷାରାଣୀ ସାହୁ ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ୮୭ ପ୍ରତିଶତ ୫୨୪ ନମ୍ବର ରଖି ସଫଳତାର ସହିତ କୃତିତ୍ୱ ହାସଲ କରିଛନ୍ତି। ସମୀକ୍ଷାରାଣୀ ଭୁବନେଶ୍ୱରସ୍ଥିତ ତ୍ରିବେଣୀ ଏକାଡେମୀ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ଦୈନିକ ୧୨ ଘଣ୍ଟାରୁ ଅଧିକ ପରିଶ୍ରମ କରି ଛାତ୍ରୀ ସମୀକ୍ଷାରାଣୀ କୃତିତ୍ୱ ହାସଲ କରିଥିବାବେଳେ ଭବିଷ୍ୟତରେ ଡାକ୍ତରୀ ପଢି ରୋଗୀ ସେବା କରିବା ପାଇଁ ଆଗ୍ରହ ରହିଥିବା ପ୍ରକାଶ କରିଛନ୍ତି। ତାଙ୍କର ଏହି କୃତିତ୍ୱକୁ ନେଇ ପରିବାର ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଶୁଭେଚ୍ଛା ଜଣାଇଛନ୍ତି।

## ଆଦର୍ଶ ଶିକ୍ଷକଙ୍କ ଅବସରକାଳୀନ ସଭା



ଶୁକ୍ଳି,୨୪।୫(ସମିସ): ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତଥା ଆଦର୍ଶ ଶିକ୍ଷକ ପୁରୁଷୋତ୍ତମ ମହାନ୍ତ ଗତ ଏପ୍ରିଲ ମାସରେ ଅବସର ଗ୍ରହଣ କରିଛନ୍ତି। ଆଜି ତାଙ୍କ ଉଦ୍ଦେଶ୍ୟରେ ପାଣ୍ଡରଶିଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଶିକ୍ଷକ ସଭାପତି ତାପସ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଗିରି ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ରୂପେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୟନ ତାରା ମହାନ୍ତ, ସମ୍ମାନିତ ଅତିଥି ରୂପେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଣସିର ପ୍ରଧାନ ଶିକ୍ଷକ ନିରସ୍ତ ଚନ୍ଦ୍ର ସିଂହ ଯୋଗଦେଇ ଶ୍ରୀ ମହାନ୍ତଙ୍କ ଗୁଣଗାନ କରିଥିଲେ।

# ଗୋଡ଼ଭଙ୍ଗା ତରଡ଼ିଆ ଡ୍ୟାମ୍‌କୁ ଇକୋ ଟୁରିଜିମ୍ ମାନ୍ୟତା ଦାବି

ଠାକୁରମୁଣ୍ଡା,୨୪।୫(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଥିବା ବହୁ ଦର୍ଶନୀୟ ସ୍ଥାନର ବିକାଶ ହୋଇପାରୁ ନ ଥିବାରୁ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ ହୋଇପାରୁନାହିଁ। ମୟୂରଭଞ୍ଜ ଏବଂ କେନ୍ଦୁଝର ଦୁଇ ଜିଲ୍ଲା ସୀମାରେ ରହିଥିବା ଏଭଳି ଏକ ସ୍ଥାନ ହେଉଛି ତରଡ଼ିଆ ଡ୍ୟାମ। ଏହି ସ୍ଥାନ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଚିଲିକାର ଭ୍ରମ ସୃଷ୍ଟି କରୁଥିବାରୁ ଏହାକୁ ଗୋଡ଼ଭଙ୍ଗା "ମିନି ଚିଲିକା' ଭାବେ ବିବେଚନା କରାଯାଇଥାଏ। ଏହାର ପାରିପାର୍ଶ୍ୱିକ ବିକାଶ ହେଉନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ଏହି ଡ୍ୟାମକୁ ଇକୋ ଟୁରିଜିମ୍ ମାନ୍ୟତା ପ୍ରଦାନ କରିବାକୁ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ପ୍ରସ୍ତାବ ଦେଇଛନ୍ତି। ତରଡ଼ିଆ ଡ୍ୟାମ ଭୌଗୋଳିକ ସୀମା ଅନୁସାରେ ମୟୂରଭଞ୍ଜ ଜିଲ୍ଲାରେ ଥିବାବେଳେ ଏହା ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ରହିଛି। ଶିମିଳିପାଳ ଅଭୟାରଣ୍ୟକୁ ଲାଗି ଜଙ୍ଗଲିଆ ପରିବେଶରେ ତରଡ଼ିଆ ଡ୍ୟାମ ଏକ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ଶୀତ ଦିନରେ ଏଠାରେ ଭୋଜି କରିବା ପାଇଁ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଲୋକଙ୍କ ଭିଡ଼ ଜମିଥାଏ। ପ୍ରାୟ ୪୫ ବର୍ଷ ତଳେ ଉପର ମୁଣ୍ଡରେ ଥିବା ଝରଣାକୁ ଲକ୍ଷ୍ୟ କରି ଗୋଡ଼ଭଙ୍ଗା ଗ୍ରାମ ନିକଟରେ ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏଠାରେ ଡ୍ୟାମ ନିର୍ମାଣ କରାଯାଇଥିଲା। ଏହି ସ୍ଥାନର ନାମ ଅନୁସାରେ ଏହାକୁ ତରଡ଼ିଆ ଡ୍ୟାମ କରାଯାଇଥିଲା। ଆନନ୍ଦପୁରରୁ ଠାକୁରମୁଣ୍ଡା ରାସ୍ତାରେ ଗଲେ ଗୋଡ଼ଭଙ୍ଗା ଛକରୁ ଏକ କିମି ଦୂରରେ ରହିଛି ଏହି ଡ୍ୟାମ। ଏହାର କେନାଲ ପାଣିରେ କୋଡ଼ପଡ଼ା ପଞ୍ଚାୟତର ଭୋଗପୁର, ଗୁଳାବନ୍ଦ, ଜୋରାଗଡ଼ିଆ, କୋଡ଼ପଡ଼ା, ତନେଇପାଳ ଅଞ୍ଚଳର ଚାଷଜମି ଜଳସେଚିତ ହୋଇଥାଏ। ହେଲେ ପ୍ରକଳ୍ପର ରକ୍ଷଣାବେକ୍ଷଣ ଠିକ୍ ଭାବେ ହେଉନଥିବାରୁ ରବି ଋତୁରେ ଆବଶ୍ୟକ ଅନୁସାରେ ଜଳସେଚନ ହୋଇ ପାରୁନାହିଁ। ବଣ ଜଙ୍ଗଲ ପାହାଡ଼ ଘେରା ଅଞ୍ଚଳରେ ରହିଥିବାରୁ ଡ୍ୟାମର ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ନିକଟବର୍ତ୍ତୀ ଗୋଡ଼ଭଙ୍ଗା, ଜୋରାଗଡ଼ିଆ, ଧାତିକିଡିହା ଗ୍ରାମର ଶହେରୁ ଅଧିକ ମତ୍ସ୍ୟଜୀବୀ ପରିବାର ମାଛ ମାରି ଜୀବିକା ନିର୍ବାହ କରିଥାନ୍ତି। ପ୍ରତିଦିନ ସକାଳୁ ଆନନ୍ଦପୁରର ବ୍ୟବସାୟୀ ଓ ଗ୍ରାହକ ମାଛ କିଣିବାକୁ ଏଠାରେ ଭିଡ଼ ଜମାଇଥାନ୍ତି। ଏଠାକାର ଛୋଟ ଚିଙ୍ଗୁଡ଼ି, ମହୁରାଳି, ଜଳହା, ରୋହି ମାଛର ଚାହିଦା ବେଶି। ଡ୍ୟାମର ଚାରି ପାଖରେ ଦଳ ମାଡ଼ିଯିବା ସହ ସଫେଇ ହେଉ ନ ଥିବାରୁ ମାଛ ଧରିବାରେ କିଛିଟା ସମସ୍ୟା ହେଉଛି ବୋଲି ଗୋଡ଼ଭଙ୍ଗା ଗ୍ରାମର ମତ୍ସ୍ୟଜୀବୀ କହିଛନ୍ତି। ପ୍ରତିବର୍ଷ ଖରା ଓ ଶୀତଦିନେ ଏଠାରେ ହାତୀ, ହରିଣ, ବାରହା ଏବଂ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଥାଏ ବୋଲି ସ୍ଥାନୀୟ ସମାଜସେବୀ ରବୀନ୍ଦ୍ରନାଥ ହୋ କହିଛନ୍ତି। ପ୍ରତିବର୍ଷ ନଭେମ୍ବରରୁ ଫେବୃଆରୀ ପର୍ଯ୍ୟନ୍ତ ଏଠାକୁ ଲୋକେ ବଣଭୋଜି କରିବା ପାଇଁ ଆସିଥାନ୍ତି। ସେମାନଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଉ ନ ଥିବା ଅଭିଯୋଗ ହୋଇଛି। ତରଡ଼ିଆର ବିକାଶ ହେଲେ ଏହା ବାହାର ପର୍ଯ୍ୟଟକଙ୍କୁ ଭୈରବ କୁଣ୍ଡ, ଭୀମକୁଣ୍ଡ, ସୁନାମୁନି ଜଙ୍ଗଲ ବିଟ୍ ସହିତ ଯୋଡ଼ି ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।



■ ରଥଖଳାରୁ...

# ଚାରମାଳ ପାଇଁ ପହଞ୍ଚିଲା ତାଳଗଡ଼



ପୁରୀ, ୨୪।୫ (ସମିସ): ଆଉ ମାସେ ୨ ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏଥିପାଇଁ ରଥ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଜାରି ରହିଛି। ତିନିରଥର ଚକ ନିର୍ମାଣ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ତିନିରଥର ମୋଟ ୪୨ ଚକ (ନନ୍ଦିଘୋଷ ୧୬, ତାଳଧ୍ୱଜ ୧୪ ଓ ଦର୍ପଦଳନ ୧୨) ମଧ୍ୟରୁ ଶୁକ୍ରବାର ସୁଦ୍ଧା ୩୬ଟି ସମ୍ପୂର୍ଣ୍ଣ ହୋଇଛି। ବାକି ୬ଟି ଚକ ମଧ୍ୟରୁ ୩ଟିର ସିଙ୍ଗଡ଼ା ବାଡ଼ିଆ ଶେଷ ହୋଇଛି। ମୋଟ ୩୯ଟି ଚକର ସିଙ୍ଗଡ଼ା ବାଡ଼ିଆ ସରିଛି। ଆଉ ୩ଟି ଚକର ସିଙ୍ଗଡ଼ା ବାଡ଼ିଆ ବାକି ରହିଛି। ସେହିପରି ଚଉଦ ନାହାକା ପାଇଁ ପ୍ରତ୍ୟେକ ରଥ ଚାଳିକୁ ୪ଟି ଲେଖାଏଁ ଫାଳି ଯୋଗାଇ ଦିଆଯାଇଥିଲା। ମହାରଣା ସେବକ ସେ ସବୁକୁ ଚଉପଟ କରିଛନ୍ତି। ଏହାପରେ ଆଠଅଂଶୀ କରିବେ। ଏଥିସହ ତିନିରଥର ମହାରଣା ସେବକମାନେ ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନରେ ବାକି ଅଂଶଗୁଡ଼ିକର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଜାରି ରଖିଛନ୍ତି। ଓରା, ଭୂଇଁ ଚଉତା, ମୁହାଁଟ, ନିରାଡ଼ି, ଖମ୍ବିର ବିନ୍ଧ କରାଯାଉଛି। ରୂପକାର ସେବକମାନେ ତିନି ରଥର ସାଲ ଗୁଜରେ ନୃସିଂହ ରୂପ ଖୋଦେଇ ସହ ଖୋଦେଇ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ୍ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନିରଥର ଅଖ ଦଣ୍ଡା ବିଡିଆ ଏବଂ ଚଉରସ କଣ୍ଟା ତିଆରି କରୁଛନ୍ତି। ଶୁକ୍ରବାର ରଥଖଳାରେ ଚଳିତବର୍ଷ ନୂଆ ଚାରମାଳ ପାଇଁ ତାଳଗଡ଼ ଆସି ପହଞ୍ଚିଛି। ଏ ବର୍ଷ ଚାରମାଳ ରଥ ଉପରୁ ଭୂମିକୁ ଅଧିକ ସ୍ଲୋପିଂ କରାଯିବ। ଗତବର୍ଷ ତାଳଧ୍ୱଜ ରଥର ଚାଳମାଳ ଉପରୁ ବଡଠାକୁର ପଡିଯିବା ପରେ ମନ୍ଦିର ପ୍ରଶାସନ ଏବର୍ଷ ଚାରମାଳ ଉପରେ ଅଧିକ ଫୋକସ ରଖିଛି। ସେଥିପାଇଁ ବଡ଼ ବଡ଼ ତାଳଗଡ଼ ଅଣାଯାଇଛି।



ପୁରୀ ବଡ଼ଦାଣ୍ଡ ଆକାଶରେ କଳାହାଣ୍ଡିଆ ମେଘ... (ଫଟୋ-ଅନିଲ)

ବେକାର ଯୁବପିଢ଼ିଙ୍କ ଉପରେ ଠକଙ୍କ ନଜର

# ୬ମାସରେ ୩ଶହରୁ ଉର୍ଦ୍ଧ୍ୱ ଠକେଇ

ଭୁବନେଶ୍ୱର,୨୪।୫(ସମିସ): ଠକେଇ ପାଇଁ ରାଜ୍ୟରେ କାମ କରୁଛି ଏକ ବଡ଼ ରାକେଟ୍। ଏହି ରାକେଟ୍ ଟାର୍ଗେଟରେ ଏବେ ବେକାର ଯୁବପିଢ଼ି। ଯୁବପିଢ଼ି ଚାକିରି ଅନ୍ୱେଷଣରେ ଏଣେତେଣେ ବୁଲୁଥିବା ବେଳେ ଏହି ଠକଙ୍କ ହାବୁଡ଼ରେ ପଡି ଯାଉଛନ୍ତି। ଯୁବକମାନେ ଅନ୍‌ଲାଇନ୍‌ରେ ଚାକିରି ପାଇଁ ଆବେଦନ କରୁଥିବା ବେଳେ ଠକ ସେଥିରୁ ଫୋନ୍ ନମ୍ବର ପାଇ ସେମାନଙ୍କୁ ଯୋଗାଯୋଗ କରୁଛନ୍ତି। ପରେ ସେମାନଙ୍କୁ ସହଜରେ ଚାକିରି ଦେବାକୁ କହି ଲକ୍ଷାଧିକ ଟଙ୍କା ଠକି ନେବା ପରେ ଆଉ ଧରାଛୁଆଁ ଦେଉନାହାନ୍ତି। ପ୍ରତିଦିନ ଏଭଳି ଠକେଇ ଘଟଣା ସାମ୍ନାକୁ ଆସୁଥିବା ବେଳେ ଗତ ୫ମାସରେ ୩ ଶହରୁ ଉର୍ଦ୍ଧ୍ୱ ଠକେଇ ମାମଲା ରୁଜୁ କରିଛି ରାଜ୍ୟ ପୁଲିସ।

ସେ ରେଲ୍‌ୱେ ଗ୍ରୁପ୍-ଡି'ରେ ଚାକିରି କରାଇ ଦେବାକୁ କହି ଆଶାୟୀଙ୍କଠାରୁ ଟଙ୍କା ଲୁଟି ନେଇଥିବା ଜଣେ ଠକକୁ ଆଜି ମୈତ୍ରୀବିହାର ପୁଲିସ ଗିରଫ କରିଛି। କଟକ ସାଇବର ଥାନା ପୁଲିସ ଏହିଭଳି ଚାକିରି ଦେବାକୁ କହି ଲକ୍ଷାଧିକ ଟଙ୍କା ଠକିଥିବା ଜଣେ ଠକକୁ କିଛି ଦିନ ତଳେ ଗିରଫ କରିଥିଲା। ଖୋର୍ଦ୍ଧା ପୁଲିସ ମଧ୍ୟ ଏକ ଠକ ରାକେଟ୍‌କୁ ଗିରଫ କରିଥିଲା। ସେମାନେ ନୌସେନାରେ ଚାକିରି ଦେବାକୁ କହି ଯୁବକଙ୍କଠାରୁ ଟଙ୍କା ଠକି ନେଉଥିଲେ। ଏଥିରେ ନୌସେନାର କିଛି ପୂର୍ବତନ ଅଧିକାରୀଙ୍କ ସଂପୃକ୍ତି ଥିବା ଜଣାପଡ଼ିଛି।

ବଡ଼ କଥା ହେଲା, ରାଜ୍ୟର ବିଭିନ୍ନ ଜିଲ୍ଲାରେ କନ୍‌ସଲ୍‌ଟାନ୍ସି ଠକେଇ ଅନୁଷ୍ଠାନଗୁଡ଼ିକ ଗଢ଼ି ଉଠୁଛି। ଉକ୍ତ ଠକେଇ ସଂସ୍ଥାଗୁଡ଼ିକ ଠକେଇ ପାଇଁ ଜାଲ ବିଛାଉଛନ୍ତି। ଗଳିଗନ୍ଦିରେ ସେମାନେ ନକଲି ବିଜ୍ଞାପନର ପୋଷ୍ଟର ମାରି ଯୁବପିଢ଼ିଙ୍କୁ ଶିକାର କରୁଛନ୍ତି। କଲେଜ

■ ବିନା ପଞ୍ଜୀକରଣରେ ରାତାରାତି ଖୋଲୁଛି ଅଫିସ୍
■ ପୁଲିସ ପାଖରେ ରହୁନି କନ୍‌ସଲ୍‌ଟାନ୍ସି ସଂସ୍ଥା ତଥ୍ୟ

କାନ୍ଥବାଡ଼ଠାରୁ ଆରମ୍ଭ କରି ସରକାରୀ ଅଫିସ୍, ସବୁଠି ଛାଇଗଲାଣି ଏହି ଜାଲ୍ ବିଜ୍ଞାପନ ପୋଷ୍ଟର। ବିଶେଷକରି ସହରାଞ୍ଚଳରେ ଅଧିକମାତ୍ରାରେ ଚାକିରି ଆଳରେ ଠକେଇ ବଢୁଛି। କେତେବେଳେ ପାର୍ଟ ଟାଇମ୍ ଚାକିରି ଯୋଗାଇ ଦେବାକୁ କହି ଠକୁଛନ୍ତି ତ, ଆଉ କେତେବେଳେ ସରକାରୀ ଚାକିରି ଆଳରେ ଠକୁଛନ୍ତି। ବିଭିନ୍ନ ଜିଲ୍ଲାରୁ ମଧ୍ୟବିତ୍ତ ପରିବାରର ପିଲା ଆସି ସହରରେ ପାଠ ପଢୁଛନ୍ତି। ସେମାନଙ୍କୁ ଠକିବା ପାଇଁ ଏହି ଠକ ସଂସ୍ଥା ଟାର୍ଗେଟ କରୁଛନ୍ତି। ବିଜ୍ଞାପନ ଦେଖି କଲେଜ ପିଲା ଟଙ୍କା ରୋଜଗାର ଆଶାରେ କରି ଠକଙ୍କ ଜାଲରେ ଫସିଯାଉଛନ୍ତି। ସେମାନଙ୍କୁ ଚାକିରି ଦେବା ପୂର୍ବରୁ ଟଙ୍କା ମାଗି ନେଉଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ଚାକିରି ନ ଦେଇ ଅଫିସ୍ ବନ୍ଦ କରି ଚମ୍ପଟ ମାରୁଛନ୍ତି।

ସହରର ବିଭିନ୍ନ ଅଞ୍ଚଳରେ ଥିବା କନ୍‌ସଲଟାନ୍‌ସି ସଂସ୍ଥାଗୁଡ଼ିକ ଏଭଳି ଠକେଇ କରୁଛନ୍ତି। ଗତ ୧ ବର୍ଷରେ ଏଭଳି ସଂସ୍ଥା ନାମରେ ୫୦ଟି ମାମଲା ରୁଜୁ କରାଯାଇଛି। ଠକେଇ କରିବା ପାଇଁ ଏକାଧିକ ସଂସ୍ଥା ରାତାରାତି ଘର ଭଡ଼ା ନେଇ ଅଫିସ୍ ଖୋଲୁଛନ୍ତି। ସେମାନେ ବିନା ପଞ୍ଜିକରଣରେ ଏହି ନକଲି ଅଫିସ୍ ଖୋଲି ବିଭିନ୍ନ ଉପାୟରେ ଠକେଇ କରୁଛନ୍ତି। ରାଜଧାନୀରେ ହେଉଥିବା ଅଧିକାଂଶ ଠକେଇ କନ୍‌ସଲ୍‌ଟାନ୍ସି ସଂସ୍ଥା ଏବଂ ଘରୋଇ ସିକ୍ୟୁରିଟ୍ ସଂସ୍ଥା ଦ୍ୱାରା ହେଉଥିବା ଅଭିଯୋଗ ଆସୁଛି। ସେମାନେ ପିଲାଙ୍କୁ ଚାକିରି ଦେବାକୁ କହି ଲକ୍ଷ ଲକ୍ଷ ଟଙ୍କା ଆଦାୟ କରୁଛନ୍ତି। କିନ୍ତୁ ଏହି ଠକ ସଂସ୍ଥା ସମ୍ପର୍କରେ ପୁଲିସ ନିକଟରେ କୌଣସି ତଥ୍ୟ ନଥିବାରୁ ସେମାନେ ସହଜରେ ଟଙ୍କା ଠକିବା ପରେ ଅଫିସ ବନ୍ଦ କରି ଫେରାର୍ ହୋଇଯାଉଛନ୍ତି।

ବାଂଲା ଅନୁପ୍ରବେଶକାରୀଙ୍କ ପ୍ରସଙ୍ଗ

# ଓଏଚ୍‌ଆରସିରେ ମାମଲା

କଟକ, ୨୪।୫ (ସମିସ): ବାଂଲାଦେଶ ଅନୁପ୍ରବେଶକାରୀଙ୍କ ପାଇଁ ଭାରତୀୟ ନାଗରିକଙ୍କ ସୁରକ୍ଷା ବିପଦରେ ପଡ଼ିଛି। ଏଥିପାଇଁ ଦେଶର ନାଗରିକ ଅଧିକାର ମଧ୍ୟ କ୍ଷୁଣ୍ଣ ହେଉଛି। ଏହି ପ୍ରସଙ୍ଗରେ ରାଜ୍ୟ ମାନବାଧିକାର କମିସନ୍ (ଓଏଚ୍‌ଆରସି)ରେ ଏକ ମାମଲା ରୁଜୁ ହୋଇଛି। ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ରୁଜୁ ଆବେଦନରେ ଦର୍ଶାଯାଇଛି ଯେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏଭଳି (ବାଂଲା)ଅନୁପ୍ରବେଶକାରୀ ବ୍ୟାପି ରହିଛନ୍ତି। ଫେରିବାଲା ଏବଂ କବାଡ଼ିଆ ଭାବେ ଏମାନେ ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଆଡ଼େ ବସବାସ କଲେଣି। ଓଡ଼ିଶାରେ ଏହିଭଳି ୧ଲକ୍ଷ ୫୦ ହଜାରରୁ ଅଧିକ ବାଂଲା ଅନୁପ୍ରବେଶକାରୀ ରହିଛନ୍ତି। କିନ୍ତୁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଚିହ୍ନଟ କରାଯାଇପାରୁନାହିଁ। ବିଶେଷକରି ଏମାନେ ବେଆଇନ ଭାବେ ଏଠାରେ ସମସ୍ତ ସରକାରୀ ସୁବିଧା ହାସଲ କରୁଥିବା ଦେଖାଗଲାଣି। ଏଣୁ ଅବୈଧ ଭାବେ ବସବାସ କରିଆସୁଥିବା ବାଂଲା ନାଗରିକମାନଙ୍କୁ ଚିହ୍ନଟ କରିବା ପାଇଁ ପ୍ରଭାବୀ ପଦକ୍ଷେପ ନେବା ପାଇଁ ସରକାରଙ୍କୁ କମିସନ୍ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରାର୍ଥନା କରି ଆବେଦନକାରୀ ଉକ୍ତ ମାମଲା ରୁଜୁ କରିଛନ୍ତି। ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ଗୃହ ସଚିବ, ପୁଲିସ୍ ଡିଜି ଓ ପୁଲିସ କମିସନରଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ତେଜିଲା ବୈତରଣୀ ନଦୀ ବଞ୍ଚାଅ ଆନ୍ଦୋଳନ

ଚମ୍ପୁଆ/ଯୋଡ଼ା,୨୪।୫(ସମିସ): ପୁଣି ତେଜିଲା ବୈତରଣୀ ନଦୀ ବଞ୍ଚାଅ ଆନ୍ଦୋଳନ। ଓଡ଼ିଶାର ଅନ୍ୟତମ ପ୍ରମୁଖ ନଦୀ ବୈତରଣୀ ଧୀରେଧୀରେ ସଂକୁଚିତ ହେଉଥିବା ବେଳେ କିଛି ପ୍ରମୁଖ ଶିଳ୍ପ ସଂସ୍ଥା ଏହାର ପାଣି ଶୋଷିବାରେ ଲାଗିଛନ୍ତି। ଶିଳ୍ପ ସଂସ୍ଥା ପକ୍ଷରୁ ନଦୀ ଗର୍ଭରେ ଗୋଟିଏ ପରେ ଗୋଟିଏ ଇନ୍-ଟେକ୍ ୱେଲ୍ ଖୋଳାଯାଉଛି। ଏପରି ସ୍ଥିତି ଜାରି ରହିଲେ, ଆଗକୁ ଓଡ଼ିଶାର ମାନଚିତ୍ରରୁ ବୈତରଣୀ ଯେ ହଜିଯିବ; ଏହାକୁ ଏଡ଼ାଇ ଦିଆଯାଇନପାରେ। ତେଣୁ, ଜିଲ୍ଲା ଦେଇ ପ୍ରବାହିତ ବୈତରଣୀ ସହ ଅନ୍ୟ ଦୁଇ ନଦୀ କାରୋ ଓ ସୁନାକୁ ବଞ୍ଚାଇବା ପାଇଁ ଶନିବାର କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ କଣ୍ଡରା ହାଟ ପଡ଼ିଆଠାରେ ଏକ ସମାବେଶ ଆୟୋଜିତ ହେବା ସହ ଏନେଇ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯାଇଛି। ଏହି ସମାବେଶରେ ଆଜି ୬ଟି ପ୍ରସ୍ତାବ ଆଗତ କରାଯାଇ ଦାବି ପ୍ରସ୍ତୁତ କରାଯାଇଛି। ଏହି କ୍ରମରେ ଆଗାମୀ ଦିନରେ ୪ଟି ଜିଲ୍ଲାରେ ବୈତରଣୀ ପଞ୍ଚାୟତ ଗଠନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।



ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ସମାବେଶରେ ଯୋଗଦେଇ କହିଥିଲେ ଯେ ସରକାର ବୈତରଣୀକୁ ନେଇ ଏକ ଶ୍ୱେତପତ୍ର ଜାରି କରନ୍ତୁ। ଅତୀତରେ ନଦୀରେ ଜଳ କେତେ ଥିଲା, ଏବେ କେତେ ଅଛି ଏବଂ ନଦୀରେ ଜଳ ପ୍ରବାହର ଗତି ସମ୍ପର୍କିତ ସୂଚନା ଜାରି କରିବାକୁ ସେ ଦାବି କରିଛନ୍ତି। ଏହାସହ ଆଉ କିଛି ପ୍ରସ୍ତାବ ଆଗତ ହୋଇଛି। ସେଗୁଡ଼ିକ ହେଲା, ନଦୀ ସୁରକ୍ଷା ପାଇଁ ରାଜ୍ୟ ସରକାର ନଦୀ ନୀତି ଆଣନ୍ତୁ। ବୈତରଣୀ ନଦୀର ନିର୍ମଳ ଜଳକୁ ସ୍ଲରୀ ପାଇପ ଲାଇନ୍ ଜରିଆରେ ବ୍ୟବହାର କରାନଯାଉ। ସେହିପରି ଶିଳ୍ପକୁ ବୈତରଣୀ ଜଳ ଦେବା ଚୁକ୍ତିକୁ ବାତିଲ କରାଯାଉ। ଶିଳ୍ପ ଓ ଖଣିର ବର୍ଜ୍ୟ ବସ୍ତୁର ନିଷ୍କାସନର ଜରିଆ ନଦୀ ନହେଉ। ସେହିପରି ବୈତରଣୀର ସୁରକ୍ଷା ପାଇଁ ଆଗାମୀ ଦିନରେ ନଦୀର ଉତ୍ପତ୍ତିସ୍ଥଳ ଗୋନାସିକାଠାରୁ ଭଦ୍ରକ ଜିଲ୍ଲାର ଧାମରାଠାରେ ଥିବା ବଙ୍ଗୋପସାଗରର ସଙ୍ଗମସ୍ଥଳ ପର୍ଯ୍ୟନ୍ତ ପଦଯାତ୍ରା କରି ଜନଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଜଳମାନବ ଭାବେ ପରିଚିତ ରାଜେନ୍ଦ୍ର ସିଂ କାର୍ଯ୍ୟକ୍ରମରେ ଯୋଗଦେଇ ନ୍ୟାୟିକ ପ୍ରକ୍ରିୟାରେ ଏହି ଅନ୍ୟାୟ ବିରୋଧରେ ଲଢ଼େଇ କରାଯିବ ବୋଲି କହିଥିଲେ। ସେ ଆହୁରି କହିଥିଲେ ଯେ ସରକାର ଖଣି ପରିଚାଳନା ଦିଗରେ ଅତ୍ୟନ୍ତ ଯତ୍ନବାନ ହେବା ଉଚିତ।

■ ଗୋନାସିକାଠାରୁ ଧାମରା ଯାଏ ହେବ ପଦଯାତ୍ରା
■ ୬ ଦଫା ଦାବି ନେଇ ୪ଟି ଜିଲ୍ଲାରେ ବ୍ୟାପିବ ଆନ୍ଦୋଳନ

ଅନ୍ୟମାନଙ୍କ ମଧ୍ୟରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ନଦୀ ବଞ୍ଚାଅ ଆନ୍ଦୋଳନ ପ୍ରମୁଖ ସଦସ୍ୟା ବୃନ୍ଦି ଜେନା, ନଦୀ ବଞ୍ଚାଅ ଆନ୍ଦୋଳନର କେନ୍ଦୁଝର ଜିଲ୍ଲା ପ୍ରମୁଖ ସଦସ୍ୟ ଅଶୋକ ଠକ୍କର, ଭଦ୍ରକର ବିଶିଷ୍ଟ ପରିବେଶବିତ୍ ପ୍ରତାପ ପାଢ଼ୀ, ଜିଲ୍ଲା ପରିଷଦ ସଦସ୍ୟ ଡମ୍ବୁରୁଧର କୁଦାଦା, କଣ୍ଡରା ସରପଞ୍ଚ ରୀନା ନାଏକ, କରଞ୍ଜିଆ ସରପଞ୍ଚ ସୁପ୍ରିୟା ମୁଣ୍ଡା, ପୂର୍ବତନ ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ ଗିରିଧାରୀ ନାଏକ, ବଦ୍ରୁ ଜମାଦ ପ୍ରମୁଖଙ୍କ ସମେତ ଜିଲ୍ଲାର ବିଭିନ୍ନ ଟ୍ରକ୍ ମାଲିକ ସଂଘର ବହୁ କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ ଉପସ୍ଥିତ ଥିଲେ।

ଆଇନମନ୍ତ୍ରୀଙ୍କ ବିବୃତି ଉପରେ ପ୍ରତିକ୍ରିୟା ରଖିଲା ବିଜେଡି

# ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ମଠ ସଂସ୍କୃତିକୁ ଅକ୍ଷୁଣ୍ଣ ରଖାଯାଇଥିଲା

ଭୁବନେଶ୍ୱର,୨୪।୫(ସମିସ): ପୁରୀ ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ କ୍ଷତିଗ୍ରସ୍ତ ହୋଇଥିବା ୧୯ଟି ଐତିହ୍ୟ ମଠର ପୁନଃବିନ୍ୟାସ ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ପ୍ରକାଶ କରିଛି ବିଜୁ ଜନତା ଦଳ। ପରିକ୍ରମା ପ୍ରକଳ୍ପ ସମୟରେ ସମସ୍ତ

■ ୧୯ଟି ମଠର ବିଜେସ୍ଥଳୀକୁ ଅକ୍ଷତ ରଖି ହୋଇଥିଲା ସୌନ୍ଦର୍ଯ୍ୟକରଣ
■ ସମ୍ପୂର୍ଣ୍ଣ ମଠ ଭାଙ୍ଗି ଦିଆଯାଇଥିବା ନେଇ ମନ୍ତ୍ରୀଙ୍କ ଉକ୍ତି ଆଦୌ ଠିକ୍ ନୁହେଁ

୧୯ଟି ମଠର ବିଜେସ୍ଥଳୀକୁ ଅକ୍ଷୁଣ୍ଣ ରଖାଯାଇ ଏହାର ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ତେଣୁ ମଠଗୁଡିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଥିଲା ବୋଲି ଯାହା କୁହାଯାଉଛି, ତାହା ଆଦୌ ଠିକ୍ ନୁହେଁ ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ଦଳ ପକ୍ଷରୁ ଜାରି ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ୍ ମହାନ୍ତି କହିଛନ୍ତି ଯେ ଶ୍ରୀମନ୍ଦିରର ସୁରକ୍ଷା ଓ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ପାଇଁ ଆସୁଥିବା କୋଟି କୋଟି ଭକ୍ତଙ୍କ ସୁବିଧା ପାଇଁ ପରିକ୍ରମା ପ୍ରକଳ୍ପ କାର୍ଯ୍ୟାନ୍ୱୟନ କରାଯାଇଥିଲା। ଏହି ସମୟରେ ସେଠାରେ ଥିବା ମଠଗୁଡ଼ିକର ଐତିହ୍ୟକୁ ଅକ୍ଷୁଣ୍ଣ ରଖିବା ଉଦ୍ଦେଶ୍ୟରେ ମୂଳ ପୀଠ ବା ବିଜେସ୍ଥଳୀଗୁଡିକୁ ଅକ୍ଷୁଣ୍ଣ ରଖିବା ପାଇଁ ନିଷ୍ପତ୍ତି ନିଆ ଯାଇଥିଲା। ମଠାଧିଶମାନଙ୍କ ସହ ଆଲୋଚନା କରାଯାଇ କେବଳ ବିଦ୍ୟାର୍ଥୀ ଭବନ ଓ ସନ୍ଥ ଭବନଗୁଡ଼ିକୁ ଭଙ୍ଗାଯାଇ ସେଗୁଡ଼ିକ ଅନ୍ୟ ଏକ ସ୍ଥଳରେ ନିର୍ମାଣ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁସାରେ ପୁରାତନ ମଠଗୁଡ଼ିକର ବିଜେସ୍ଥଳୀ ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ସେଗୁଡ଼ିକ ଏବେ ବି ପୂର୍ବ ସ୍ଥାନରେ ବିରାଜମାନ ଅଛି ଓ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ସେସବୁକୁ ଦର୍ଶନ କରୁଛନ୍ତି। ମଠଗୁଡ଼ିକର ସନ୍ଥ ଭବନ ଓ ବିଦ୍ୟାର୍ଥୀ ଭବନ ଇତ୍ୟାଦିର ଆଉ ଏକ ସ୍ଥାନରେ ପୁନଃବିନ୍ୟାସ କରାଯିବ ବୋଲି ପୂର୍ବ ସରକାର ନିଷ୍ପତ୍ତି ନେଇଥିଲେ; ଯାହାକୁ ମଠାଧୀଶମାନେ ଗ୍ରହଣ କରିଥିଲେ। ଶ୍ରୀକ୍ଷେତ୍ରର ମଠ ସଂସ୍କୃତି ବେଶ୍ ସମୃଦ୍ଧ ବୋଲି ମତ ରଖିବା ସହ ମଠଗୁଡିକୁ ସମ୍ପୂର୍ଣ ଭାଙ୍ଗି ଦିଆଯାଇଥିଲା ବୋଲି ସାଧାରଣରେ ଯେଉଁ ଧାରଣା ସୃଷ୍ଟି କରାଯାଉଛି, ଯାହା ଆଦୌ ଠିକ୍ ନୁହେଁ ବୋଲି ଡଃ ମହାନ୍ତି କରିଛନ୍ତି।

■ ବର୍ଷା ପୂର୍ବରୁ ଅମଳ ଧାନର ସୁରକ୍ଷା ନିମନ୍ତେ ପଦକ୍ଷେପ

# ମଣ୍ଡିଗୁଡ଼ିକରେ ପଲିଥିନ୍ ରଖିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୪।୫(ସମିସ): ଚଳିତ ରବି ଋତୁରେ ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି। ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀଜନିତ ଅଦିନିଆ ବର୍ଷା ହେଉଥିବା ବେଳେ ଖୁବ୍‌ଶୀଘ୍ର ପ୍ରାକ୍ ମୌସୁମୀ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗର ଆକଳନ କରିଛି। ଏହାକୁ ଦୃଷ୍ଟିରେ ରଖି ମଣ୍ଡିରେ ଧାନ ସୁରକ୍ଷା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ସମବାୟ ସମିତି ସମୂହ ନିବନ୍ଧକ ସିଦ୍ଧାର୍ଥ ଦାସଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସମ୍ପୃକ୍ତ ଜିଲ୍ଲା ଯୋଗାଣ ଅଧିକାରୀ, ସମବାୟ ସମିତି ଉପ ନିବନ୍ଧକ ଓ ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ବର୍ଷାକୁ ଦୃଷ୍ଟିରେ ରଖି ଧାନକିଣା ପ୍ରକ୍ରିୟାକୁ ଚାଲୁ ରଖିବା ସହିତ ଅମଳ ଧାନର ସୁରକ୍ଷା ପାଇଁ ଯୋଗାଣ ବିଭାଗ ପକ୍ଷରୁ ଆବଶ୍ୟକ ମୁତାବକ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି। ଚାଷୀମାନଙ୍କୁ ସଚେତନ କରାଯିବା ସହ ପାଣିପାଗ ସଂପର୍କରେ ସୂଚନା ଦିଆଯାଇଛି। ଏଥିନିମନ୍ତେ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି। ମଣ୍ଡିରେ ଗଚ୍ଛିତ ଥିବା ଧାନଗୁଡ଼ିକୁ ଘୋଡ଼ାଇ ରଖିବା ନିମନ୍ତେ ଆବଶ୍ୟକ ପଲିଥିନ୍ ଯୋଗାଇଦେବା ପାଇଁ ପରାମର୍ଶ ଦିଆଯାଇଛି। ଏଥିସହ ଅଗ୍ରାଧିକାର ଭିତ୍ତିରେ ଧାନ ଉଠାଣ ପାଇଁ ମିଲରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଧାନଗୁଡ଼ିକର ସଂରକ୍ଷଣ ଏବଂ ବର୍ଷାରୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ପର୍ଯ୍ୟାୟରେ ଅଧିକାରୀମାନଙ୍କ ପକ୍ଷରୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି। ଏତଦବ୍ୟତୀତ ପାଣିପାଗ ଉପରେ ନଜର ରଖାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି।

ଖାଲି ପଡ଼ିଛି ଏସ୍‌ଡିପିଓ ପଦବୀ

# ପଦୋନ୍ନତି ମିଳିଲା; ପୋଷ୍ଟିଂ ମିଳୁନି

ଭୁବନେଶ୍ୱର, ୨୪।୫(ସମିସ): ରାଜ୍ୟରେ ନୂଆ ସରକାର ଆସିବା ପରେ ବିଚିତ୍ର ବ୍ୟବସ୍ଥା ଦେଖାଦେଇଛି। ପ୍ରାୟ ଦୁଇ ବର୍ଷର ବ୍ୟବଧାନ ପରେ ୧୬୯ ଜଣ ଇନ୍ସପେକ୍ଟର ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେମାନଙ୍କର ପୋଷ୍ଟିଂ ହୋଇପାରି ନାହିଁ। ଫଳରେ ପଦୋନ୍ନତି ପାଇବା ପରେ ମଧ୍ୟ ଅଧିକାଂଶ ଡିଏସ୍‌ପି ଏବେ ପୂର୍ବଭଳି ଥାନାରେ କାମ କରୁଛନ୍ତି। ପଦୋନ୍ନତିର ମାସେ ପରେ ମଧ୍ୟ ଡିଏସ୍‌ପିମାନଙ୍କୁ ନିଯୁକ୍ତି ନ ମିଳିବା ସରକାରଙ୍କ ନିଷ୍ପତ୍ତି ନେବାର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଅନୁସାରେ, ଗତମାସ୨୩ତାରିଖଦିନ ରାଜ୍ୟସରକାର ୧୬୮ ଜଣ ଇନ୍ସପେକ୍ଟରଙ୍କୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ଦେଇଥିଲେ। ପରବର୍ତ୍ତୀ ସମୟରେ ଆଉ ଜଣେ ଅଧିକାରୀ ମଧ୍ୟ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ପାଇଥିଲେ। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେହି ସ୍ଥାନରେ କାର୍ଯ୍ୟ କରିବାକୁ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତିକୁ ମାସେ ବିତିଯାଇଥିଲେ ମଧ୍ୟ ଡିଏସପିମାନଙ୍କୁ ପୋଷ୍ଟିଂ ମିଳିନାହିଁ।

ସେପଟେ ରାଜ୍ୟର ବିଭିନ୍ନ ସ୍ଥାନରେ ଏସଡିପିଓ ପଦବୀ ଖାଲି ପଡ଼ିଛି। ଏକାଧିକ ସ୍ଥାନରେ ଜଣେ ଅଧିକାରୀ ଦୁଇଟି ଦାୟିତ୍ୱରେ ରହିଥିବାବେଳେ କେତେକ ସ୍ଥାନରେ ଅଧିକାରୀଙ୍କୁ ଅସ୍ଥାୟୀ ଭାବେ ଅବସ୍ଥାପିତ କରାଯାଇଛି। ରାଜ୍ୟ ସବୁଠାରୁ ଉତ୍ତମ ପୁଲିସ ସେବା ଯୋଗାଉଥିବା କମିସନରେଟ ପୁଲିସରେ ମଧ୍ୟ ଏକପ୍ରକାର ଡିଏସ୍‌ପି ନିଅଣ୍ଟ। କମିସନରେଟ ପୁଲିସର କଟକ ସହରାଞ୍ଚଳ ପୁଲିସ ଜିଲ୍ଲା (ୟୁପିଡି) ଅଧୀନରେ ଥିବା ଜୋନ୍ ୩ ଏସିପି ପଦବୀ ଫାଙ୍କା ପଡ଼ିଛି। କଟକର ଲାଲବାଗ, ବିଡ଼ାନାସୀ, ଫେଜ୍ ୨ ଓ ମର୍କତ ନଗର ଭଳି ଗୁରୁତ୍ୱପୂର୍ଣ୍ଣ ଥାନା ଜୋନ୍ ୩ ଅଧୀନରେ ଆସୁଛି। ଏଠାରେ ପୂର୍ବରୁ ଏସିପି ଭାବେ କାର୍ଯ୍ୟରତ ଥିବା ଡିଏସ୍‌ପିଙ୍କର କ୍ରାଇମବ୍ରାଞ୍ଚକୁ ବଦଳି ହେବା ପରେ ଜୋନ୍ ୨ ଏସିପି ଅତିରିକ୍ତ ଦାୟିତ୍ୱରେ ରହିଛନ୍ତି।

■ ହେଡ୍‌କ୍ୱାର୍ଟରରେ ଇନ୍ସପେକ୍ଟର; ଥାନାରେ ଡିଏସ୍‌ପି
■ ଏକାଧିକ ଦାୟିତ୍ୱରେ ଏକାଧିକ ଅଧିକାରୀ
■ କମିସନରେଟ୍ ପୁଲିସରେ ବି ଅସ୍ଥାୟୀ ଏସିପି

କେବଳ କଟକ ନୁହଁ; ଭୁବନେଶ୍ୱର ୟୁପିଡିର ବଡ଼ଗଡ଼, ଲକ୍ଷ୍ମୀସାଗର, ପାହାଳ, ବାଲିଅନ୍ତା ଓ ବାଲିପାଟଣା ଥାନାକୁ ନେଇ ଗଠିତ ଜୋନ୍ ୪ରେ ମଧ୍ୟ ସମାନ ଅବସ୍ଥା। ପୂର୍ବରୁ ଜୋନ୍ ୪ ଏସିପି ଥିବା ବିଭୂତି ଭୂଷଣ ମହାପାତ୍ରଙ୍କର ଅତିରିକ୍ତ ଏସ୍‌ପି ପାହ୍ୟାକୁ ପଦୋନ୍ନତି ହେବା ସହିତ କନ୍ଧମାଳ ଜିଲ୍ଲାକୁ ବଦଳି ହୋଇଛି। ଶ୍ରୀ ମହାପାତ୍ର ଯିବା ପରେ ଡିଏସ୍‌ପି ଅଭିମନ୍ୟୁ ନାୟକଙ୍କୁ ଅସ୍ଥାୟୀ ଭାବେ ଜୋନ୍ ୪ ଦାୟିତ୍ୱ ଦିଆଯାଇଛି। ସେହିପରି କମିସନରେଟ୍ ପୁଲିସର ହେଡ୍‌କ୍ୱାର୍ଟରରେ ଏକାଧିକ ଇନ୍ସପେକ୍ଟର ରହିଥିବା ବେଳେ ୮ ଜଣ ଡିଏସ୍‌ପି ଥାନା ଦାୟିତ୍ୱରେ ରହିଛନ୍ତି। ଯଦି ଖୋଦ୍ କମିସନରେଟ ପୁଲିସରେ ଏଭଳି ବ୍ୟବସ୍ଥା, ତେବେ ସାରା ରାଜ୍ୟରେ ଅବସ୍ଥା କ'ଣ ହୋଇଥିବ ତାହା ଅନୁମେୟ।

ରାଜ୍ୟରେ ଏସ୍‌ଡିପିଓ ଓ ଏସିପି ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିବା ଓ ଅଧିକାରୀମାନେ ଅସ୍ଥାୟୀ ଦାୟିତ୍ୱରେ ଥିବାରୁ ଏସସି/ଏସ୍‌ଟି ମାମଲା ସମ୍ପୂର୍ଣ୍ଣ ପ୍ରଭାବିତ ହେଉଛି। ଅନୁସୂଚିତ ଜାତି ଓ ଜନଜାତିଜନିତ ମାମଲାର ତଦନ୍ତ ସର୍ବନିମ୍ନ ଡିଏସ୍‌ପି ପାହ୍ୟାର ଅଧିକାରୀ କରିଥା'ନ୍ତି। ସେଥିପାଇଁ ଥାନା ଅଧିକାରୀମାନେ କେବଳ ମାମଲା ରୁଜୁ କରୁଥିଲେ ମଧ୍ୟ ତଦନ୍ତର ଅଗ୍ରଗତି ହେଉନାହିଁ। ଫଳରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକେ ନ୍ୟାୟ ପାଇବାରେ ବିଳମ୍ବ ହେଉଛି। ଅସ୍ଥାୟୀ ବା ଅତିରିକ୍ତ ଦାୟିତ୍ୱରେ ଥିବାରୁ ତଦନ୍ତକାରୀ ଅଧିକାରୀମାନେ ମଧ୍ୟ ବିଶେଷ ମନଯୋଗ ଦେଉନାହାନ୍ତି।

କେବଳ ଏତିକି ନୁହଁ; ଏକାଧିକ ଦାୟିତ୍ୱରେ ଥିବା ଡିଏସ୍‌ପିମାନେ ମଧ୍ୟ କାର୍ଯ୍ୟ ଚାପ ଯୋଗୁଁ ମାନସିକ ଅବସାଦରେ ରହୁଛନ୍ତି। ଜାଣିଶୁଣି ଅଧିକ ଦାୟିତ୍ୱ ଦିଆଯାଉଥିବାରୁ ଜୀବନ ହାରିବା ବ୍ୟତୀତ ଅନ୍ୟ କିଛି ଉପାୟ ନାହିଁ ବୋଲି ନିକଟରେ ଜଳେଶ୍ୱର ଏସ୍‌ଡିପିଓ ବ୍ରଜମୋହନ ପ୍ରଧାନ ଉଚ୍ଚ ଅଧିକାରୀଙ୍କୁ ଚିଠି ଲେଖିଥିଲେ। ବ୍ରଜମୋହନ ବାଲେଶ୍ୱର ହେଡ୍‌କ୍ୱାର୍ଟରରେ ଡିଏସ୍‌ପି ଦାୟିତ୍ୱ ତୁଲାଉଥିବାବେଳେ ପୁଣି ଜଳେଶ୍ୱରରେ ଏସ୍‌ଡିପିଓ ଦାୟିତ୍ୱ ସମ୍ଭାଳୁଛନ୍ତି। ଗୋଟିଏପଟେ ଡିଏସ୍‌ପି ପଦବୀ ଫାଙ୍କା ପଡ଼ିବା ଓ ଅନ୍ୟପଟେ ୧୬୯ ଜଣ ଡିଏସ୍‌ପି ନିଯୁକ୍ତି ଅପେକ୍ଷାରେ ରହିବା, ସରକାରଙ୍କ ପାରିବାପଣିଆ ଉପରେ ଅଙ୍ଗୁଳି ଉଠାଇଛି।

# ଜେଲ୍ ଗଲେ କନିଷ୍ଠ ଯନ୍ତ୍ରୀ

ଭୁବନେଶ୍ୱର,୨୪।୫(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ସେଠୀଙ୍କୁ ଭିଜିଲାନ୍ସ ଗିରଫ କରିଛି। ନୂଆପଡ଼ା ଡିଭିଜନର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଆୟଠାରୁ ୩୪୭ ପ୍ରତିଶତ ଅଧିକ ସମ୍ପତ୍ତି ଅର୍ଜନ କରିଥିବା ଭିଜିଲାନ୍ସ ଯାଞ୍ଚ ପରେ ଜଣାପଡିଛି। ଆହୁରି ମଧ୍ୟ ତଦନ୍ତରୁ ଚାଞ୍ଚଲ୍ୟକର ତଥ୍ୟ ଜଣାପଡ଼ିଛି। ଭିଜିଲାନ୍ସ ଚଢ଼ଉରୁ ବର୍ତ୍ତିବା ପାଇଁ ସୁଶାନ୍ତଙ୍କ ପତ୍ନୀ ଲିପି ସେଠୀ ଅଭିନବ

■ ଆୟଠାରୁ ୩୪୭ ପ୍ରତିଶତ ଅଧିକ ସମ୍ପତ୍ତି ଅର୍ଜନ କରିଥିଲେ
■ ଭିଜିଲାନ୍ସ ଭୟରେ ଭଡ଼ାଟିଆଙ୍କ ଘରେ ରଖିଥିଲେ କଳାଧନ

ଉପାୟ ଆପଣାଇଥିଲେ। ତାଙ୍କ ତୃତୀୟ ମହଲା ଘରେ ଭଡ଼ାରେ ରହୁଥିବା ରାକେଶ କୁମାର ସେନାପତିଙ୍କ ଘରେ ସେ ରଖିଥିବା ଲକ୍ଷାଧିକ ଟଙ୍କା ଓ ସୁନାଗହଣାକୁ ରାକେଶ ଚୋରି କରି ନେଇଥିବା ନେଇ ଲିପି ୨୦୨୪ ଏପ୍ରିଲ ୧୩ରେ ଭୁବନେଶ୍ୱର ଧଉଳି ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଜମି ବିକା ଟଙ୍କା ୫୫ ଲକ୍ଷ ଏବଂ ୧କେଜି ୪୦୦ ଗ୍ରାମର ସୁନା ଗହଣା ଚୋରି ହୋଇଥିବା ଲିପି ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ତାହା ଏବେ ଧଉଳି ଥାନା ପୁଲିସର ତଦନ୍ତ ପରିସରରେ ଥିବା ଭିଜିଲାନ୍ସ ସୂଚନା ଦେଇଛନ୍ତି। ଭିଜିଲାନ୍ସ ଚଢ଼ଉ ଭୟରେ ଲିପି ଭଡ଼ାଟିଆଙ୍କ ଘରେ କଳାଧନ ରଖିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି। ସୂଚନାଯୋଗ୍ୟ, ଗତକାଲି ଭିଜିଲାନ୍ସ ଚଢ଼ଉରେ ସୁଶାନ୍ତଙ୍କ ଭୁବନେଶ୍ୱରରେ ଦୁଇ ଦୁଇଟି ବହୁତଳ କୋଠା, ୯ଟି ଦାମୀ ପ୍ଲଟ୍, ଫାର୍ମ ହାଉସ୍, ୫୦ ଲକ୍ଷ ଟଙ୍କାର ବୀମା ଓ ବ୍ୟାଙ୍କ ବାଲାନ୍ସ ଥିବା ଠାବ କରିଥିଲା।

### ଆଇପିଏଲ୍ ୧୮ : ଦିଲ୍ଲୀ କ୍ୟାପିଟାଲ୍ସ ବନାମ ପଞ୍ଜାବ କିଙ୍ଗସ ମୁକାବିଲା

# ଆୟର, ଷ୍ଟୋଇନିସ୍‌ଙ୍କ ଦମ୍‌ଦାର ବ୍ୟାଟିଂ



ଜୟପୁର,୨୪।୫ (ଏଜେନ୍ସି)

ଅଧିନାୟକ ଶ୍ରେୟସ ଆୟରଙ୍କ ଅର୍ଦ୍ଧଶତକ ଓ ମାର୍କସ ଷ୍ଟୋଇନିସ୍‌ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଶନିବାର ଅନୁଷ୍ଠିତ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଆଇପିଏଲ୍‌ର ୬୬ତମ ଲିଗ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗସ ୮ ୱିକେଟରେ ୨୦୬ ରନ୍ କରିଛି। ଦଳ ପକ୍ଷରୁ ଆୟର ୩୪ ବଲ୍‌ରୁ ୫ ଚୌକା ଓ ୨ଛକା ସହ ସର୍ବାଧିକ ୫୩ ଓ ଷ୍ଟୋଇନିସ୍ ୧୬ ବଲ୍‌ରୁ ୩ ଚୌକା ଓ ୪ଛକା ସହ ଅପରାଜିତ ୪୪ ରନ୍ କରି ଦଳକୁ ଦୁଇଶହ ରନ୍ ପାର କରାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜୋଶ ଇଂଲିଶ ୧୨ ବଲ୍‌ରୁ ୩ ଚୌକା ଓ ୨ଛକା ସହ ୩୨, ପ୍ରଭସିମରନ ସିଂହ ୧୮ ବଲ୍‌ରୁ ୪ ଚୌକା ଓ ୧ଛକା ସହ ୨୮ ରନ୍ କରି ଉପଯୁକ୍ତ ସହାୟତା ଯୋଗାଇଦେଇଛନ୍ତି। ଦିଲ୍ଲୀ ପକ୍ଷରୁ ମୁସ୍ତାଫିଜୁର ରହମନ ସର୍ବାଧିକ ୩ଟି, ବିପରାଜ ନିଗମ ଓ କୁଲଦୀପ ଯାଦବ ୨ଟି ଲେଖାଏଁ ଖେଳାଳିଙ୍କୁ ଆଉଟ କରିଛନ୍ତି। ଏହି ମୁକାବିଲାରେ ଦିଲ୍ଲୀର ନିୟମିତ ଅଧିନାୟକ ଅକ୍ଷର ପଟେଲ ଅସୁସ୍ଥ ହେବାରୁ ଫାଫ ଡୁ ପ୍ଲେସିସ୍ ଦଳର ନେତୃତ୍ୱ ନେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଚଳିତ ମୁକାବିଲା ପୂର୍ବରୁ ପଞ୍ଜାବ କିଙ୍ଗସ ୧୨ଟି ମ୍ୟାଚ୍‌ରୁ ୮ଟି ବିଜୟ ଓ ଗୋଟିଏ ବାତିଲ ମ୍ୟାଚ୍‌ରୁ ୧୭ ପଏଣ୍ଟ ପାଇ ପ୍ଲେଅଫ୍‌ରେ ପ୍ରବେଶ କରିସାରିଛି। ଅନ୍ୟ ପକ୍ଷରେ ଦିଲ୍ଲୀ କ୍ୟାପିଟାଲ୍ସ ୧୩ତମ ମ୍ୟାଚ୍‌ରୁ ୬ଷ୍ଠ ପରାଜୟ ସହ ୧୩ ପଏଣ୍ଟ ପାଇ ପ୍ଲେଅଫ ଦୌଡ଼ରୁ ବାଦ୍ ପଡ଼ିସାରିଛି।

#### ବେଙ୍ଗାଲୁରୁକୁ ହରାଇଲେ ଇଶାନ

**ଲକ୍ଷ୍ନୌ** : ଚଳିତ ଆଇପିଏଲ୍‌ର ୬୫ତମ ମୁକାବିଲାରେ ଶୁକ୍ରବାର ସନ୍‌ରାଇଜର୍ସ ହାଇଦରାବାଦ୍ ୪୨ ରନରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି। ସ୍ଥାନୀୟ ଏକନା କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ସନରାଇଜର୍ସ ହାଇଦରାବାଦ୍ ପକ୍ଷରୁ ଧାର୍ଯ୍ୟ ୨୩୨ ରନର ବିଶାଳ ଲକ୍ଷ୍ୟକୁ ପିଛା କରି ବେଙ୍ଗାଲୁରୁ ଗୋଟିଏ ବଲ୍ ପୂର୍ବରୁ ୧୮୯ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପୂର୍ବରୁ ପ୍ଲେ ଅଫ୍‌ରେ ସ୍ଥାନ ପକ୍କା କରିସାରିଥିବା ବେଙ୍ଗାଲୁରୁର ୧୩ ମ୍ୟାଚରୁ ପରାଜୟ ସତ୍ତ୍ୱେ ୧୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଅରପକ୍ଷରେ ହାଇଦରାବାଦ ୧୩ତମ ମ୍ୟାଚରୁ ୫ମ ବିଜୟ ସହିତ ୧୧ ପଏଣ୍ଟ ପାଇ ୮ମ ସ୍ଥାନରେ ସ୍ଥିର ରହିଛି। ହାଇଦରାବାଦ ପୂର୍ବରୁ ପ୍ଲେ ଅଫ୍‌ରୁ ବାଦ୍ ପଡ଼ିସାରିଛି।

୨୩୨ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ବେଙ୍ଗାଲୁରୁ ପ୍ରଥମ ୱିକେଟ୍‌ରେ ୭ ଓଭରରେ ୮୦ ରନ ଉଠାଇଥିଲା। ଓପନର୍ ବିରାଟ କୋହଲି ୨୫ ବଲରେ ୭ ଚୌକା ଓ ୧ ଛକା ସହ ୪୩ ରନ କରି ପ୍ରଥମେ ଆଉଟ୍ ହୋଇଥିଲେ। ପରେ ଅନ୍ୟତମ ଓପନର୍ ଫିଲ୍ ସଲ୍ଟ ୪ ଚୌକା ଓ ୫ ଛକା ସହ ୩୨ ବଲରେ ୬୨ ରନ କରି ଆଉଟ୍ ହୋଇଥିଲେ। ଏହାପରେ ମଧ୍ୟକ୍ରମ ବ୍ୟାଟିଂ ବିଫଳତା ଯୋଗୁ ବେଙ୍ଗାଲୁରୁ ୧୯.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୮୯ ରନ କରିବାକୁ ସମର୍ଥ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୀତେଶ ଶର୍ମା ୨୪, ରଜତ ପଟିଦାର ୧୮, ମୟଙ୍କ ଅଗରୱାଲ ୧୧, କ୍ରୁନାଲ ପାଣ୍ଡ୍ୟା ୮, ଟିମ୍ ଡେଭିଡ୍ ୧ ରନ କରିଥିବାବେଳେ ରୋମାରିଓ ସେଫର୍ଡ ଖାତା ଖୋଲିପାରି ନ ଥିଲେ। ବୋଲିଂରେ ହାଇଦରାବାଦ୍ ପାଇଁ ଅଧିନାୟକ ପ୍ୟାଟ୍ କମିନ୍ସ ସର୍ବାଧିକ ୩, ଏଶାନ ମାଲିଙ୍ଗା ୨ଟି ୱିକେଟ୍ ନେଇଥିଲେ।

ପୂର୍ବରୁ ଏହି ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର କାମଚଳା ଅଧିନାୟକ ଜିତେଶ ଶର୍ମା ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସନରାଇଜର୍ସ ହାଇଦରାବାଦ୍ ଇଶାନ କିଶାନଙ୍କ ଅପରାଜିତ ୯୪ ରନ ବଳରେ ୬ ୱିକେଟ୍‌ରେ ୨୩୧ ରନର ଚ୍ୟାଲେଞ୍ଜିଂପୂର୍ଣ୍ଣ ସ୍କୋର କରିପାରିଥିଲା। ଇଶାନ ତାଙ୍କ ୪୮ ବଲ୍ ପାଳିରେ ୭ ଚୌକା ଓ ୫ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ଶର୍ମା ୩୪, ହେନରିଚ କ୍ଲାସେନ ୨୪, ଅନିକେତ ବର୍ମା ୨୬, ଟ୍ରାଭିସ ହେଡ୍ ୧୭, ପ୍ୟାଟ୍ କମିନ୍ସ ଅପରାଜିତ ୧୩ ରନ କରିଥିଲେ। ବୋଲିଂରେ ବେଙ୍ଗାଲୁରୁର ରୋମାରିଓ ସେଫର୍ଡ ସର୍ବାଧିକ ୨ଟି ଏବଂ ଭୁବନେଶ୍ୱର କୁମାର, ଲୁନଗି ଏନ୍‌ଗିଡି, ସୂୟାଶ ଶର୍ମା ଓ କ୍ରୁନାଲ ପାଣ୍ଡ୍ୟା ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ।

**ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୩ | ୯ | ୪ | ୦ | ୧୮ | +୦.୬୦୨ |
| ପଞ୍ଜାବ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +୦.୨୫୫ |
| ମୁମ୍ବାଇ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ | ୧୩ | ୬ | ୬ | ୧ | ୧୩ | -୦.୦୧୯ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ | ୧୩ | ୬ | ୭ | ୦ | ୧୨ | -୦.୩୩୭ |
| ହାଇଦରାବାଦ୍ | ୧୩ | ୫ | ୭ | ୧ | ୧୧ | -୧.୭୪୦ |
| ରାଜସ୍ଥାନ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ | ୧୩ | ୩ | ୧୦ | ୦ | ୬ | -୧.୦୩୦ |

### ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

## ୬ ବର୍ଷ ପରେ ଫାଇନାଲରେ ଶ୍ରୀକାନ୍ତ




**କ୍ୱାଲାଲମ୍ପୁର,୨୪।୫(ଏଜେନ୍ସି): ସ୍ଥାନୀୟ** ଅକ୍ସିଆଟା ଏରିନାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ସୁପର ୫୦୦ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଅଭିଜ୍ଞ ପୁରୁଷ ଖେଳାଳି କିଦାମ୍ବୀ ଶ୍ରୀକାନ୍ତ ଫାଇନାଲରେ ପ୍ରବେଶ କରିଛନ୍ତି। ଏକମାତ୍ର ଭାରତୀୟ ଭାବେ ସେ ଏହି ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଜାରି ରଖିଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ଏକକ ସେମିଫାଇନାଲରେ ୨୧-୧୮, ୨୪-୨୨ ସିଧାସଳଖ ଗେମ୍‌ରେ ଜାପାନର ୟୁଶି ତନକାଙ୍କୁ ମାତ୍ର ୪୯ ମିନିଟ୍‌ରେ ପରାସ୍ତ କରି ଫାଇନାଲ ଟିକଟ ହାସଲ କରିଛନ୍ତି। ପୂର୍ବରୁ ଅନ୍ୟ ଭାରତୀୟ ଖେଳାଳିମାନେ ଏହି ଟୁର୍ଣ୍ଣାମେଣ୍ଟରେ ପରାସ୍ତ ହୋଇ ବିଦାୟ ନେଇ ସାରିଛନ୍ତି। ଏଥିସହ ସେ ଦୀର୍ଘ ୬ ବର୍ଷ ପରେ କୌଣସି ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର ଇଭେଣ୍ଟରେ ଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ପୂର୍ବତନ ୧ ନଂ ଖେଳାଳି ଶ୍ରୀକାନ୍ତ ଶେଷଥର ପାଇଁ ୨୦୧୯ ଇଣ୍ଡିଆ ଓପନ୍ ଫାଇନାଲରେ ପ୍ରବେଶ କରିଥିଲେ ଓ ରନର୍ସଅପ୍ ହୋଇଥିଲେ। ଏଥର ସଫଳ ହେଲେ ସେ ୮ ବର୍ଷପରେ କୌଣସି ଟାଇଟଲ ହାସଲ କରିବେ। ୨୦୧୭ରେ ସେ ୪ଟି ଟାଇଟଲ ଅର୍ଜନ କରିଥିଲେ। ୩୨ ବର୍ଷୀୟ ଶ୍ରୀକାନ୍ତ ଏବେ ଟାଇଟଲ ପାଇଁ ରବିବାର ଚୀନ୍‌ର ଲି ଶିଫେଙ୍ଗ୍‌ଙ୍କୁ ଭେଟିବେ।

### ଅଢ଼େଇ ଦିନରେ ଜିମ୍ବାୱେର ପାଳି ପରାଜୟ

## ବସିର୍‌ଙ୍କୁ ୯ ୱିକେଟ୍; ଇଂଲଣ୍ଡର ସହଜ ବିଜୟ

ନଟିଂହାମ, ୨୪।୫ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଜିମ୍ବାୱେ ମଧ୍ୟରେ ୨୨ ବର୍ଷ ପରେ ପ୍ରଥମଥର ଲାଗି ଖେଳାଯାଇଥିବା ଏକ ଟେଷ୍ଟ ମ୍ୟାଚ୍ ଅଢ଼େଇ ଦିନରେ ସମାପ୍ତ ହୋଇଯାଇଛି। ସ୍ଥାନୀୟ ଟ୍ରେଣ୍ଟବ୍ରିଜ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ଏକପାଖିଆ ମୁକାବିଲାରେ ଭ୍ରମଣକାରୀ ଜିମ୍ବାୱେ ଏକ ପାଳି ଓ ୪୫ ରନରେ ଶୋଚନୀୟ ଭାବେ ପରାଜୟବରଣ କରିଛି। ଲେଗ୍-ସ୍ପିନର ସୋଏବ ବସିର ମ୍ୟାଚରେ ମୋଟ୍ ୯ ୱିକେଟ୍ ନେଇ ଇଂଲଣ୍ଡକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିସହ ଇଂଲଣ୍ଡ ଏହାର ସମର ସିଜନ ବିଜୟରୁ ଆରମ୍ଭ କରିଛି। ଚାରିଦିବସୀୟ ଏହି ଟେଷ୍ଟ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ଆଗଧାଡ଼ିର ୩ ବ୍ୟାଟର୍ ଓପନର୍ ଜାକ୍ କ୍ରଲୀ (୧୨୪), ବେନ୍ ଡକେଟ୍ (୧୪୦) ଓ ଓଲି ପୋପ୍ (୧୭୧)ଙ୍କ ଶତକ ବଳରେ ପ୍ରଥମ ପାଳିରେ ୬ ୱିକେଟ୍‌ରେ ୫୬୫ ରନ କରି ଘୋଷଣା କରିଥିଲା। ଜବାବରେ ଜିମ୍ବାୱେ ପ୍ରଥମ ପାଳିରେ ଓପନର୍ ବ୍ରାଏନ ବେନେଟ୍ (୧୩୯)ଙ୍କ ଶତକ ସତ୍ତ୍ୱେ ୨୬୫ ରନରେ ଅଲ୍‌ଆଉଟ୍ ହୋଇଥିଲା। ଇଂଲଣ୍ଡର ବସିର ୩ଟି ୱିକେଟ୍ ନେଇଥିଲେ। ୩୦୦ ରନ ପଛରେ ଥାଇ ଫଲୋଅପ୍ ପାଇଥିବା ଜିମ୍ବାୱେ ଶନିବାର ମ୍ୟାଚର ୩ୟ ଦିବସ ପ୍ରଥମ ସେସନରେ ଦ୍ୱିତୀୟ ପାଳିରେ ୨୫୫ ରନରେ ଅଲ୍‌ଆଉଟ୍ ହୋଇଥିଲା। ମଧ୍ୟକ୍ରମରେ ସିନ୍ ୱିଲିୟମ୍ସ ୮୮ ଓ ସିକନ୍ଦର ରାଜା ୬୦ ରନର ଉପଯୋଗୀ ପାଳି ଖେଳିଥିଲେ ମଧ୍ୟ ଦଳକୁ ପାଳି ପରାଜୟରୁ ରକ୍ଷା କରିପାରି ନ ଥିଲେ। ଏହି ପାଳିରେ ମଧ୍ୟ ବସିର ସର୍ବାଧିକ ୬ଟି ୱିକେଟ୍ ନେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୨୦୦୩ ରେ ଉଭୟ ଇଂଲଣ୍ଡ ଓ ଜିମ୍ବାୱେ ମଧ୍ୟରେ ଏହା ପ୍ରଥମ ଟେଷ୍ଟ ଥିଲା। ଓଭରଅଲ୍ ଦୁଇଦେଶ ମଧ୍ୟରେ ଏହା ୭ମ ଟେଷ୍ଟ ହୋଇଥିବାବେଳେ ସେଥିରୁ ଇଂଲଣ୍ଡ ୪ଟି ଜିତିଥିବାବେଳେ ୩ଟି ଡ୍ର ରହିଛି।

## ଖେଲୋ ଇଣ୍ଡିଆ ବିଚ୍ ସକ୍କରରେ ଓଡ଼ିଶା ଚାମ୍ପିଅନ



କଟକ, ୨୪।୫ (ସମିସ): ଡାମନ ଓ ଡିଉରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଚ୍ ସକ୍କର ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣରେ ଓଡ଼ିଶା ମହିଳା ଦଳ ବାଜିମାତ୍ କରିନେଇଛି। ଏଥିରେ ଓଡ଼ିଶା ଚାମ୍ପିଅନ ହୋଇ ସ୍ୱର୍ଣ୍ଣିମ ସଫଳତା ପାଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଓଡ଼ିଶାର ମୁକାବିଲା ଗୁଜରାଟ ମହିଳା ଦଳ ସହ ହୋଇଥିଲା। ଏହି ମ୍ୟାଚକୁ ଓଡ଼ିଶା ୩-୨ ଗୋଲରେ ଚାମ୍ପିଅନ ହୋଇଥିଲା। ଏଥିପୂର୍ବରୁ ସେମିଫାଇନାଲରେ ଓଡ଼ିଶା ଦଳ ୧୨-୭ ଗୋଲରେ ଉତ୍ତର ପ୍ରଦେଶକୁ ହରାଇ ଫାଇନାଲକୁ ଉଠିଥିଲା। ଏହି ସଫଳତା ଲାଗି ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟାନ କର୍ମକର୍ତ୍ତା ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

## ଜୁନ୍ ୧୮ରୁ ପ୍ରଥମ ହକି ଇଣ୍ଡିଆ ମାଷ୍ଟର୍ସ କପ୍

ନୂଆଦିଲ୍ଲୀ,୨୪।୫(ଏଜେନ୍ସି): ହକି ଇଣ୍ଡିଆ ଆନୁକୂଲ୍ୟରେ ଅଭିଜ୍ଞ ହକି ଖେଳାଳିଙ୍କୁ ନେଇ ଆୟୋଜନ ହେବାକୁ ଯାଉଛି ପ୍ରଥମ ହକି ଇଣ୍ଡିଆ ମାଷ୍ଟର୍ସ କପ୍। ଏହା ଚେନ୍ନାଇରେ ହକି ତାମିଲନାଡୁ ଦ୍ୱାରା ଜୁନ୍ ୧୮ ରୁ ଆରମ୍ଭ ହୋଇ ୨୭ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଉଭୟ ପୁରୁଷ ଓ ମହିଳା ବିଭାଗରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ୪୦ ବର୍ଷ କିମ୍ବା ତଦୁର୍ଦ୍ଧ ପୁରୁଷ ଓ ୩୫ ବର୍ଷ କିମ୍ବା ତାଠାରୁ ଅଧିକ ବୟସର ମହିଳା ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

## ଚତୁର୍ଥ ସିରି ଏ' ଟାଇଟଲ ଜିତିଲା ନାପୋଲି



ନାପ୍ଲେସ୍,୨୪।୫(ଏଜେନ୍ସି): ଇଟାଲୀ ଫୁଟବଲ ପ୍ରଣାଳୀ ସର୍ବୋଚ୍ଚ ପେସାଦାର ଲିଗ୍ ସିରି ଏ'ରେ ଏଥର ନାପୋଲି କ୍ଲବ ବାଜି ମାରିଛି। ଶୁକ୍ରବାର ବିଳମ୍ବିତ ରାତିରେ ନାପୋଲି ୨-୦ ଗୋଲରେ କାଗ୍ଲିଆରୀ ଫୁଟବ କ୍ଲବକୁ ପରାସ୍ତ କରି ଟାଇଟଲ ଜିତିଛି। ୩୮ଟି ମ୍ୟାଚ୍ ଖେଳି ୨୪ ବିଜୟ, ୧୦ ଡ୍ର ଓ ୪ ପରାଜୟ ସହ ୮୨ ପଏଣ୍ଟ ହାସଲ କରିବା ସହ ନାପୋଲି ମାତ୍ର ଗୋଟିଏ ପଏଣ୍ଟରେ ଇଣ୍ଟର ମିଲାନକୁ ପଛରେ ପକାଇ ଚାମ୍ପିଅନ ହୋଇଛି। ଇଟାଲୀର ନାପ୍ଲେସ ସହର ପର୍ଯ୍ୟବସିତ ନାପୋଲି ଏଥିସହ ଚତୁର୍ଥ ସିରି ଏ ଟାଇଟଲ ଜିତିଛି। ନାପୋଲି ତରଫରୁ ୪୨ତମ ମିନିଟ୍‌ରେ ସ୍କଟ ମ୍ୟାକ୍ ଟୋମିନେ ଓ ୫୧ତମ ମିନିଟ୍‌ରେ ରୋମେଲୁ ଲୁକାକୁ ଗୋଲ ସ୍କୋର କରିଥିଲେ। ଏଥିସହ ଗତ ୩ ବର୍ଷ ମଧ୍ୟରେ ନାପୋଲି ଦ୍ୱିତୀୟଥର ପାଇଁ ସିରି ଏ ଟାଇଟଲ ଜିତିଛି। ନାପୋଲି କୋଚ୍ ଆଣ୍ଟୋନିଓ କୋଣ୍ଟେ ପ୍ରଥମ ପ୍ରଶିକ୍ଷକ ଭାବେ ୩ଟି ଭିନ୍ନ ଭିନ୍ନ ଦଳ ସହ ଇଟାଲୀଆନ ଚାମ୍ପିଅନସିପ୍ ହାସଲ କରି ଏକ ଭିନ୍ନ ପ୍ରକାର ସଫଳତା ଅର୍ଜନ କରିଛନ୍ତି।

## ଟେନିସ୍‌ରୁ କାରୋଲିନ୍ ଗାର୍ସିଆଙ୍କ ଅବସର



ପ୍ୟାରିସ୍,୨୪।୫(ଏଜେନ୍ସି): ବିଶ୍ୱର ପୂର୍ବତନ ୪ ନଂ ମହିଳା ଟେନିସ ଖେଳାଳି ଫ୍ରାନ୍ସର କାରୋଲିନ୍ ଗାର୍ସିଆ ଶୁକ୍ରବାର ଅବସର ଘୋଷଣା କରିଛନ୍ତି। ରବିବାରଠାରୁ ଆରମ୍ଭ ହେବାକୁ ଥିବା ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍ ଖେଳି ଟେନିସକୁ ଅଲବିଦା କରିବେ ବୋଲି ଗାର୍ସିଆ କହିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ସେ ଏକ ପୋଷ୍ଟ ମାଧ୍ୟମରେ ଅବସର ସମ୍ପର୍କରେ ସୂଚନା ଦେଇଛନ୍ତ। ୩୧ ବର୍ଷୀୟା ଗାର୍ସିଆ ୧୫ବର୍ଷର କ୍ୟାରିଅରରେ ମୋଟ୍ ୧୧ଟି ଏକକ ଓ ୮ଟି ଯୁଗଳ ଟାଇଟଲ ହାସଲ କରିଛନ୍ତି। ୨୦୧୬ ଓ ୨୦୨୨ ଫ୍ରେଞ୍ଚ୍ ଓପନ୍ ଟୁର୍ଣ୍ଣାମେଣ୍ଟରେ ସେ ଡବଲ୍ସ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛନ୍ତି। ୨୦୧୮ ସେପ୍ଟେମ୍ବର ୧୦ରେ ସେ ଡବ୍ଲ୍ୟୁଟିଏ ର୍‌ୟାଙ୍କିଙ୍ଗ୍‌ରେ କ୍ୟାରିଅର ଶ୍ରେଷ୍ଠ ୪ ନଂ ସ୍ଥାନ ଅଧିକାର କରିଥିଲେ। ୨୦୨୨ରେ ସେ ୟୁଏସ୍ ସେମିଫାଇନାଲରେ ପ୍ରବେଶ କରିଥିଲେ। ଏବେ ସେ ଡବ୍ଲ୍ୟୁଟିଏ ର୍‌ୟାଙ୍କିଙ୍ଗ୍‌ର ୧୪୫ତମ ସ୍ଥାନରେ ରହିଛନ୍ତି।

### ଜୁନିଅର ଡେଭିସ୍ କପ୍

## ପାକିସ୍ତାନକୁ ଭେଟିବ ଭାରତ

ନୂଆଦିଲ୍ଲୀ,୨୪।୫(ଏଜେନ୍ସି): ୧୬ ବର୍ଷରୁ କମ୍ ଏସିଆ- ଓସେନିଆ ଜୁନିଅର ଡେଭିସ୍ କପ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। କାଜାଖସ୍ତାନର ସିମ୍‌କେଣ୍ଟରେ ଦୁଇ ଦେଶ ଏକାଦଶ ସ୍ଥାନ ପାଇଁ ମୁହାଁମୁହିଁ ହେବେ। ଏହାପୂର୍ବରୁ ଭାରତ ୧-୨ରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା। ସେହିପରି ଜାପାନ ଓ କୋରିଆ ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ଜାପାନ ଚାଇନିଜ ତାଇପେ ଓ କୋରିଆ ଚୀନକୁ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି। ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ୪ଟି ଦଳ ବିଶ୍ୱ ଗ୍ରୁପ୍ ପର୍ଯ୍ୟାୟକୁ ଉଠିବେ। ଏହି ପର୍ଯ୍ୟାୟ ୟୁରୋପରେ ଖେଳାଯିବ।

### ନାଡାଲଙ୍କ ବିନା ଫ୍ରେଞ୍ଚ୍ ଓପନ୍ ଟେନିସ୍ ଆଜିଠାରୁ

# ସିନର୍, ସାବାଲେଙ୍କା ଶ୍ରେଷ୍ଠ ସିଡ୍

ପ୍ୟାରିସ୍,୨୪।୫(ସମିସ)



ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍ ଟେନିସ ରବିବାରଠାରୁ ଆରମ୍ଭ ହେବ। ସ୍ଥାନୀୟ ରୋନାଲ୍ଡ ଗ୍ୟାରସରେ ବିଶ୍ୱର ଶ୍ରେଷ୍ଠ ଟେନିସ ଖେଳାଳିମାନେ ଟାଇଟଲ ପାଇଁ କ୍ଲେ- କୋର୍ଟରେ ଅବତୀର୍ଣ୍ଣ ହେବେ। ମେ ୨୫ରୁ ଏହି ପ୍ରତଯୋଗିତା ଆରମ୍ଭ ହୋଇ ଜୁନ୍ ୮ରେ ଶେଷ ହେବ। ପୁରୁଷ ଏକକରେ ଇଟାଲୀର ଜାନିକ ସିନରଙ୍କୁ ଓ ମହିଳା ଏକକରେ ବେଲାରୁଷର ଅରିନା ସାବାଲେଙ୍କାଙ୍କୁ ଶ୍ରେଷ୍ଠ ସିଡ୍ ମାନ୍ୟତା ପ୍ରଦାନ କରାଯାଇଛି। ସ୍ପେନ୍‌ର କାର୍ଲୋସ ଆଲକାରାଜ, ଜର୍ମାନୀ ଆଲେକଜାଣ୍ଡର ଜ୍ୱେରେଭ, ଆମେରିକାର ଟେଲର ଫ୍ରିଜ୍, ବ୍ରିଟେନର ଜ୍ୟାକ ଡ୍ରାପରଙ୍କୁ ଯଥାକ୍ରମେ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ୫ମ ସିଡ୍ ମାନ୍ୟତା ପ୍ରଦାନ କରାଯାଇଛି। ଅପରପକ୍ଷରେ ମହିଳା ଏକକରେ ଆମେରିକାର କୋକୋ ଗଫ୍, ଜେସିକା ପେଗୁଲା, ଇଟାଲୀରୀ ଜସ୍ମିନ ପାଓଲିନ୍, ପୋଲାଣ୍ଡର ଇଗା ସ୍ୱିଆଟେକଙ୍କୁ ଯଥାକ୍ରମେ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ୫ମ ସିଡ୍ ମାନ୍ୟତା ପ୍ରଦାନ କରାଯାଇଛି। ଗତ ସଂସ୍କରଣରେ ଅଲକାରାଜ ଓ ସ୍ୱିଆଟେକ ଟାଇଟଲ ଜିତିଥିଲେ। ତେବେ ଏହି ଦୁଇ ଖେଳାଳିଙ୍କୁ ଟାଇଟଲ ବଜାୟ ରଖିବାକୁ ଏଥର କଷ୍ଟକର ହେବ। ଏଥର ଟାଇଟଲ ପାଇଁ ସିଡେଡ ଖେଳାଳିମାନଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱୀତା ଦେଖିବାକୁ ମିଳିବ। ଫ୍ରେଞ୍ଚ୍ ଓପନର ସଫଳତମ ଖେଳାଳି ରାଫେଲ ନାଡାଲଙ୍କ ବିନା ଏଥର ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବ। ଅର୍ଥାତ୍ ନାଡାଲ ଅବସର ନେବା ପରେ ପ୍ରଥମଥର ପାଇଁ ଫ୍ରେଞ୍ଚ୍ ଓପନ୍ ଖେଳାଯିବ।

#### ଯୁଗଳରେ ୧୮ ବର୍ଷୀୟ ତ୍ୟାଗୀ ସମେତ ୫ ଭାରତୀୟ ଖେଳାଳି

ପୁରୁଷ ଏକକରେ ସୁମିତ ନାଗଲ ଏକମାତ୍ର ଭାରତୀୟ ଭାବେ ଅଭିଯାନ ଜରି ରଖିବେ ବୋଲି ଆଶା କରାଯାଉଥିଲେ ମଧ୍ୟ ସେ କ୍ୱାଲିଫାୟର୍ସରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଉଭୟ ପରୁଷ ଓ ମହିଳା ଏକକରେ ଭାରତୀୟଙ୍କ ମରୁଡି ଦେଖିବାକୁ ମିଳିବ। ଗତବର୍ଷ ମଧ୍ୟ ସେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ। ବିଶ୍ୱର ୧୭୧ତମ ସ୍ଥାନରେ ରହିଥିବା ନାଡାଲ ପ୍ରଥମ ରାଉଣ୍ଡରେ ରୁଷିଆର କାରେନ ଖାଚାନୋଭଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଥିଲେ। ଏଥର ଫ୍ରେଞ୍ଚ୍ ଓପନ୍ ଏକକ ଇଭେଣ୍ଟରେ କୌଣସି ଭାରତୀୟ ଖେଳାଳିଙ୍କୁ ଦେଖିବାକୁ ମିଳିବ ନାହିଁ। ତେଣୁ ଭାରତୀୟ ଖେଳାଳିମାନେ କେବଳ ପୁରୁଷ ଯୁଗଳ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଗତବର୍ଷ ସେମିଫାଇନାଲରେ ପ୍ରବେଶ କରିଥିବା ୪୪ ବର୍ଷୀୟ ରୋହନ ବୋପାନ୍ନା ଏଥର ମଧ୍ୟ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ସେହିପରି ଏନ୍ ଶ୍ରୀରାମ ବାଲଜୀ, ୟୁକି ଭାମ୍ବ୍ରୀ, ଋଥଭିକ୍ ବୋଲିପାଲି ଓ ୧୮ ବର୍ଷୀୟ କ୍ରିସ୍ ତ୍ୟାଗୀ ମଧ୍ୟ ସେମାନଙ୍କ ପାର୍ଟନରଙ୍କ ସହ ଯୁଗଳ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ। ସେହିପରି ମିଶ୍ରିତ ଯୁଗଳରେ ମଧ୍ୟ ଭାରତୀୟ ଖେଳାଳିମାନେ ଅଂଶଗ୍ରହଣ କରିବେ। ଯୁଗଳ ଓ ମିଶ୍ରିତ ଯୁଗଳର ଡ୍ର ପରେ ଘୋଷଣା କରାଯିବ।

#### ନାଡାଲଙ୍କୁ ଦିଆଯିବ ସ୍ୱତନ୍ତ୍ର ସମ୍ମାନ

ଏଥର କ୍ଲେ- କୋର୍ଟର ରାଜା କୁହାଯାଇଥିବା ଓପନର ସଫଳତମ ଖେଳାଳି ସ୍ପେନ୍‌ର ରାଫେଲ ନାଦାଲଙ୍କୁ ଏଥର କୋର୍ଟରେ ଦେଖିବାକୁ ମିଳିବ ନାହିଁ। ଫ୍ରେଞ୍ଚ୍ ଓପନରେ ନାଡ଼ାଲ ଦୃଷ୍ଟାନ୍ତମୂଳକ ସଫଳତା ଅର୍ଜନ କରିଛନ୍ତି। ୨୨ଟି ଗ୍ରାଣ୍ଡସ୍ଲାମ ଜିତିଥିବା ନାଡ଼ାଲ ୧୪ଥର ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇ ଏକ ରେକର୍ଡ କରିଛନ୍ତି। ଦୁଇଥର ଅଲିମ୍ପିକ୍ସ ଚାମ୍ପିଅନ (ବେଜିଂ ୨୦୦୮ ଏକକ, ରିଓ ୨୦୧୬ ଯୁଗଳ) ହୋଇଥିବା ୩୮ ବର୍ଷୀୟ ନାଦାଲ ଗତବର୍ଷ ନଭେମ୍ବରରେ ଟେନିସରୁ ଅବସର ଘୋଷଣା କରିଥିଲେ। ଦୀର୍ଘ ୨୩ ବର୍ଷର ଉଜ୍ଜଳମୟ କ୍ୟାରିଅରରେ ନାଦାଲ ମୋଟ୍ ୯୨ଟି ଟାଇଟଲ ହାସଲ କରି ଓପନ୍ ଏରାରେ ୫ମ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

**ଫ୍ରେଞ୍ଚ୍ ଓପନ ଟେନିସ୍- ୨୦୨୫**

| | |
|---|---|
| ସଂସ୍କରଣ | : ୧୨୪ତମ |
| ସର୍ଫେସ | : କ୍ଲେ କୋର୍ଟ |
| ଭେନ୍ୟୁ | : ରୋଲାଣ୍ଡ ଗ୍ୟାରସ ଷ୍ଟାଡିୟମ, ପ୍ୟାରିସ୍ |
| ଟପ୍ ସିଡ୍ ପୁରୁଷ | : ଜାନିକ ସିନର |
| ଟପ୍ ସିଡ୍ ମହିଳା | : ଅରିନା ସାବାଲେଙ୍କା |
| **ଗତଥର ଚାମ୍ପିଅନ** | |
| ପୁରୁଷ | - କର୍ଲୋସ ଆଲକାରଜ |
| ମହିଳା | - ଇଗା ସ୍ୱିଆଟେକ |
| ସିଧାପ୍ରସାରଣ | : ସୋନି ଟେନ ନେଟ୍‌ୱର୍କ, |
| ଲାଇଭଷ୍ଟ୍ରିମିଂ | : ସୋନୀଲିଭ୍, ଫ୍ୟାନ୍‌କୋଡ୍ |

**ଆଜିର ମ୍ୟାଚ୍**

| | |
|---|---|
| ଗୁଜରାଟ ବନାମ ଚେନ୍ନାଇ | |
| ଅପରାହ୍ଣ ୩.୩୦ | ଅହମ୍ମଦାବାଦ |
| ହାଇଦରାବାଦ୍ ବନାମ କୋଲକାତା | |
| ରାତି ୭ଟା ୩୦ | ନୂଆଦିଲ୍ଲୀ |

## ଟାଇଟନ୍ସରୁ ସର୍ବାଧିକ ୫; ଆର୍‌ସିବି ନିରାଶ

ନୂଆଦିଲ୍ଲୀ, ୨୪।୫ (ଏଜେନ୍ସି): ଆଗାମୀ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଲାଗି ନୂଆ ଅଧିନାୟକ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଶନିବାର ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। କରୁନ ନାୟାର ଦୀର୍ଘ ୭ ବର୍ଷ ପରେ ଦଳକୁ ଫେରିଥିବାବେଳେ ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ, ନୀତୀଶ ରେଡ୍ଡୀଙ୍କୁ ମଧ୍ୟ ସୁଯୋଗ ମିଳିଛି। ତେବେ ବର୍ତ୍ତମାନ ଆଇପିଏଲର ୧୮ତମ ସଂସ୍କରଣ ଖେଳ ଜାରି ରହିଥିବାରୁ ଏହି ଲିଗ୍‌ର କେଉଁ ଦଳରୁ ସର୍ବାଧିକ ଖେଳାଳି ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇଛନ୍ତି ତାହାକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ଉତ୍ସୁକତା ରହିଛି। ରିପୋର୍ଟ ମୁତାବକ ଗୁଜରାଟ ଟାଇଟନ୍ସର ସର୍ବାଧିକ ୫ଜଣ ଖେଳାଳି ଘୋଷିତ ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ଅଧିନାୟକ ଗିଲ୍‌ଙ୍କ ବ୍ୟତୀତ ସୁଦର୍ଶନ, ୱାଶିଂଟନ ସୁନ୍ଦର, ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା ରହିଛନ୍ତି। ତେବେ ଭାରତୀୟ ଟେଷ୍ଟ ଦଳ ଘୋଷଣାରେ ସବୁଠୁ ନିରାଶ ହୋଇଛି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)। ଘୋଷିତ ଭାରତୀୟ ଟେଷ୍ଟ ଦଳରେ ଆର୍‌ସିବିର ଜଣେ ହେଲେ ଖେଳାଳି ସ୍ଥାନ ପାଇନାହାନ୍ତି। ବିରାଟ କୋହଲି ଟେଷ୍ଟରୁ ଅବସର ନେଇସାରିଥିବାରୁ ଆର୍‌ସିବିର ପ୍ରତିନିଧିତ୍ୱ ଟେଷ୍ଟ ଦଳରେ ଶୂନ୍ୟ ହୋଇଯାଇଛି। ଅନ୍ୟ ଫ୍ରାଞ୍ଚାଇଜଗୁଡ଼ିକ ମଧ୍ୟରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସରୁ ୩ଜଣ ଲେଖାଏ ଖେଳାଳି ସ୍ଥାନ ପାଇଛନ୍ତି। ସୁପର୍ ଜାଏଣ୍ଟ୍ସର ଋଷଭ ପନ୍ତ, ଶାର୍ଦ୍ଦୁଳ ଠାକୁର ଓ ଆକାଶଦୀପ୍ ଏବଂ କ୍ୟାପିଟାଲ୍ସର ଲୋକେଶ ରାହୁଲ, କୁଲଦୀପ୍ ଯାଦବ ଓ କରୁଣଙ୍କୁ ସୁଯୋଗ ମିଳିଛି। ସେହିଭଳି ରାଜସ୍ଥାନରୁ ଯଶସ୍ୱୀ ଜୟସ୍ୱାଲ ଓ ଧ୍ରୁବ ଜୁରେଲ ଏବଂ ମୁମ୍ବାଇ ଇଣ୍ଡିଆନ୍ସରୁ ଯଶପ୍ରୀତ ବୁମରା, ଚେନ୍ନାଇ ସୁପର୍ କିଙ୍ଗସର ରବୀନ୍ଦ୍ର ଜାଡେଜା ଓ ସନରାଇଜର୍ସ ହାଇଦରାବାଦରୁ ନୀତୀଶ ରେଡ୍ଡୀ ରହିଛନ୍ତି।

**ଇଂଲଣ୍ଡ ଟୁର ଜୁନ୍ ୨୦ରୁ**

# ଶୁବମନ୍ ଭାରତର ନୂଆ ଟେଷ୍ଟ ଅଧିନାୟକ



ନୂଆଦିଲ୍ଲୀ,୨୪।୫ (ଏଜେନ୍ସି): ଯୁବ ଖେଳାଳି ଶୁବମନ ଗିଲ୍ ଭାରତୀୟ ଟେଷ୍ଟ ଦଳର ନୂଆ ଅଧିନାୟକ ନିଯୁକ୍ତ ହୋଇଛନ୍ତି। ଇଂଲଣ୍ଡ ସହ ଜୁନ୍ ୨୦ରୁ ଆରମ୍ଭ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ସେ ତାଙ୍କ ଅଧିନାୟକ ଇଂନିସ ଆରମ୍ଭ କରିବେ। ଟେଷ୍ଟ କ୍ରିକେଟରୁ ଅବସର ନେଇଥିବା ଅଧିନାୟକ ରୋହିତ ଶର୍ମାଙ୍କ ସ୍ଥାନରେ ସେ ଟେଷ୍ଟ ଦଳର ନେତୃତ୍ୱ ନେବେ। ରୋହିତଙ୍କ ଅନୁପସ୍ଥିତିରେ ଭାରତୀୟ ଦଳର ପୂର୍ବରୁ ନେତୃତ୍ୱ ନେଇଥିବା ଫାଷ୍ଟ ବୋଲର ଯଶପ୍ରୀତ ବୁମ୍‌ରା ଏହି ସିରିଜ୍‌ରେ ସମସ୍ତ ଟେଷ୍ଟ ଖେଳିପାରିବେ ନାହିଁ। ୱାର୍କଲୋଡ ମ୍ୟାନେଜ୍‌ମେଣ୍ଟ ଯୋଗୁଁ ତାଙ୍କୁ ବିଶ୍ରାମ ଦିଆଯିବ। ଏଣୁ ଶୁବମନଙ୍କୁ ଭାରତୀୟ ଟେଷ୍ଟ ଦଳର ନିୟମିତ ଅଧିନାୟକ ମନୋନୀତ କରାଯାଇଛି ବୋଲି ଶନିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଜାତୀୟ ବରିଷ୍ଠ ଚୟନ କମିଟି ମୁଖ୍ୟ ଅଜିତ ଅଗରକର। ସେହିପରି ୱିକେଟରକ୍ଷକ ଋଷଭ ପନ୍ତ୍‌ଙ୍କୁ ଦଳର ଉପଅଧିନାୟକ ମନୋନୀତ କରାଯାଇଛି। ୧୮ ଜଣିଆ ଦଳରେ ଅନେକ ଯୁବ ଖେଳାଳି ସ୍ଥାନ ପାଇଛନ୍ତି। ଜୟସ୍ୱାଲ, ଅଭିମନ୍ୟୁ ଈଶ୍ୱରନ, ସାଇ ସୁଦର୍ଶନ, ଦ୍ୱିତୀୟ ୱିକେଟ ରକ୍ଷକ ଜୁରେଲ, ସୀମିତ ଓଭର ବୋଲର ଅର୍ଶଦୀପଙ୍କୁ ସାମିଲ କରାଯାଇଛି। ଅଷ୍ଟ୍ରେଲିଆ ଗସ୍ତରେ ଦଳରେ ସ୍ଥାନ ପାଇଥିବା ସର୍ଫରାଜ ଖାନ୍ ଓ ହର୍ଷିତ ରାଣାଙ୍କୁ ଏହି ଟେଷ୍ଟ ଦଳରୁ ବାଦ୍ ଦିଆଯାଇଛି। ଫାଷ୍ଟ ବୋଲର ମହମ୍ମଦ ସାମି ଟେଷ୍ଟ ମ୍ୟାଚ୍ ଲାଗି ପୂରା ଫିଟ ହୋଇ ନ ଥିବାରୁ ତାଙ୍କୁ ନିଆଯାଇନାହିଁ।

ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଭାରତୀୟ ବ୍ୟାଟିଂ ବିଦେଶରେ କିପରି କ୍ଲିକ୍ କରିବ ତାହାକୁ ନେଇ ସନ୍ଦେହ ରହିଛି। ଗିଲଙ୍କ ନେତୃତ୍ୱରେ ଜୟସ୍ୱାଲ, ଲୋକେଶ ରାହୁଲ, ଇଶ୍ୱରନ୍, ପନ୍ତ, ସୁଦର୍ଶନ ଓ ଦଳକୁ ଫେରିଥିବା କରୁନ ନାୟାର ପ୍ରମୁଖ ବ୍ୟାଟିଂ ଦାୟିତ୍ୱରେ ରହିବେ। ୧୮ ଜଣିଆ ଦଳରେ ୪ଜଣ ଅଲରାଉଣ୍ଡର ରହିଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇ ଜଣ ପେସ୍ ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡି ଓ ଶାର୍ଦ୍ଦୁଳ ଠାକୁର ରହିଛନ୍ତି। ଅନ୍ୟ ଦୁଇ ସ୍ପିନ୍ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦରଙ୍କୁ ସ୍ଥାନ ମିଳିଛି। ଯଶପ୍ରୀତ୍ ବୁମ୍‌ରାଙ୍କ ନେତୃତ୍ୱରେ ଦଳରେ ୫ ଫାଷ୍ଟ ବୋଲରଙ୍କୁ ନିଆଯାଇଛି। ଅନ୍ୟମାନେ ହେଲେ ମହମ୍ମଦ୍ ସିରାଜ, ଆକାଶ ଦୀପ୍, ପ୍ରସିଦ୍ଧ କ୍ରିଷ୍ଣା ଓ ଅର୍ଶଦୀପ ସିଂହ। କୁଲଦୀପ ଯାଦବ ଏକମାତ୍ର ବିଶେଷଜ୍ଞ ସ୍ପିନର ଭାବେ ଦଳରେ ନିଆଯାଇଛି।

### ନୂଆ ଯୁଗ ଆରମ୍ଭ

କିଂବଦନ୍ତୀ ଖେଳାଳି ବିରାଟ କୋହଲି, ଅଧିନାୟକ ରୋହିତ ଶର୍ମା ଓ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ଅବସର ପରେ ଭାରତ ପ୍ରଥମଥର ଏକ ଟେଷ୍ଟ ସିରିଜ୍ ଖେଳିବାକୁ ଯାଉଛି। ପର୍ଯ୍ୟାପ୍ତ ଫିଟ୍ ହୋଇ ନ ଥିବାରୁ ମହମ୍ମଦ୍ ସାମି ମଧ୍ୟ ଦଳରେ ନାହାନ୍ତି। ଫଳରେ ଏହି ସିରିଜ୍‌ରୁ ଭାରତୀୟ କ୍ରିକେଟରେ ଏକ ନୂଆ ଯୁଗ ଆରମ୍ଭ ହେବାକୁ ଯାଉଛି। ଶୁବମନ ଗିଲ୍ ଏହି ଯୁଗର ପ୍ରଥମ ନେତୃତ୍ୱ ନେବାକୁ ଯାଉଛନ୍ତି। ପୂର୍ବରୁ ଭାରତର ଟି-୨୦ ଦଳ ଓ ଆଇପିଏଲ୍‌ରେ ଗୁଜରାଟ ଟାଇଟନ୍ସର ନେତୃତ୍ୱ ନେଇ ସେ ବେଶ ସଫଳତା ପାଇଛନ୍ତି। ନେତୃତ୍ୱ ନେବାରେ ପରିପକ୍ୱତା ଓ ଥଣ୍ଡା ମିଜାଜ ଲାଗି ସେ କୋଚ୍ ଓ ସାଥି ଖେଳାଳିଙ୍କଠାରୁ ପ୍ରଶଂସା ପାଇଛନ୍ତି। ୨୦୨୦ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ବର୍ଡର-ଗାଭାସ୍କର ସିରିଜ୍‌ରେ ସେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ। ସେ ୩୨ଟି ଟେଷ୍ଟ ଖେଳି ୩୫.୦୫ ହାରରେ ୧୮୯୩ ରନ୍ ମଧ୍ୟ ସଂଗ୍ରହ କରିଛନ୍ତି। ତାଙ୍କ ନିକଟରେ ଥିବା ପ୍ରତିଭା ଓ ଦକ୍ଷତା ଯୋଗୁଁ ଭାରତ ଏକ ସଫଳ ଅଧିନାୟକ ପାଇବ ବୋଲି ଆଶା କରାଯାଉଛି।

### ୨୦ରୁ ଟେଷ୍ଟ ସିରିଜ୍ ଆରମ୍ଭ

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଲିଡ୍ସର ହେଡିଂଲେରେ ଜୁନ୍ ୨୦ରୁ ଆରମ୍ଭ ହେବ। ଏଠାରେ ସିରିଜ୍‌ର ପ୍ରଥମ ଟେଷ୍ଟ ଖେଳାଯିବ। ଏହା ପୂର୍ବରୁ କେଣ୍ଟ କାଉଣ୍ଟି କ୍ରିକେଟ ଗ୍ରାଉଣ୍ଡରେ ଭାରତ-ଏ' ଦଳ ସହ ଭାରତ ସିନିୟର ଦଳ ଏକ ଅଭ୍ୟାସ ମ୍ୟାଚ୍ ଖେଳିବ। ଭାରତ-ଏ ଦଳ ଏହା ପୂର୍ବରୁ ଇଂଲଣ୍ଡ ଗସ୍ତରେ ଯାଇଛି। ବର୍ମିଂହାମ୍‌ର ଏଜ୍‌ବାଷ୍ଟନରେ ଜୁଲାଇ ୨ରୁ ୬ ଯାଏ ଦ୍ୱିତୀୟ ଟେଷ୍ଟ, ଲଣ୍ଡନର ଲର୍ଡ୍ସଠାରେ ଜୁଲାଇ ୧୦ରୁ ୧୪ ଯାଏ ତୃତୀୟ ଟେଷ୍ଟ, ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡ୍‌ରେ ଜୁଲାଇ ୨୩ରୁ ୨୭ ଯାଏ ଚତୁର୍ଥ ଟେଷ୍ଟ ଓ ଲଣ୍ଡନର କେନିଂଟନ ଓଭାଲରେ ଜୁଲାଇ ୩୧ରୁ ଅଗଷ୍ଟ ୪ ଯାଏ ପଞ୍ଚମ ତଥା ଶେଷ ଟେଷ୍ଟ ମ୍ୟାଚ୍ ଖେଳାଯିବ।

### ଭାରତୀୟ ଦଳ

ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ (ଉପଅଧିନାୟକ/ ୱିକେଟରକ୍ଷକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ, କରୁନ ନାୟାର, ନୀତୀଶ ରେଡ୍ଡୀ, ଧ୍ରୁବ ଜୁରେଲ (ୱିକେଟରକ୍ଷକ), ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଶାର୍ଦ୍ଦୁଳ ଠାକୁର, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଆକାଶ ଦୀପ ଓ ଅର୍ଶଦୀପ ସିଂହ।

**ଇତିହାସ ସୃଷ୍ଟି କଲେ ଓଡ଼ିଶା ଏଫ୍‌ସିର ରାହୁଲ କେପି**

## ପ୍ରଥମ ଭାରତୀୟ ଭାବେ ଇପିଏଲ୍ କ୍ଲବ ୱେଷ୍ଟହାମ୍ ତରଫରୁ ଖେଳିବେ

ଭୁବନେଶ୍ୱର,୨୪।୫(ସମିସ): ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ) କ୍ଲବ ଓଡ଼ିଶା ଏଫ୍‌ସି ୱିଙ୍ଗର ତଥା ଫରୱାର୍ଡ ରାହୁଲ କାନୋଲି ପ୍ରବୀଣ ଇତିହାସ ସୃଷ୍ଟି କରିଛନ୍ତି। ସେ ପ୍ରଥମ ଭାରତୀୟ ଫୁଟବଲର ଭାବେ ଇଂଲିଶ ପ୍ରିମିୟର ଲିଗ୍ (ଇପିଏଲ୍)



ରେ ୱେଷ୍ଟହାମ ୟୁନାଇଟେଡ ତରଫରୁ ପ୍ରତିନିଧିତ୍ୱ କରିବେ। ୨୫ ବର୍ଷୀୟ ରାହୁଲଙ୍କ ସହ ଚୁକ୍ତି କରିବା ନେଇ ଶୁକ୍ରବାର ୱେଷ୍ଟହାମ୍ ତରଫରୁ ସୂଚନା ଦିଆଯାଇଛି। ସେ ଏବେ ଆମେରିକାର ଆୟୋଜନ ହେବାକୁ ଯାଉଥିବା ୭-ଏ-ସାଇଡ୍ ଫୁଟବଲ 'ଦି ସକର ଟୁର୍ଣ୍ଣାମେଣ୍ଟ (ଟିଏସ୍‌ଟି)'ଟୁର୍ଣ୍ଣାମେଣ୍ଟରେ ୱେଷ୍ଟହାମ୍ ତରଫରୁ ପ୍ରତିନିଧିତ୍ୱ କରିବେ।

ସେ ପ୍ରଥମ ଭାରତୀୟ ଖେଳାଳି ଭାବେ ଏହି ଟିଏସ୍‌ଟିରେ ଏବଂ କୌଣସି ଟପ୍- ଡିଭିଜନ ଇପିଏଲ୍ ପୁରୁଷ କ୍ଲବ ତରଫରୁ ପ୍ରତିନିଧିତ୍ୱ କରିବେ। ଏହା କେବଳ ରାହୁଲଙ୍କ ପାଇଁ ନୁହେଁ ଓଡ଼ିଶା ଓ ଭାରତୀୟ ଫୁଟବଲ ପାଇଁ ମଧ୍ୟ ଗୌରବର ବିଷୟ। ଆମେରିକାର ନର୍ଥ କାରିଲୋନାସ୍ଥିତ ରାଲେରେ ଏହି ଟୁର୍ଣ୍ଣାମେଣ୍ଟ ଜୁନ୍ ୪ରୁ ଆରମ୍ଭ ହୋଇ ୯ ତାରିଖରେ ଶେଷ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ କ୍ଲବ ତରଫରୁ ୟୁକେ, ସ୍ପେନ୍, ସ୍ୱିଜରଲାଣ୍ଡ, ବ୍ରାଜିଲ, ମେକ୍ସିକୋ, ନାଇଜେରିଆ ଓ ଭାରତ ତରଫରୁ ଫୁଟବଲରମାନେ ପ୍ରତିନିଧିତ୍ୱ କରିବେ। ଲୁଇସ୍ ନାନି, ସର୍ଗିଓ ଅଗୁଏରୋ ଓ ହୋପ୍ ସୋଲୋଙ୍କ ଭଳି ତାରକା ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ କ୍ଲବ ତରଫରୁ ପ୍ରତିନିଧିତ୍ୱ କରିବେ। ଟୁର୍ଣ୍ଣାମେଣ୍ଟରେ ଦଳଗୁଡିକୁ ୩ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ରାହୁଲ ଭାରତ ପାଇଁ ଏପର୍ଯ୍ୟନ୍ତ ୭ଟି ମ୍ୟାଚ୍ ଖେଳିଛନ୍ତି। ସେ ମଧ୍ୟ ୧୭,୨୦ ଓ ୨୩ ବର୍ଷରୁ କମ୍ ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରିଛନ୍ତି। ଓଡ଼ିଶା ଏଫ୍‌ସି ତରଫରୁ ୫ଟି ମ୍ୟାଚ୍ ଖେଳିଥିବା ରାହୁଲ ଇଣ୍ଡିଆନ ଆରୋଜ ତରଫରୁ ୩୭ ଓ କେରଳ ବ୍ଲାଷ୍ଟର୍ସ ପାଇଁ ୮୧ଟି ମ୍ୟାଚ୍ ଖେଳି ଯଥାକ୍ରମେ ୧, ୫ ଓ ୯ଟି ଗୋଲ ସ୍କୋର କରିଛନ୍ତି।

**■ ୧୭ ବର୍ଷରୁ କମ୍ ଫାଓ ଯୁବ ଲିଗ୍**

## ବିଡାନାସୀକୁ ହରାଇଲା ମଙ୍ଗଳା କ୍ଲବ୍



କଟକ,୨୪।୫(ସମିସ): ୧୭ ବର୍ଷରୁ କମ୍ ଫାଓ ଯୁବ ଲିଗ୍‌ରେ ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ମଙ୍ଗଳା କ୍ଲବ ବିଜୟୀ ହୋଇଛି। ଖେଳାଯାଇଥିବା ଏହି ଏକ ପାଖିଆ ମ୍ୟାଚ୍‌ରେ ମଙ୍ଗଳା କ୍ଲବ ୩-୦ ଗୋଲରେ ବିଡାନାସୀ କ୍ଲବକୁ ପରାସ୍ତ କରିଛି। ମଙ୍ଗଳା ତରଫରୁ ଅବିନାଶ ଦାସ ୧୯ ଓ ୬୭ତମ ମିନିଟ୍‌ରେ ଦୁଇଟି ଗୋଲ ସ୍କୋର କରିଥିବା ବେଳେ, ସାଇ ଦଲାଲ ୨୩ ତମ ମିନିଟ୍ ଗୋଲ ସ୍କୋର କରିଥିଲେ।

## କିଟ୍‌ରେ ଖୋର୍ଦ୍ଧା ଉପକନିଷ୍ଠ ଚେସ୍ ୨୮ରୁ

ଭୁବନେଶ୍ୱର,୨୪।୫ (ସମିସ): ଅଲ୍ ଓଡ଼ିଶା ଚେସ ସଂଘ ଓ ଖୋର୍ଦ୍ଧା ଜିଲ୍ଲା ଚେସ୍ ସଂଘର ମିଳିତ ସହଯୋଗରେ ଖୋର୍ଦ୍ଧା ଜିଲ୍ଲା ୧୫ ବର୍ଷରୁ କମ୍ ଉପ କନିଷ୍ଠ ଚେସ୍ ପ୍ରତିଯୋଗିତା ଚଳିତମାସ ୨୮ରୁ ଖେଳାଯିବ। କିଟ୍ ଡିମ୍ଡ ୟୁନିଭର୍ସିଟି ପରିସରରେ ଖେଳାଯିବାକୁ ଥିବା ଏହି ଦୁଇଦିନିଆ ଟୁର୍ଣ୍ଣାମେଣ୍ଟରେ ଉଭୟ ବାଳକ ଓ ବାଳିକା ଖେଳାଳିମାନେ ଅଂଶଗ୍ରହଣ କରିପାରିବେ। କୃତୀ ଖେଳାଳିମାନଙ୍କୁ ନଗଦ ଅର୍ଥ ସହ ୨୪ଟି ଟ୍ରଫି ପୁରସ୍କାର ଆକାରରେ ପ୍ରଦାନ କରାଯିବ ବୋଲି ଖୋର୍ଦ୍ଧା ଜିଲ୍ଲା ଚେସ ସଂଘ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏଥିରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଖେଳାଳିମାନେ ଖୋର୍ଦ୍ଧା ଜିଲ୍ଲା ଚେସ ସଂଘର ବରିଷ୍ଠ ସଦସ୍ୟ ସ୍ୱୟଂଶୁ ସତ୍ୟକାମଙ୍କୁ ଫୋନ ନଂ- ୯୯୩୭୦-୦୭୯୪୫ କିମ୍ବା ଡଃ ଦୁର୍ଗା ଷଡଙ୍ଗୀଙ୍କୁ ଫୋନ୍ ନଂ- ୯୯୩୭୧-୩୭୬୮୦ରେ ଯୋଗାଯୋଗ କରିପାରିବେ।

## ନର୍ଥଇଷ୍ଟ ଦୃଷ୍ଟିବାଧିତ ଫୁଟ୍‌ବଲରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୨୪।୫ (ସମିସ): ଗୌହାଟୀଠାରେ ଆସନ୍ତା ମେ ୨୬ରୁ ନର୍ଥଇଷ୍ଟ ଦୃଷ୍ଟିବାଧିତ ଫୁଟ୍‌ବଲ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳ ଅଂଶଗ୍ରହଣ କରିବ। ଏଥିଲାଗି ଓଡ଼ିଶା ଦଳ ଶନିବାର ଗୌହାଟୀ ଅଭିମୁଖେ ଯାତ୍ରା କରିଛି। ଏହି ଟୁର୍ଣ୍ଣାମେଣ୍ଟ ଲାଗି ସାମାଜିକ ଅନୁଷ୍ଠାନ 'ବୁଲ୍ସଆଇ' ପକ୍ଷରୁ ଓଡ଼ିଶା ଦଳର ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ତାଲିମ ଶିବିରର ଉଦ୍‌ଯାପନୀ ଦିବସରେ ଶନିବାର ଓଡ଼ିଶା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅର୍ଥ ପରାମର୍ଶଦାତା ସୁଶ୍ରୀ ଜୟଶ୍ରୀ ତ୍ରିପାଠୀ, ସନ୍ତୋଷୀ ଜୈନ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଗୌହାଟୀ ଗସ୍ତ ପୂର୍ବରୁ ଶୁଭେଚ୍ଛା ଓ ଶୁଭକାମନା




ଜଣାଇଛନ୍ତି। ତ୍ରିଲୋଚନ ବେଉରା ଉଭୟ ବାଳକ ଓ ବାଳିକା ଦଳର ପ୍ରଶିକ୍ଷକ ଓ ଅବିନାଶ ସୌରା ଗୋଲ୍‌ରକ୍ଷକ ଗାଇଡ୍ ଭାବେ ଭାବେ ଗସ୍ତ କରିଛନ୍ତି।

**ଓଡ଼ିଶା ବାଳକ ଦଳ:** ଆଶିଷ କୁମାର ସାହୁ (ଅଧିନାୟକ), ଦୀପକ ସିଂ, ମିଥୁନ ତୁବିଦ୍, ଦେବଦତ୍ତ ବେହେରା, ଆଲୋକଦୀପ୍ (ଉପଅଧିନାୟକ), ଆକାଶ ପୋଡିଆମି (ଗୋଲରକ୍ଷକ)।

**ଓଡ଼ିଶା ବାଳିକା ଦଳ:** ପ୍ରିୟଙ୍କା ସ୍ୱାଇଁ (ଅଧିନାୟିକା), ଗିରିବାଳା ଶବର, ପ୍ରିୟଙ୍କା ଦାସ, ତନିଶା ହରିଜନ, ମାଳତୀ ହେମ୍ବ୍ରମ, ଓଶି ମଲିକ, ସ୍ଥିତିପ୍ରଜ୍ଞା ବାରିକ (ଉଭୟ ଗୋଲ୍‌ରକ୍ଷକ)।

## ବୀରେନ୍ଦ୍ର ଲାକ୍ରା ଭାରତୀୟ କନିଷ୍ଠ ହକି ଦଳର ସହ-ପ୍ରଶିକ୍ଷକ

ଭୁବନେଶ୍ୱର, ୨୪।୫ (ସମିସ): ଟୋକିଓ ଅଲିମ୍ପିକ୍ ପଦକ ବିଜେତା ହକି ତାରକା ବୀରେନ୍ଦ୍ର ଲାକ୍ରାଙ୍କୁ ବଡ଼ ଦାୟିତ୍ୱ ମିଳିଛି। ହକି ଇଣ୍ଡିଆ ପକ୍ଷରୁ ବୀରେନ୍ଦ୍ରଙ୍କୁ ଶନିବାର ଭାରତୀୟ କନିଷ୍ଠ ପୁରୁଷ ଦଳର ସହାୟକ ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଛି। ଚଳିତ ବର୍ଷ କନିଷ୍ଠ ହକି ବିଶ୍ୱକପ୍ ଭଳି ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟ ଖେଳାଯିବାକୁ ଥିବାରୁ ଏହି ପୂର୍ବତନ ଡିଫେଣ୍ଡରଙ୍କୁ ବଡ଼ ଦାୟିତ୍ୱ ଦିଆଯାଇଛି। ପୂର୍ବତନ ଅଭିଜ୍ଞ ଗୋଲ୍‌ରକ୍ଷକ ପିଆର୍ ଶ୍ରୀଜେସ ପୂର୍ବରୁ କନିଷ୍ଠ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଫଳରେ ୩୫ ବର୍ଷୀୟ ବୀରେନ୍ଦ୍ର ଏବେ ଶ୍ରୀଜେସଙ୍କ ସହଯୋଗୀ ଭାବେ ଏକାଠି କାର୍ଯ୍ୟ କରିବେ। 'ଆଗକୁ ବିଶ୍ୱକପ୍ ଭଳି ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟ ସମୟରେ ଭାରତୀୟ କନିଷ୍ଠ ହକି ଦଳର ଅଂଶବିଶେଷ ହେବା ବିଶେଷ ସମ୍ମାନର କଥା। ଭାରତୀୟ ଜର୍ସି ପିନ୍ଧିବା ଲାଗି କ'ଣ ଆବଶ୍ୟକ ତାହା ମୁଁ ଜାଣେ। ସେହିଭଳି ଭାରତର ପରବର୍ତ୍ତୀ ପିଢ଼ିର ଖେଳାଳିଙ୍କୁ ବଡ଼ ପର୍ଯ୍ୟାୟ ପାଇଁ ପ୍ରସ୍ତୁତ ହେବାରେ ସାହାଯ୍ୟ କରିବାକୁ ଉତ୍ସାହିତ ରହିଛି' ବୋଲି ଏହି ବଡ଼ ଦାୟିତ୍ୱ ମିଳିବା ପରେ ବୀରେନ୍ଦ୍ର ଲାକ୍ରା କହିଛନ୍ତି।

କନିଷ୍ଠ ପୁରୁଷ ହକି ବିଶ୍ୱକପ୍ ନଭେମ୍ବର ୨୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଚେନ୍ନଇ ଓ ମଦୁରାଇରେ ଖେଳାଯିବ। ଏହି ବିଶ୍ୱକପ୍‌ରେ ଦଳର ରକ୍ଷଣଭାଗକୁ ଶକ୍ତ କରିବା ଲାକ୍ରାଙ୍କ ପ୍ରମୁଖ କାର୍ଯ୍ୟ ହେବ। 'ବୀରେନ୍ଦ୍ର ଦଳ ସହ ଯୋଗଦେବା ଆମ ପାଇଁ ଏକ ବଡ଼ ଉତ୍ସାହର କଥା। ତାଙ୍କର ଅଭିଜ୍ଞତା, କୌଶଳଗତ ବୁଦ୍ଧିମତା ଓ ଶାନ୍ତ ନେତୃତ୍ୱ ଯୁବ ଖେଳାଳିଙ୍କମାନଙ୍କ ପାଇଁ ବେଶ୍ ଅମୂଲ୍ୟ ହେବ' ବୋଲି ମୁଖ୍ୟ ପ୍ରଶିକ୍ଷକ ଶ୍ରୀଜେଶ କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ୨୦୧୦ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ବୀରେନ୍ଦ୍ର ପରବର୍ତ୍ତୀ ସମୟରେ ଭାରତୀୟ ଦଳର ଜଣେ ପ୍ରମୁଖ ଡିଫେଣ୍ଡର ଭାବେ ବିବେଚିତ ହୋଇଥିଲେ। ସେ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସରେ ଦୁଇଥର ୨୦୧୨ (ଲଣ୍ଡନ) ଓ ୨୦୨୦ (ଟୋକିଓ) ଖେଳିବାର ସୌଭାଗ୍ୟ ଲାଭ କରିଥିଲେ। ଟୋକିଓ ଅଲିମ୍ପିକ୍ସରେ ଐତିହାସିକ କାଂସ୍ୟ ଜିତିଥିବା ଭାରତୀୟ ହକି ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ। ସେହିଭଳି ୨୦୧୪ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଓ ୨୦୧୮ ସଂସ୍କରଣରେ କାଂସ୍ୟ, ୨୦୧୩ ଏସିଆ କପ୍‌ରେ ରୌପ୍ୟ, ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ଓ ୨୦୧୮ ଚାମ୍ପିଅନ୍ସ ଟ୍ରଫିରେ ରୌପ୍ୟପଦକ ଜିତିଥିବା ଭାରତୀୟ ଦଳରେ ସେ ପ୍ରମୁଖ ସଦସ୍ୟ ଥିଲେ।




**୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍**

## ଡିଏଲ୍‌ରେ ଜିତିଲା ବୌଦ୍ଧ

ଭୁବନେଶ୍ୱର, ୨୪।୫ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଶନିବାର ଖେଳାଯାଇଥିବା ଏକମାତ୍ର ମ୍ୟାଚରେ ବୌଦ୍ଧ ଡିଏଲ୍ ପଦ୍ଧତିରେ ୬ ୱିକେଟ୍‌ରେ ନୟାଗଡ଼କୁ ପରାସ୍ତ କରିଛି। ବିଡ଼ାନାସୀ କ୍ରିକେଟ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ନୟାଗଡ଼ ୧୮.୨ ଓଭରରେ ୧୧୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ ପ୍ରଧାନ ୨୮ ଓ ଦିବ୍ୟଜ୍ୟୋତି ପଟ୍ଟନାୟକ ୨୩ ରନ କରିଥିଲେ। ପ୍ରତିପକ୍ଷ ବୌଦ୍ଧର ସମ୍ପଦ କୁମାର ଦାସ ୫ଟି ଓ ଦୀପକ ପାତ୍ର ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ଏହାପରେ ଖରାପ ପାଗ ଲାଗି ଡିଏଲ୍ ପଦ୍ଧତିରେ ମ୍ୟାଚକୁ ୨୭ ଓଭରବିଶିଷ୍ଟ କରାଯାଇଥିଲା ଏବଂ ବୌଦ୍ଧ ସାମ୍ନାରେ ୮୪ ରନର ଲକ୍ଷ୍ୟ




ଧାର୍ଯ୍ୟ ହୋଇଥିଲା। ବୌଦ୍ଧ ଏହି ଲକ୍ଷ୍ୟକୁ ୨୦ ଓଭରରେ ୪ ୱିକେଟ୍ ହରାଇ ହାସଲ କରିନେଇଥିଲା। ଦୀପକ ପାତ୍ର ଅପରାଜିତ ୨୧ ଓ ସତ୍ୟବ୍ରତ ଦାସ ୨୦ ରନ କରିଥିଲେ। ପ୍ରଭାବୀ ବୋଲିଂ ଲାଗି ସମ୍ପଦଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ରେଭେନଶା ଗ୍ରାଉଣ୍ଡ-୧ରେ ସମ୍ବଲପୁର-ବି ଓ ରାୟଗଡ଼ା ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା।

**ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ**

## ସିପକ୍‌ଟାକ୍ରରେ ଓଡ଼ିଶାକୁ ରୌପ୍ୟ ଓ କାଂସ୍ୟ ସଫଳତା

ଭୁବନେଶ୍ୱର, ୨୪।୫ (ସମିସ): ଡାମନ ଓ ଡିଉଠାରେ ଅନୁଷ୍ଠିତ ପ୍ରଥମ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ସିପକ୍‌ଟାକ୍ର କ୍ରୀଡ଼ାରେ ଓଡ଼ିଶାକୁ ଏକାଧିକ ପଦକ ସଫଳତା ମିଳିଛି। ଓଡ଼ିଶା ମହିଳା ଦଳ ରୌପ୍ୟ ପଦକ ଜିତିଥିବାବେଳେ ପୁରୁଷ ଦଳ କ୍ୱାଡ୍ ଇଭେଣ୍ଟରେ କାଂସ୍ୟରେ ସନ୍ତୁଷ୍ଟ ରହିଥିଲା। ସେହିଭଳି ମହିଳା ଦଳ କ୍ୱାଡ୍‌ରେ କାଂସ୍ୟ ପଦକ ମଧ୍ୟ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

ଓଡ଼ିଶା ପୁରୁଷ ଦଳରେ ଆକାଶ ରେଡ୍ଡୀ, ବିକାଶ ରେଡ୍ଡୀ, ଗୁରୁ ମାଝୀ, ଆଶିଷ ପ୍ରଧାନ, ଶୁଭେନ୍ଦୁ ନାୟକ ଓ ବୁଲୁ ପାତ୍ର ସଦସ୍ୟ ରହିଥିଲେ। ଲଲାଟେନ୍ଦୁ ସ୍ୱାଇଁ ଦଳର ପ୍ରଶିକ୍ଷକ ଓ ସୁଶାନ୍ତ ଷଡ଼ଙ୍ଗୀ ମ୍ୟାନେଜର ଭାବେ ଦଳ ଦଳ ଗସ୍ତ କରିଥିଲେ। ସେହିଭଳି ଏ. ଶ୍ରାବଣୀ, ସଙ୍ଗୀତା କିଶାନ, ମଧୁସ୍ମିତା ବେହେରା, ଗାୟତ୍ରୀ ସାହୁ, ଇତିଶ୍ରୀ ସାମଲ ଓ ରାଇମଣି ଟୁଡୁ ରୌପ୍ୟ



ବିଜୟୀ ମହିଳା ଦଳର ସଦସ୍ୟା ରହିଛନ୍ତି। ମହିଳା ଦଳରେ ଲକ୍ଷ୍ମୀପ୍ରିୟା ନାୟକ ପ୍ରଶିକ୍ଷକ ଓ ସ୍ୱାରିକା ଦାଶ ମ୍ୟାନେଜର ଦାୟିତ୍ୱ ତୁଲାଇଥିଲେ। ଏହି ସଫଳତା ଲାଗି ରାଜ୍ୟ କ୍ରୀଡ଼ା ବିଭାଗ ସମେତ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ରାଜ୍ୟ ସିପକଟାକ୍ର ସଂଘର ସଭାପତି ସତ୍ୟବ୍ରତ ରଥ, ସାଧାରଣ ସମ୍ପାଦକ ପୃଥ୍ୱୀରାଜ ସାହୁ, ଉପସଭାପତି ମହମ୍ମଦ ଗୁଲଫାମ, ବିଶ୍ୱନାଥ ମିଶ୍ର ଓ କୋଷାଧ୍ୟକ୍ଷ ନିରୋଧ କୁମାର ସ୍ୱାଇଁ ପ୍ରମୁଖ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS